
ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଶନିବାର ୨୭ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 27 MARCH 2021
Vol.No. 32 ■ No. 82 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

## କରୋନା କଟକଣାରେ ପାଳନ ହେବ ଉତ୍କଳ ଦିବସ

ଭୁବନେଶ୍ୱର,୨୬/୦୩ (ନି.ପ୍ର): କରୋନା ସମୟରେ ଉତ୍କଳ ଦିବସ ପାଳନ ପାଇଁ ଗାଇଡଲାଇନ୍ ଜାରି କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର। ଉତ୍କଳ ଦିବସ ପାଳନ ସମୟରେ ରାଜ୍ୟରେ କୌଣସି ସ୍ଥାନରେ ବହୁ ମାତ୍ରାରେ ଲୋକଙ୍କ ସମାଗମ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଛି। ସରକାରୀ ବୈଠକ ଏବଂ ଉତ୍ସବ ପାଳନରେ ସର୍ବାଧିକ ୨୦୦ ଲୋକଙ୍କୁ ସାମିଲ ହେବାକୁ ଅନୁମତି ମିଳିଛି। କିନ୍ତୁ ସାମାଜିକ ଦୂରତା ରକ୍ଷା, ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯିବା ସହିତ ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ସଭା ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟକ୍ରମକୁ ବାଦ୍ ଦିଆଯାଇଛି। ସେହିପରି ସାମାଜିକ, ସାଂସ୍କୃତିକ, କ୍ରୀଡା, ମନୋରଂଜନ, ଶିକ୍ଷାନୁଷ୍ଠାନ ତଥା ଧାର୍ମିକ କାର୍ଯ୍ୟକ୍ରମ ଉପରେ କଟକଣା ଜାରି ହୋଇଛି ।

# ଦୁଇ ଦିନିଆ ବାଂଲାଦେଶ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦୀ

## ବାଂଲାଦେଶର ୫୦ତମ ସ୍ୱାଧୀନତା ଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହେଲେ ସାମିଲ

ବାଂଲାଦେଶ,୨୬/୦୩ : କରୋନା ମହାମାରୀ ବ୍ୟାପିବା ପରେ ପ୍ରଥମ ଥର ପାଇଁ ବିଦେଶ ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ବାଂଲାଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରେଡ କାର୍ପେଟରେ ସ୍ୱାଗତ କରାଯାଇଛି । ପ୍ରଧାନମନ୍ତ୍ରୀ ଶେଖ ହସିନା ନିଜେ ବିମାନ ବନ୍ଦରରେ ପହଂଚି ତାଙ୍କର ସ୍ୱାଗତ କରିଛନ୍ତି । ବାଂଲାଦେଶ ସ୍ୱାଧୀନତାର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହରେ ସାମିଲ ହେବା ସହ ବଙ୍ଗବନ୍ଧୁ ଶେଖ ମୁଜିବୁର ରେହମାନଙ୍କ ଶହେ ତମ ଜନ୍ମ ଜୟନ୍ତୀ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ବାଂଲାଦେଶରେ ଅଛନ୍ତି ମୋଦୀ । ଏହି ଦୁଇ କାର୍ଯ୍ୟକ୍ରମ ମୋଦୀ ମୁଖ୍ୟ ଅତିଥି ଅଛନ୍ତି । ଅପରପକ୍ଷରେ ଭାରତ ବାଂଲାଦେଶର କୂଟନୈତିକ ସମ୍ପର୍କକୁ ୫୦ ବର୍ଷ ପୂରଣ ହୋଇଛି



ଏପରି ସମୟରେ ମୋଦୀଙ୍କ ଗସ୍ତର ଗୁରୁତ୍ୱ ବଢିଯାଇଛି । ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବାଂଲାଦେଶର ସ୍ୱାଧୀନତା ସଂଗ୍ରାମ କଥା ମନେ ପକାଇଛନ୍ତି ପ୍ରଧାନମନ୍ତ୍ରୀ । ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ ବାଂଲାଦେଶ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ । ତେଣୁ ଏହାର ରାଜନୈତିକ ସମୀକରଣ ମଧ୍ୟ ରହିଛି । ମୋଦୀଙ୍କ ବାଂଲାଦେଶ ଗସ୍ତରୁ ରାଜନୈତିକ ସମୀକରଣକୁ ବାଦ୍ ଦେଲେ ମଧ ମୋଦୀଙ୍କ ଏହା ଗସ୍ତର ବେଶ ଗୁରୁତ୍ୱ ରହିଛି । କାରଣ ▶▶ପୃଷ୍ଠା ୭

# କୃଷକ ସଂଘର୍ଷ ସମନ୍ୱୟ ସମିତିର ଭାରତ ବନ୍ଦ ପାଳିତ

ଭୁବନେଶ୍ୱର,୨୬/୦୩ (ନି.ପ୍ର): କୃଷି ଆଇନ୍ ବାତିଲ ଦାବିରେ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଭାରତ ବନ୍ଦ ପାଳନ କରାଯାଇଛି। ରାଜ୍ୟର ୧୬ଟି ପ୍ରମୁଖ କୃଷକ ସଂଗଠନମାନଙ୍କୁ ନେଇ ଗଠିତ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି, ଓଡ଼ିଶା ଶାଖା ସାରା ରାଜ୍ୟରେ ଆଜିର ଆନ୍ଦୋଳନକୁ ୯ଟି ବାମ, ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ରାଜନୈତିକ ଦଳ, ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ, ସ୍ୱାଧୀନ ଫେଡ଼େରେସନ ଏବଂ ବିଭିନ୍ନସ୍ତରର ଶ୍ରମିକ କର୍ମଚାରୀ, ଯୁବ, ଛାତ୍ର, ମହିଳା ଏବଂ କୃଷି ଶ୍ରମିକ ସଂଗଠନମାନେ ସମର୍ଥନ ଜଣାଇଥିଲେ। ଅପରପକ୍ଷରେ



ପୋଲିସ୍ ପକ୍ଷରୁ କୁହାଯାଇଛି ଯେ, ଏହି ବନ୍ଦ ଯୋଗୁଁ କେଉଁଠି ବି ବିଶୃଙ୍ଖଳା ଦେଖା ଯାଇନି । ସବୁଠି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଓଡ଼ିଶାର ଭୁବନେଶ୍ୱରରେ ବନ୍ଦ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଛି ବୋଲି କୃଷକ ନେତା ସୁରେଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ରେଳ ଷ୍ଟେସନ, ମାଷ୍ଟର କ୍ୟାଂଟିନ ଛକ, ଜୟଦେବ ବିହାର ଛକସ୍ଥିତ ଜାତୀୟ ▶▶ପୃଷ୍ଠା ୭

# ପିପିଲି ଉପନିର୍ବାଚନ : ରୁଦ୍ର ମହାରଥୀଙ୍କୁ ପ୍ରାର୍ଥୀ ଘୋଷଣା କଲା ବିଜେଡି

ଭୁବନେଶ୍ୱର,୨୬/୦୩ (ନି.ପ୍ର): ପିପିଲି ଉପନିର୍ବାଚନ ପାଇଁ ସ୍ୱର୍ଗତ ବିଧାୟକ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ର ପ୍ରତାପ ମହାରଥୀଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଶୁକ୍ରବାର ଅପରାହ୍ନରେ ନବୀନ ନିବାସ ଠାରେ ଏହି ଘୋଷଣା କରିଛନ୍ତି। ଏହା ଫଳରେ ଦୀର୍ଘ ଦିନ ଧରି ବିଜେଡିର ପ୍ରାର୍ଥୀ ଚୟନକୁ ନେଇ ଚାଲିଥିବା ଚର୍ଚ୍ଚାର ଅନ୍ତ ହୋଇଛି। ପ୍ରାର୍ଥୀତ୍ୱ ଘୋଷଣା ପରେ ରୁଦ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ତାଙ୍କ



ଉପରେ ଭରସା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ। ବାପାଙ୍କର ଯାହାସବୁ ଅଧୁରା ସ୍ୱପ୍ନ ରହିଛି ତାହାକୁ ପୂରଣ କରିବି। ଡେଲାଙ୍ଗ-ପିପିଲିବାସୀ ସହଯୋଗ ଓ ସମର୍ଥନ କରିବେ ଏବଂ ଉପନିର୍ବାଚନରେ ନିଶ୍ଚିନ୍ତ ଭାବେ ଜୟଯୁକ୍ତ ହେବୁ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସେହିପରି ଟିକେଟ୍ ଦ୍ୱନ୍ଦ ସମ୍ପର୍କରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ମା ଟିକେଟ୍ ପାଇବା ଯାହା , ମୁଁ ଟିକେଟ୍ ପାଇବା ସମାନ। ମାଙ୍କର ଆଶୀର୍ବାଦ ମୋ ଉପରେ ରହିଛି। ବାପା , ମାଙ୍କ ବିନା ମୋର ଅସ୍ତିତ୍ୱ ନାହିଁ। ମୋର ଲଢେଇ ମୋ ସହ ହେବ ବୋଲି ସେ ପ୍ରତିକ୍ରିୟା ଦେଇଛନ୍ତି ରୁଦ୍ର। ▶▶ପୃଷ୍ଠା ୭

## କୋଟିଏ ଲୋକଙ୍କୁ ଦିଆଯିବ ଟିକା

ଭୁବନେଶ୍ୱର,୨୬/୦୩ (ନି.ପ୍ର): ଏପ୍ରିଲ ୧ରୁ ୪୫ ବର୍ଷରୁ ଅଧିକ ବୟସର ସମସ୍ତଙ୍କୁ ଟିକା ଦିଆଯିବ। ରାଜ୍ୟରେ କୋଟିଏ ଲୋକ ଟିକା ନେବେ। ରାଜ୍ୟର ଜନସଂଖ୍ୟା ହିସାବରେ ୨୫ ପ୍ରତିଶତ ଲୋକ ଟିକା ନେବେ। ଏଯାଏ ୨୦ ଲକ୍ଷ ୯୫ ହଜାର ଲୋକ ଟିକା ନେଇ ସାରିଲେଣି ବୋଲି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ। ସେ କହିଛନ୍ତି ଯେ ବର୍ତ୍ତମାନ ▶▶ପୃଷ୍ଠା ୭

# ପଶ୍ଚିମବଙ୍ଗ ନନ୍ଦିଗ୍ରାମରେ କେନ୍ଦ୍ରମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର

## ଏଥର ପଶ୍ଚିମବଙ୍ଗ ନିର୍ବାଚନରେ ମମତା ଦିଦିଙ୍କ ଖେଳ ଶେଷ ହେବ : ଧର୍ମେନ୍ଦ୍ର




ପଶ୍ଚିମବଙ୍ଗ/ଭୁବନେଶ୍ୱର,୨୬/୦୩ (ନି.ପ୍ର): ଚଳିତ ପଶ୍ଚିମବଙ୍ଗ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ 'ଖେଳ ହେବ' ବୋଲି କହୁଥିବା ବେଳେ ବାସ୍ତବରେ ପଶ୍ଚିମବଙ୍ଗ ନନ୍ଦିଗ୍ରାମର ସମସ୍ତ ନାଗରିକ ସମେତ ରାଜ୍ୟର ସମବେତ ଜନତା ଦିଦିଙ୍କ ଖେଳ ଶେଷ କରିବା ପାଇଁ ମନ ବଳାଇ ସାରିଲେଣି ବୋଲି ନନ୍ଦିଗ୍ରାମରେ ଶୋଭାଯାତ୍ରା ଓ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପଶ୍ଚିମବଙ୍ଗ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଚଳିତ ନିର୍ବାଚନରେ ପଶ୍ଚିମବଙ୍ଗରେ ମମତା ଦିଦିଙ୍କ ଖେଳ ଶେଷ ହେବ। ନନ୍ଦିଗ୍ରାମରେ ▶▶ପୃଷ୍ଠା ୭

# ବ୍ରହ୍ମପୁର ଷ୍ଟେସନରେ ଓହ୍ଲାଇଲେ ଶହ ଶହ ସୁରଟ ଫେରନ୍ତା

## ରେଳ ଷ୍ଟେସନରେ ପ୍ରତ୍ୟେକ ଯାତ୍ରୀଙ୍କ ସ୍କ୍ରିନିଂ କରୁଛି ପ୍ରଶାସନ



ଭୁବନେଶ୍ୱର,୨୬/୦୩ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଏବେ ଆରମ୍ଭ ହୋଇଛି ଦଣ୍ଡ ଯାତ୍ରା ଓ ଚୈତ୍ର ପର୍ବ । ଏହାକୁ ଆଖି ଆଗରେ ରଖି ଶହ ଶହ ପ୍ରବାସୀ ଓଡ଼ିଆ ନିଜ ଗ୍ରାମକୁ ଫେରୁଛନ୍ତି । ବିଶେଷକରି ଗୁଜୁରାଟ ଓ ମହାରାଷ୍ଟ୍ରରୁ ଅନେକ ଲୋକ ଆସୁଛନ୍ତି । ସେପଟେ କରୋନାର ଦ୍ୱିତୀୟ ଲହରୀ ପରେ ଏହି ୨ଟି ରାଜ୍ୟରେ ସଂକ୍ରମଣଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏପରେ କିଛି ଅଂଚଳରେ ଲକଡାଉନ ଓ ନାଇଟ କର୍ଫ୍ୟୁ ଲାଗିଛି । ଆଉ ସେହି ରାଜ୍ୟର ପ୍ରବାସୀ ଓଡିଆ ଫେରିଥିବାରୁ ଗଞ୍ଜାମ ପ୍ରଶାସନର ଚିନ୍ତା ବଢାଇ ଦେଇଛି । କରୋନାର ଦ୍ୱିତୀୟ ଲହର ଭୟ ଭିତରେ ସୁରଟରୁ ଫେରିଲେ ପ୍ରବାସୀ ଓଡିଆ । ସୁରଟରୁ ଓଡିଶାକୁ ଆସିଥିବା ଏହି ଟ୍ରେନରେ ଗଞ୍ଜାମ ତଥା ରାଜ୍ୟର ଅନ୍ୟ ସ୍ଥାନକୁ ଶହ ଶହ ଓଡିଆ ଲୋକେ ଆସିଛନ୍ତି । ବ୍ରହ୍ମପୁର ଷ୍ଟେସନର ଏହି ଦୃଶ୍ୟ ଲକଡାଉନ ସମୟରେ ପ୍ରବାସୀ ଫେରୁଥିବା ଦୃଶ୍ୟକୁ ମନେ ପକାଇ ଦେଇଛି । ▶▶ପୃଷ୍ଠା ୭

## ଅଂଜନାଙ୍କୁ ସିବିଆଇ ଟିମ୍‌ର ଜେରା




ଭୁବନେଶ୍ୱର,୨୬/୦୩ (ନି.ପ୍ର): ଗଣଦୁଷ୍କର୍ମ ମାମଲା ଓ ବିବନ ଗିରଫ ପ୍ରସଙ୍ଗରେ ସିବିଆଇର ଏକ ଟିମ୍ ଶୁକ୍ରବାର ଅଂଜନା ମିଶ୍ରଙ୍କ ଘରେ ପହଂଚି ତାଙ୍କୁ ପଚରାଉଚରା କରିଛି। ସିବିଆଇର ୨ ଜଣିଆ ଟିମ୍ ଅଂଜନା ମିଶ୍ରଙ୍କୁ ପଚରାଉଚରା କରିଥିଲେ। ସିବିଆଇ ପ୍ରଶ୍ନର ଉତର ରଖିବା ପରେ ଅଂଜନା ମିଶ୍ର ଗଣମାଧମକୁ ମଧ ପ୍ରତିକ୍ରିୟା ଦେଇ କହିଛନ୍ତି, ମୋ ପାଖରେ ଯାହା ତଥ୍ୟ ଥିଲା, ତାହା ଦେଇଛି। ସିବିଆଇ ଟିମ୍ ଯାହା ପଚାରିଥିଲେ ତାହାର ଉତ୍ତର ଦେଇଛି।

# ପଶ୍ଚିମବଙ୍ଗରେ ମତଦାନ ପୂର୍ବରୁ ଟିଏମସି କାର୍ଯ୍ୟାଳୟରେ ବିସ୍ଫୋରଣ

ପଶ୍ଚିମବଙ୍ଗ,୨୬/୦୩ : ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଭୋଟିଂ ପୂର୍ବରୁ ଟିଏମସି କାର୍ଯ୍ୟାଳୟରେ ବିସ୍ଫୋରଣ । ଶୁକ୍ରବାର ବାଙ୍କୁରାର ଜୟପୁର ସ୍ଥିତ ଟିଏମସି କାର୍ଯ୍ୟାଳୟରେ ଏହି ବିସ୍ଫୋରଣ ଘଟିଛି । ଏଥିରେ ୩ ଜଣ ଲୋକ ଆହତ ହୋଇଥିବାବେଳେ ସେମାନଙ୍କୁ ହୁଗୁଳିର ଆରାମବାଗ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତେବେ ଏହି ବିସ୍ଫୋରଣ ଘଟଣାକୁ ନେଇ ଉଭୟ ବିଜେପି-ଟିଏମସି ପରସ୍ପରକୁ ଦୋଷାରୋପ କରିଛନ୍ତି । ଏହି ବିସ୍ଫୋରଣ ପଛରେ ବିଜେପିର ହାତ ଅଛି ବୋଲି ଟିଏମସି କହୁଥିବାବେଳେ, ବିଜେପି ଟିଏମସି ଅଫିସରେ ବୋମା ତିଆରି ହେଉଥିବାବେଳେ ବିସ୍ଫୋରଣ ଘଟିଥିବା କହିଛି । ତେବେ ବିସ୍ଫୋରଣ ଘଟିବା ପରେ କେନ୍ଦ୍ରୀୟ ବଳ ପହଞ୍ଚି ସେଠାରେ ପରିସ୍ଥିତିକୁ କାବୁ କରିନେଇଛନ୍ତି । ଅନ୍ୟପଟେ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନଖଡ ଏହି ହିଂସାକାଣ୍ଡ ଖବର ଶୁଣି ଦୁଃଖ ପ୍ରକାଶ କରିଛନ୍ତି । ବେଙ୍ଗଲ ପୋଲିସ ଓ ସ୍ଥାନୀୟ ପ୍ରଶାସନ ଏହି ମାମଲାରୁ ପଦକ୍ଷେପ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଆସନ୍ତାକାଲିଠୁ ପଶ୍ଚିମବଙ୍ଗରେ ମତଦାନ ଆରମ୍ଭ ହେବାକୁ ଯାଉଛି । ଯେଉଁଠି ମମତାଙ୍କ ଶାସିତ ତୃଣମୂଳ କଂଗ୍ରେସ ଓ ବିଜେପି ମଧ୍ୟରେ କଡା ଟକ୍କର ହେବାକୁ ଯାଉଛି । ଗୋଟିଏ ପଟେ ଦିଦି ଥିବାବେଳେ ଅନ୍ୟପଟେ ପ୍ରଧାନମନ୍ତ୍ରୀ ଘନ ଘନ ପ୍ରଚାର କରି ଭୋଟ୍ ହାତେଇବାକୁ ଚେଷ୍ଟା କରୁଛନ୍ତି ।

# ଗୋଟିଏ ଦିନରେ ୨୩୪ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୯୬୯୪

ଭୁବନେଶ୍ୱର,୨୬/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୩୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୯୬୯୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୩୩୬୪୦୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୩୧୩ ରହିଛି। ଆଜି ଚିହ୍ନଟ ହୋଇଥିବା ୨୩୪ ଜଣଙ୍କ ମଧ୍ୟରୁ ୧୩୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।



କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ନୂଆପଡା ଜିଲ୍ଲାରେ ସବୁଠାରୁ ଅଧିକ ୩୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ▶▶ପୃଷ୍ଠା ୭

# କଂଗ୍ରେସ ବିଧାୟକଙ୍କ ହଟ୍ଟଗୋଳ, ଗୃହ ଅଚଳ

ଭୁବନେଶ୍ୱର,୨୬/୦୩ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ କୃଷି ଆଇନ କଳା ଆଇନ ହୋଇ ଥିବାରୁ ତା ବିରୁଦ୍ଧରେ ଆଜି ଦେଶବ୍ୟାପୀ ଚାଷୀ ସଂଗଠନ ମାନଙ୍କର ଧର୍ମଘଟ ଡାକରା ଦିଆ ଯାଇଛି । ତେଣୁ ଗୃହକୁ ବନ୍ଦ କରିବାକୁ ଦାବି କରି କଂଗ୍ରେସ ଦଳର ବିଧାୟକ ମାନଙ୍କ ପକ୍ଷରୁ ଆଜି ହଟ୍ଟଗୋଳ ସୃଷ୍ଟି କରା ଯାଇଥିଲା । ଫଳରେ ପ୍ରଶ୍ନୋତର କାର୍ଯ୍ୟକ୍ରମ କିମ୍ବା ଶୂନ୍ୟକାଳ କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ହଟ୍ଟଗୋଳ ପାଇଁ ଗୃହରେ ଦେଖା ଯାଇଥିବା ଅଚଳାବସ୍ଥାକୁ ଏଡାଇବା ପାଇଁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହକୁ ପ୍ରଥମେ ୧୦.୩୧ରୁ ୧୧.୩୦ ଯାଏ ଓ ପରେ ୧୧.୩୫ରୁ ଅପରାହ୍ନ ଚାରିଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ଅନ୍ୟ ପକ୍ଷରେ ରାଜ୍ୟର ଆଇନ ଶୃଙ୍ଖଳା ସମ୍ପର୍କିତ ଶ୍ୱେତପତ୍ର ଗୃହ ବିଭାଗ ପକ୍ଷରୁ ଉପସ୍ଥାପନା କରା ଯାଇଥିଲା । ସେହିପରି ଆଜିର କାର୍ଯ୍ୟକ୍ରମରେ ମୁଲତବୀ ନୋଟିସ ସ୍ଥାନିତ ନ ହେବା ବିଶେଷ ଘଟଣା ଥିଲା । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବାହ୍ନ ୧୦.୩୦ରେ ଗୃହର କାର୍ଯ୍ୟ ଆରମ୍ଭ ହେଲା ମାତ୍ରେ କଂଗ୍ରେସ ଦଳର ସଭ୍ୟ ମାନେ ଗୃହର ମଧ୍ୟଭାଗକୁ ଆସି ହୋ ହାଲ୍ଲା କରିଥିଲେ। ଚାଷୀ ଆନ୍ଦୋଳନ ନେଇ ସେମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜୀ କରିଥିଲେ। ଚାଷୀ ମାନଙ୍କର ସୁରକ୍ଷା ଆମର ଦାବି, ରାଜ୍ୟ ସରକାରଙ୍କ ଦୋ ମୁହାଁ ନୀତି ଚଳିବ ନାହିଁ, ଆମର ଦାବି ସରକାର ତୁମେ ମାନି ନିଅ, ଆଦି ସ୍ଲୋଗାନ ମାନ ଦେଇଥିବାର ଦେଖିବାକୁ ମିଳିଥିଲା । କଂଗ୍ରେସ ବିଧାୟକ ମାନେ ବାଚସ୍ପତିଙ୍କ ପୋଡିୟମକୁ ବାଡେଇବା ଦେଖିବାକୁ ମିଳିଥିଲା। ଅନ୍ୟ ପକ୍ଷରେ ବାଚସ୍ପତି ସେମାନଙ୍କୁ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ । ହେଲେ କଂଗ୍ରେସ ବିଧାୟକ ମାନେ ଏହା ନ ଶୁଣି ନିଜ ଜିଦରେ ଅଟଳ ରହିଥିଲେ । ହଟ୍ଟଗୋଳ କାରଣରୁ ଅଚଳାବସ୍ଥାକୁ ଏଡାଇବା ପାଇଁ ବାଚସ୍ପତି ଗୃହକୁ ୧୦.୩୧ରୁ ୧୧.୩୦ ଯାଏ ମୁଲତବୀ ଘୋଷଣା କରିଥିଲେ । ୧୧.୩୦ରେ ଗୃହର ବୈଠକ ପୁଣି ଥରେ ବସିଥିଲା । କଂଗ୍ରେସ ଦଳର ସଦସ୍ୟ ମାନେ ସେହି ସମାନ ପ୍ରସଙ୍ଗରେ ସମାନ ଢଙ୍ଗରେ ହଟ୍ଟଗୋଳକୁ ଜାରୀ ରଖିଥିଲେ । କଂଗ୍ରେସ ବିଧାୟକ ମାନେ ପୋଡିୟମକୁ ବାଡେଇବା, ଫାଇବର ଗ୍ଲାସକୁ ବାଡେଇବା ଓ ଚେୟାରକୁ ପୋଡିୟମ ଉପରକୁ ନେବାକୁ ଉଦ୍ୟମ କରିବା ଦେଖିବାକୁ ମିଳିଥିଲା । ଅପରାହ୍ନ ୪ ଟାରେ ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭ ହୋଇଥିଲେ ହେଁ କଂଗ୍ରେସ ଦଳର ସଦସ୍ୟମାନେ ପୂର୍ବ ଭଳି ହଟ୍ଟଗୋଳକୁ ଜାରି ରଖିଥିଲେ। କଳା ବିଲ୍ ଆଣିଲା କିଏ ? କେନ୍ଦ୍ର ସରକାର ଆଉ କିଏ । ଏହାର ପ୍ରତ୍ୟାହାର ଆମର ଦାବି ବୋଲି ସେମାନେ ସ୍ଲୋଗାନ ଦେଇଥିଲେ । ହଟ୍ଟଗୋଳ ଜାରି ଥିବା ସମୟରେ ବାଚସ୍ପତି ▶▶ପୃଷ୍ଠା ୭

# ଭୟାବହ ଅଗ୍ନିକାଣ୍ଡ : ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ଖଇରା,୨୬।୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ଗ୍ରାମ ପଞ୍ଚାୟତ ଅଧୀନ ଆଦିବାସୀ ଅଧ୍ୟୁଷିତ ଗୁଆପାଳ ଗ୍ରାମରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି କାହ୍ନୁ ନାଇକଙ୍କର ୩ ବଖରା ବାସଗୃହ ପୋଡି ଯାଇଛି । ହେବଳ ଘର ତିଆରି ପାଇଁ ରଖାଯାଇଥିବା ନଗଦ ୮୦ ହଜାର ବ୍ୟତିତ ୩ଲକ୍ଷରୁ ଅଧୀକ ମୂଲ୍ୟର ଆସବାବ ପତ୍ର, ଧାନ ଚାଉଳ ପୋଡି ପାଉଁଶ ହୋଇ ଯାଇଛି । ପରିବାର ଲୋକେ ଗାଁ ମୁଣ୍ଡରେ ହେଉଥିବା ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଏଭଳି ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିବାରୁ ଅଗ୍ନିକାଣ୍ଡର କାରଣ ଜଣା ପଡିନାହିଁ । ଖଇରା ଦମକଳ କେନ୍ଦ୍ରର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସରପଞ୍ଚ ଗଜେନ୍ଦ୍ର ପରିଡା ଓ ଯୁବ ନେତା ବିଜୟ ବାରିକ କ୍ଷତିଗ୍ରସ୍ତ ପରିବାରକୁ ଭେଟି ରନ୍ଧାଖାଦ୍ୟ ତଥା ରହିବା ପାଇଁ ପଲିଥିନର ବ୍ୟବସ୍ଥା କରିଛନ୍ତି ।

# ଓମ୍ୱାଡସି ଦ୍ୱାରା ୧୬ହଜାର କୋଟି ଟଙ୍କା ଆଦାୟ ହୋଇଛି

ଭୁବନେଶ୍ୱର,୨୬।୩ (ନି.ପ୍ର): ୮ ଟି ଖଣିଜ ସମ୍ପଦ ଜିଲ୍ଲାରୁ ଓଡିଶା ଖଣି ଅଂଚଳ ଉନ୍ନୟନ ନିଗମ (ଓମ୍ୱାଡସି) ଦ୍ୱାରା ୧୬ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ଆଦାୟ ହୋଇଛି । ଏହି ଅର୍ଥ ବିଭିନ୍ନ ବିକାଶମୂଳକ କାର୍ଯ୍ୟପାଇଁ ବ୍ୟୟ କରାଯିବ । ଏଥିମଧ୍ୟରୁ ବର୍ତମାନ ସୁଦ୍ଧା ୩ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି ବୋଲି ଯୋଜନା ଓ ସଂଯୋଜନ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ବିଧାନସଭାରେ ଜଣାଇଛନ୍ତି । ନବ ଚରଣ ମାଝୀ, ମୋହନ ମାଝୀ , ରମେଶ ବେହେରା ଏହି ପ୍ରଶ୍ନ ଉଠାଇ ଅଭିଯୋଗ କରିଥିଲେ ଯେ ଓମ୍ୱାଡସି ଅର୍ଥ ଅନ୍ୟ ବାବଦରେ ଖର୍ଚ୍ଚ କରାଯାଉଛି । ଅପରପକ୍ଷରେ ମନ୍ତ୍ରୀ କହିଥିଲେ ଯେ ଓମ୍ୱାଡସି ତରଫରୁ ରାଜ୍ୟର କେଉଁଝର, ସୁନ୍ଦରଗଡ, ମୟୁରଭଂଜ,ଯାଜପୁର, ଦେବଗଡ, ଝାରସୁଗୁଡା, ଢେଙ୍କାନାଳ, ଅନୁଗୁଳ ଓ କୋରାପୁଟ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ପାନୀୟ ଜଳ ଯୋଗାଣ, ଶିକ୍ଷା , ସ୍ୱାସ୍ଥ୍ୟ, ଜୀବନ ଜୀବିକା, ଗ୍ରାମ୍ୟସଂଯୋଗୀକରଣ , ପରିବେଶ ସରୁକ୍ଷା ଏବଂ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସରଂକ୍ଷଣ ଏବଂ ଭୂତଳ ଜଳ ରିଚର୍ଜ ଆଦି କ୍ଷେତ୍ରରେ ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଉଛି । ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ଜିଲ୍ଲାରେ ଓମ୍ୱାଡସି ପରିଚାଳନା ମଣ୍ଡଳୀଙ୍କ ଅନୁମୋଦନ କ୍ରମେ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଚାଲୁ ରହିଥିବା ପ୍ରକଳ୍ପ ପାଇଁ ମଂଜୁର ହୋଇଥିବା ୧୩,୮୧୬.୯୮ କୋଟି ଟଙ୍କା ମଧ୍ୟରୁ ୧୭୮୯.୪୪ କୋଟି ଟଙ୍କା କାର୍ଯ୍ୟନିର୍ବାହୀ ସଂସ୍ଥା ଖର୍ଚ୍ଚ କରିଛନ୍ତି ।

# ସ୍ଥାନୀୟ ଜ୍ଞାନକୌଶଳ ଉପରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୬।୩ (ନି.ପ୍ର): ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ତଥା ୟୁନାଇଟେଡ୍ ଇଣ୍ଡିଆନ ଆନ୍ଥ୍ରୋପୋଲୋଜି ଫୋରମ୍‌ର ସହଯୋଗିତାରେ ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ହୋଇଥିବା ଚେନଜିଂ କଂଟୁରସ୍ ଅଫ୍ ଇଣ୍ଡିଜିନସ୍ ନଲେଜ୍ ଆମଙ୍ଗ ଟ୍ରାଇବାଲ କମ୍ୟୁନିଟିଜ୍ ଅଫ୍ ଇଣ୍ଡିଆ ଉପରେ ୩ ଦିନିଆ ଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିନର ଅଧିବେଶନ ଫଳପ୍ରଦ ଭାବେ ଶେଷ ହୋଇଛି । ପ୍ରଫେସର ଦୀପକ କୁମାର ବେହେରା ଓ ପ୍ରଫେସର ଏସ. ଗ୍ରେଗୋରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଦୁଇଟି ବୈଷୟିକ ଅଧିବେଶନ ଯଥାକ୍ରମେ ଇଣ୍ଡିଜିନସ୍ ନଲେଜ ଏଣ୍ଡ ଇମର୍ଜି ରିଏଲିଟିଜ୍ ଓ ଡାଇନାମିକ୍ସ ଅଫ୍ ଲୋକାଲ ଇକୋଲୋଜିକାଲ ନଲେଜ୍‌ରେ ଦୁଇଟି କି-ନୋଟ୍ ଆଡ୍ରେସ ସହ ସାତଟି ସନ୍ଦର୍ଭ ପ୍ରତିଷ୍ଠିତ ଗବେଷକ/ ଗବେଷିକାଙ୍କ ଦ୍ୱାରା ଉପସ୍ଥାପନା କରାଯାଇଥିଲା । ବୈଷୟିକ ଉପସ୍ଥାପନା ଦେଇଥିବା ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ପ୍ରଫେସର ସରିତ କୁମାର ଚୌଧୁରୀ, ପ୍ରଫେସର ଗୀତିକା ରଂଜନ, ତ୍ରିଲୋଚନ ସାହୁ, ପ୍ରଫେସର ଏ. ଚେଲ୍ଲାପେରୁମାଲ୍, ଡ. ବେଦପ୍ରିୟା ଆର୍ଯ୍ୟ, ସର୍ବେଶ୍ୱର ରେଡ୍ଡି ଅନ୍ୟତମ । ଉପସ୍ଥାପନାଗୁଡ଼ିକରେ ଦେଶର ବିଭିନ୍ନ ପ୍ରାନ୍ତର ଜନଜାତି ମାନଙ୍କର ପ୍ରାସଙ୍ଗିକ ସ୍ଥାନୀୟ ଜ୍ଞାନ କୌଶଳ ଉପରେ ପର୍ଯ୍ୟବେଶିତ ତଥ୍ୟ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ଆଦୃତ, ଆଲୋଚିତ ଓ ପ୍ରଶଂସିତ ହୋଇଥିଲା । ସ୍ଥାନୀୟ ଜ୍ଞାନକୌଶଳର ବିସ୍ତାରିତ ପରିସରର ବିସ୍ତୃତ ଅଧ୍ୟୟନ ହେବା ସହିତ ଏହାକୁ ମୁଖ୍ୟସ୍ରୋତର ବ୍ୟବହାର ଦିଗରେ ପ୍ରଚେଷ୍ଟା ଜାରି ରହିବା ଉଚିତ୍ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଥିଲା । ଏହି ଦ୍ୱିତୀୟ ଦିନର ସମ୍ମିଳନୀକୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ସୁଚାରୁ ରୂପେ ପରିଚାଳନା କରିବା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ପ୍ରସଙ୍ଗ ଉପରେ ନିଜର ମତ ରଖିଥିଲେ ।

# ନାବାଳିକା ଅପହରଣର ୧୦ଦିନ ପରେ ବି ପୁଲିସର ହାତ ଖାଲି

ମୁଖୀଗୁଡା,୨୬।୩ (ନି.ପ୍ର): ଜୟପାଟଣା ଥାନା ଅନ୍ତର୍ଗତ ବଡ କଲରାକୋଟ ଗ୍ରାମ ର ନାବାଳିକା ଅପହରଣ ହେବା ର ଦଶ ଦିନ ବିତି ଯାଇଥିଲେ ହେଁ ପୁଲିସ ନାବାଳିକା ର ସନ୍ଧାନ ପାଇପାରି ନ ଥିବାରୁ ଆଶା ଓ ଆଶଙ୍କାରେ ରହିଛନ୍ତି ପରିବାର । ବଡ କଲରାକୋଟ ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାଉତ ଙ୍କ ନାବାଳିକା ଝିଅ ବଡକଲରାକୋଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ଅଷ୍ଟମ ଶ୍ରେଣୀ ପାସ କରିଏବେ ନବମ ଶ୍ରେଣୀକୁ ଯାଇ ଥିଲେ। ।ଗତ ୧୫ତାରିଖ ସନ୍ଧ୍ୟାରେ ରେ ନାବାଳିକା ଘରେ ନଥିବାରୁ ତାକୁ ଖୋଜା ଖୋଜି କରିବା ପରେ କୋ ?ଣସି ସନ୍ଧାନ ମିଳିନଥିଲା । ପୂର୍ଣ୍ଣଚନ୍ଦ୍ର ତାଙ୍କ ଝିଅକୁ ଗ୍ରାମରଜଣେ ଯୁବକ ଅପହରଣ କରି ନେଇ ଥିବା ନେଇ ଜୟପାଟଣା ଥାନା ରେ ଗତ ୧୬ତାରିଖରେ ଅଭିଯୋଗ କରିଥିଲେ ଜୟପାଟଣା ଥାନା ଅଧିକାରୀ ତାଙ୍କୁ ନିଜେ ନିଜର ଝିଅ କୁ ଖୋଜି ଆଣିବା ପାଇଁ କହିଥିଲେ ।ପୁଲିସ ତାଙ୍କ ଝିଅକୁ ଖୋଜିବାରେ ତତ୍ପରତା ପ୍ରକାଶ କରି ନଥିବା ନେଇ ଗତ ୧୮ତାରିଖରେ ସି ଡବ୍ଲୁସି ସଦସ୍ୟ ସ୍ୱର୍ଣ୍ଣଲତା ମହାନ୍ତି ଏବଂ ମଷସକ୍ଷୟ ଲାଇନ ର ନିର୍ଦ୍ଦେଶକ ରାଜ କିଶୋର ଶର୍ମା ଙ୍କ ନିକଟରେ ଅଭିଯୋଗ କରିଥିଲେ ସେମାନେ ବଡକଲରାକୋଟ ଗ୍ରାମ କୁ ଯାଇ ପୂର୍ଣ୍ଣଚନ୍ଦ୍ର ଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହ ଜୟପାଟଣା ଥାନା ଅଧିକାରୀ ଙ୍କ ସହ ଆଲୋଚନା କରି ନାବାଳିକାକୁ ତୁରନ୍ତ ଉଦ୍ଧାର କରିବା ପାଇଁ କହିଥିଲେ ହେଲେ ନାବାଳିକା ଅପହରଣ ର ସାତ ଦିନ ପରେ ବି ଜୟପାଟଣା ପୁଲିସ ନାବାଳିକା ର ଟେର ପାଇପାରି ନ ଥିବାରୁ ୨୨ ତାରିଖରେ ପୂର୍ଣଚନ୍ଦ୍ର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଙ୍କ ପାଖରେ ଅଭିଯୋଗ କରିଥିଲେ ହେଁ ନାବାଳିକା ମିଳି ନାହିଁ ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ପାଇନାହାନ୍ତି ବଲାଙ୍ଗୀର ଚାଷୀ

ଭୁବନେଶ୍ୱର,୨୬।୩ (ନି.ପ୍ର): ବଲାଙ୍ଗୀର ଅଂଚଳରେ ଚାଷୀ ମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ ନ ପାଇବାକୁ ନେଇ ଗୃହରେ କଂଗ୍ରେସ ଦଳ ପକ୍ଷରୁ ଉଦବେଗ ପ୍ରକାଶ ପାଇଥିଲା । ଶୂନ୍ୟକାଳରେ ସନ୍ତୋଷ ସିଂହ ସାଲୁଜା ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ୨୦୧୯-୨୦ରେ ପ୍ରଧାନମନ୍ତ୍ରୀ ବୀମା ଯୋଜନାରେ ରୟାଲ ସୁନ୍ଦରମ ଇନସ୍ୟୁରାନ୍ସ କମ୍ପାନୀ ଚାଷୀ ମାନଙ୍କୁ ଅର୍ଥ ଦେଇ ନାହିଁ । ଚାଷୀ ମାନେ ଠିକ ସମୟରେ ପ୍ରିମିୟମ ପ୍ରଦାନ କରିଛନ୍ତି । ସେ କହିଛନ୍ତି ଯେ ୬୭ ପଂଚାୟତର ୨ ଲକ୍ଷ ୧୫ ହଜାର ଚାଷୀଙ୍କୁ ବୀମା ରାଶି ମିଳି ନାହିଁ । ଏ ସମ୍ପର୍କରେ ସମବାୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆ ଯାଉ ବୋଲି ସେ ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ । ଏହାର ଗୁରୁତ୍ୱକୁ ବିଚାରକୁ ନେଇ ବାଚସ୍ପତି ସମବାୟ ମନ୍ତ୍ରୀଙ୍କୁ ଅନୁରୋଧ କରି କହିଥିଲେ ଯେ ଶ୍ରୀ ସାଲୁଜା ଯେଉଁ ଅଭିଯୋଗ କରିଛନ୍ତି ସେ ଦିଗରେ ଦୃଷ୍ଟି ଦିଅନ୍ତୁ ।

# ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟକୁ ରୋଟାରୀ କ୍ଲବର ଇ-ଲର୍ଣ୍ଣିଂ ମେଟେରିଆଲ ପ୍ରଦାନ

ଜଳେଶ୍ୱର,୨୬।୩ (ନି.ପ୍ର): ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଅଗ୍ରଣୀ ହାଇସ୍କୁଲ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟକୁ ଇ-ଲର୍ଣ୍ଣି ମେଟେରିଆଲର ଆପ୍ ପ୍ରଦାନ କରାଯାଇଛି । ଏହି ବିଦ୍ୟାଳୟଟି ୬ଷ୍ଠରୁ ୧୦ମ ଶ୍ରେଣୀ ଯାଏ ଥିବା ବେଳେ ଛାତ୍ରଛାତ୍ରୀମାନେ ବିଭିନ୍ନ ଶିକ୍ଷାଲାଗି ଏହି ପଦ୍ଧତି ଦ୍ୱାରା ଉପକୃତ ହୋଇ ପାରିବେ ବୋଲି ଆୟୋଜିତ ସଭାରେ ମତପ୍ରକାଶ ପାଇଛି । କ୍ଲବର ଉପସଭାପତି ସତ୍ୟବ୍ରଜ ଜେନା ଏଥିରେ ପୌରହିତ୍ୱ କରିଥିଲେ । ସଂପାଦିକା ଡା. ଦିପ୍ତୀମୟି ମହାପାତ୍ର କୌଣସି ରାଷ୍ଟ୍ରର ଶିକ୍ଷା ଓ ସ୍ୱାସ୍ଥ୍ୟ ଉନ୍ନ ଥିଲେ ସେ ରାଷ୍ଟ୍ର ବିକଶିତ ହୋଇଥାଏ । ତେଣୁ ଏହି ୨ଟି ବିଷୟରେ ରୋଟାରି କ୍ଲବ ସହାୟତା ଯୋଇଥିବା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ପ୍ରଫୁଲ୍ଲ ଦାସ, ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସୁମିତ୍ରା ଦତ୍ତଯୋଗ ଦେଇ ରୋଟାରୀ ଜାତି, ଧର୍ମ ଓ ଶ୍ରେଣୀ ନିର୍ବିଶେଷରେ କାର୍ଯ୍ୟ କରିଥାଏ ବୋଲି କହିଥିଲେ । ସମଗ୍ର ବିଶ୍ୱକୁ ରୋଟାରୀ ବସୁଦେବ କୁଟୁମ୍ବକଂ ନିତୀରେ ପରିଚାଳତ ହେଉଥିବା ସଂପର୍କରେ କହିଥିଲେ । ପ୍ରଭାତ କୁମାର ସାହୁ ଧନ୍ୟବାଦ ଦେଇଥିବା ବେଳେ ରୋଟାରୀ କ୍ଲବ ପକ୍ଷରୁ ଏକ ଆଲମାରୀ ସହିତ ଶତାଧିକ ପୁସ୍ତକ ଓ ବିଶୁଦ୍ଧ ପିଇବାପାଣି ଲାଗି ଏକ ମେସିନ୍ ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମ କୋଭିଡ୍-୧୯ ନିୟମ ଅନୁଯାଇ ପାଳିତ ହୋଇଥିବା ବେଳେ ରୋଟାରିଆନ୍ ପ୍ରବିର ପ୍ରଧାନ, ସୁବ୍ରତ ରଣା, ନିତ୍ୟଗୋପାଳ ଦାସ, ସତ୍ୟସୁନ୍ଦର ଦାସ, ବିକାଶ ଧର, ସୂର୍ଯ୍ୟେନ୍ଦୁ ପାଳ, ଲେଲିନ୍ ପ୍ରଧାନ, ସୁବିର ଚାଟାର୍ଜୀ, ଶ୍ୟାମସୁନ୍ଦର ମିର୍ଦ୍ଧା, ନିଳକଣ୍ଠ ମାହାନା,ସତ୍ୟନାରାୟଣ ସିଂ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ବଗପାଟିଆ ଥଇଥାନ କେନ୍ଦ୍ରରେ କରାଯିବ ୧୧୮ଜଣଙ୍କୁ ଥଇଥାନ

କେନ୍ଦ୍ରାପଡ଼ା,୨୬।୩ (ନି.ପ୍ର): ସମୁଦ୍ର କୂଳ ଲଘୁଥିବା ସାତଭାୟା ଅଂଚଳର ବିସ୍ଥାପିତ ମାନଙ୍କୁ ନିକଟବର୍ତୀ ବଗପାଟିଆ ଠାରେ ଥଇଥାନ କରାଯିବା ପରେ ଅବଶିଷ୍ଟ ୧୧୮ଜଣ ବିସ୍ଥାପିତଙ୍କୁ ସେଠାରେ ଥଇଥାନ କରିବା ପାଇଁ ଉଚ୍ଚ ସ୍ତରୀୟ କମିଟି ବୈଠକରେ ନିଷ୍ପତି ନିଆଯାଇଚି । ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ଏହି କମିଟିର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ୫୭୧ଜଣଙ୍କୁ ବଗପାଟିଆରେ ଥଇଥାନ କରାଯାଇଥିବା ବେଳେ ୧୧୮ଜଣ ବଳକା ରହି ଯାଇଥିଲେ । ଥଇଥାନ କେନ୍ଦ୍ରରେ ଭିତିଭୂମିର ଅଭାବ କାରଣରୁ ଏହି ବଳକା ୧୧୮ଜଣଙ୍କ ଥଇଥାନ ବାବଦରେ ପ୍ରଶାସନ ନିଷ୍ପତି ନେଇପାରି ନଥିଲା । ତେବେ ବଗପାଟିଆ ଥଇଥାନ କେନ୍ଦ୍ରରେ ଏବେ ମଧ ସ୍ଥାନୀୟ ବାସିନ୍ଦାଙ୍କ ଜୀବନଯାପନ ପାଇଁ ଅନେକ ବିକାଶ ମୂଳକ କାର୍ଯ୍ୟର ଅଭାବ ରହି ଯାଇଥିବା ବୈଠକରେ ଆଲୋଚନା ହେବା ସହ ଏହାର ପୁରଣ ପାଇଁ ଖୁବଶିଘ୍ର ସର୍ଭେ କରାଯିବ । ଥଇଥାନ କେନ୍ଦ୍ରରେ କରାଯାଇଥିବା ବିଦ୍ୟାଳୟରେ ୬୬୪ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ମାତ୍ର ୩ଟି ଶ୍ରେଣୀଗୃହ ଯୋଗାଇ ଦିଆଯାଇ ଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି । ଏହା ସହ ଥଇଥାନ କେନ୍ଦ୍ର ଅଂଚଳରେ ଥିବା ଗ୍ରାମ ଗୁଡିକୁ ମୁଖ୍ୟ ରାସ୍ତା ସହ ସଂଯୋଗ କରିବା ପାଇଁ ଢଳେଇ ରାସ୍ତାର ଆବଶ୍ୟକତା ଥିବା କମିଟି ବୈଠକରେ ଆଲୋଚନା ହୋଇଥିଲା । ଏହା ସହିତ କେନ୍ଦ୍ର ଅଂଚଳରେ ବିଦ୍ୟୁତ୍ ସଂଯୋଗୀକରଣ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ସ୍ଥାନୀୟ ବିଡିଓ ରବିନ୍ଦ୍ର ପ୍ରଧାନ ଓ ତହସିଲଦାର ଭୋଳାନାଥ ସେଠୀ ଦୁଇଦିନ ମଧରେ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ନିର୍ଦ୍ଦେଶ ଦେଇଛନ୍ତି ।

# ପାରାଦ୍ୱୀପ ପୋର୍ଟ ୱାର୍କର୍ସ ୟୁନିୟନର ବନ୍ଧୁ ମିଳନ

## ୟୁନିୟନରେ ଯୋଗ ଦେଲେ ୭୨ ଆଇଓଏଚପି କର୍ମଚାରୀ

ପାରାଦୀପ ,୨୬।୩ (ନି.ପ୍ର): ପାରାଦ୍ୱୀପ ବନ୍ଦରରେ ଥିବା ପାରାଦ୍ୱୀପ ପୋର୍ଟ ୱାର୍କର୍ସ ୟୁନିୟନ କାର୍ଯ୍ୟାଳୟ ପରିସରରେ ଏକ ବନ୍ଧୁ ମିଳନ ଓ ନୂତନ ସଭ୍ୟ ଗ୍ରହଣ ପରିପ୍ରେକ୍ଷୀରେ ଏକ ସ୍ୱାଗତ ସଭା ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପ ବନ୍ଦରର ଆଇଓଏଚପି ବିଭାଗର ୭୨ ଜଣ ଠିକା କର୍ମଚାରୀବେ ସ୍ୱେଛାକୃତ ଭାବେ ୟୁନିୟନର କାର୍ଯ୍ୟଶୈଳି ଓ ନେତୃବୃନ୍ଦଙ୍କ ଦକ୍ଷତାରେ ପ୍ରଭାବିତ ହୋଇ ସେମାନଙ୍କ ଉପରେ ଆସ୍ଥା ରଖି ଯୋଗ ଦେଇଥିବା ନୂତନ ସଦସ୍ୟମାନେ ସୂଚନା ଦେଇଛନ୍ତି । ସେମାନଙ୍କୁ ୟୁନିୟନର କାର୍ଯ୍ୟକାରୀ ସଭାପତି ଅନନ୍ତ କୁମାର ଦାସ, ଉପସଭାପତି ଗୁଣନିଧି ଚୈଧୁରୀ, ସହ- ସଂପାଦକ ଗୁରୁପଦ ମିଶ୍ର, କୋଷାଧ୍ୟକ୍ଷ ବ୍ରିଜେସ କୁମାର ଲେଙ୍କା ଓ ସାଧାରଣ ସଂପାଦକ ନୃସିଂହ ପ୍ରସାଦ ଶତପଥି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ୟୁନିୟନର ପଂଚାନନ ଧାରୁଆ, ମନୋଜ ପରିଡା ଓ ଇଂ ପ୍ରଭାସ ଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ । ନୂତନ ସଭ୍ୟମାନେ ଚାକିରୀ କ୍ଷେତ୍ରରେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ନିଜର ଅଭିଜ୍ଞତା କହିବା ସହ ଏହାର ନିରାକରଣ ଓ ସେମାନଙ୍କ ଦାବି ବିଷୟରେ ୟୁନିୟନର କର୍ମକର୍ତାଙ୍କ ସହ ଆଲୋଚନା କରିଥରଲେ । ସାଧାରଣ ସଂପାଦକ ନୃସିଂହ ଶତପଥି ସମସ୍ତ ନୂତନ ସଦସ୍ୟ ମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିବା ସହ ପାରାଦ୍ୱୀପ ପୋର୍ଟ ୱାର୍କର୍ସ ୟୁନିୟନ ପରିବାରକୁ ସ୍ୱାଗତ କରିଥିଲେ । ସୂଚନା ଥାଉକି ଶ୍ରୀ ଶତପଥି ୟୁନିୟନର ସାଧାରଣ ସଂପାଦକ ଦାୟୀତ୍ୱ ଗ୍ରହଣ କଲା ପରେ ତାଙ୍କର ସାଂଗଠନିକ ଦକ୍ଷତାରେ ପ୍ରଭାବିତ ହୋଇ ବହୁ କର୍ମଚାରୀ ଏହି ୟୁନିୟନ ପ୍ରତି ଆକୃଷ୍ଟ ହେଉଥିବାର ଦେଖା ଯାଉଛି ।

# ପାରାଦ୍ୱୀପରେ ସାହିତ୍ୟ ସଭା ଓ କବିତା ପାଠୋତ୍ସବ



ପାରାଦୀପ ,୨୬।୩ (ନି.ପ୍ର): ପାରାଦ୍ୱୀପ ସାହିତ୍ୟ ସଂସଦ ଓ ପାରାଦ୍ୱୀପ ଲେଡିଜ୍ କ୍ଲବ୍ ର ମିଳିତ ଆନୁକୂଲ୍ୟରେ ଏକ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ମଧୁବନସ୍ଥିତ ଶ୍ରମିକ ଭବନ ସଭା ଗୃହରେ ମାର୍ଚ୍ଚ ୨୪ ତାରିଖ ବୁଧବାର ଦିନ ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି । ଉହି କାର୍ଯ୍ୟକ୍ରମରେ ପାରାଦ୍ୱୀପ ସାହିତ୍ୟ ସଂସଦର ସଂପାଦକ ପ୍ରଶାନ୍ତ କୁମାର ରାଉତ ଅଧକ୍ଷତା କରିଥିଲେ । ଓଡିଶା ସାହିତ୍ୟ ଏକାଦେମୀର ପ୍ରାକ୍ତନ ସଭ୍ୟ ତଥା ବରିଷ୍ଠ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାହିତ୍ୟର ପରିସର ସର୍ବ ବ୍ୟାପକ ଏବଂ କବି ଓ ଲେଖକ ଏହି ସାମଗ୍ରିକ ସଭାର ଏକ କ୍ଷୁଦ୍ର ଶକ୍ତଶାଳୀ ଅଂଶ ବିଶେଷ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ସେହିପରି ସାହିତ୍ୟ ଏକାଦେମୀ ପୁରଷ୍କାର ପ୍ରାପ୍ତ କବି ପିତାମ୍ବର ତରାଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କବି ନିର୍ଭୟ ଏବଂ କବିତା ମଣିଷପଣିଆର ବାର୍ତା ପ୍ରଚାର କରେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧରେ ପାରାଦ୍ୱୀପ ସାହିତ ସଂସଦର ସଭାନେତ୍ରୀ ତଥା ସୂର୍ଯ୍ୟମୁଖୀର ସଂପାଦିକା ହାରାମଣୀ ମହାପାତ୍ର, କବୈତ୍ରୀ ତୁଳସୀ ବରାଳ, ପ୍ରିତି ଆରତୀ ପରିଜା ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଏହି ସାହିତ୍ୟ ସଭା ଆଲୋଚନା ଚକ୍ରରେ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ପାରାଦ୍ୱୀପ ଲେଡିଜ୍ କ୍ଲବ ପକ୍ଷରୁ ଲୋପାମୁଦ୍ରା ମହାନ୍ତି, ସୀମାଶ୍ରୀ ନାୟକ, ପୁଷ୍ପାଞ୍ଜଳୀ ସାହୁ, ଗୀତାଞ୍ଜଳୀ ସେଠୀ, ସୁଶ୍ରୀ ନରେନ୍ଦ୍ର, ରଶ୍ମୀ ଆଚାର୍ଯ୍ୟ ଓ ପ୍ରିତି ପରିଜାଙ୍କ ସମେତ ବହୁ କବି ନିଜର ସ୍ୱରଚିତ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନୃସିଂହ ଚରଣ ବାରିକ, ପିନାକୀ ରାଉତ, ସଂଜୟ କୁମାର ମିଶ୍ର, ସତ୍ୟଜୀତ ରାଉତ ଓ ରମାକାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଅପରାଧିକ ନ୍ୟାୟ ସଂସ୍କାର ଉପରେ ଆଲୋଚନାଚକ୍ର ଆୟୋଜିତ

ଭୁବନେଶ୍ୱର,୨୬।୩ (ନି.ପ୍ର): ଭାରତୀୟ ପ୍ରଶାସନ ପ୍ରତିଷ୍ଠାନ (ଆଇଆଇପିଏ)ର ଓଡିଶା ଅଧ୍ୟାୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସାଧାରଣ ପ୍ରଶାସନ ବିଭାଗର ସହଯୋଗିତାରେ ଅପରାଧିକ ନ୍ୟାୟ ବ୍ୟବସ୍ଥା ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛଇ । ଏଥିରେ ଟ୍ୱିନ୍ ସିଟିର ପୂର୍ବତନ ପୋଲିସ କମିଶନର ତଥା ବର୍ତମାନ ଓଡିଶା ପୋଲିସ୍ ହାଉସିଂ ଆଣ୍ଡ ୱେଲ ଫେୟାର କର୍ପୋରେଟର ସିଏମଡି ଭାବେ କାର୍ଯ୍ୟରତ ଡ଼ଃ ସୁଧାଂଶୁ ଷଡ଼ଙ୍ଗୀ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅପରାଧିକ ନ୍ୟାୟ ସଂସ୍କାର ଉପରେ ଅଭିଭାଷଣ ଦେଇଥିଲେ । ଡକ୍ଟର ଷଡ଼ଙ୍ଗୀ ପୋଲିସ୍ ଫୋର୍ସକୁ ବାହ୍ୟହସ୍ତକ୍ଷେପରୁ ବଂଚାଇ ରଖିବାର ଗୁରୁତ୍ୱ, ସାଧାରଣ ଜନତାଙ୍କର ପୋଲିସ୍ ଉପରେ ବିଶ୍ୱାସ ବୃଦ୍ଧି କରିବା ଏବଂ ପୋଲିସ୍ଫୋର୍ସରେ ଆଭ୍ୟନ୍ତରୀଣ ଉତର ଦାୟିତ୍ୱ ବଢାଇବା ବିଷୟରେ କହିଥିଲେ । ସେ ନ୍ୟାୟିକ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ନେଇ ବିଭିନ୍ନ ଆବଶ୍ୟକୀୟ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରିଥିଲେ । ପୋଲିସ୍ ଷ୍ଟେସନରେ ସ୍ୱତନ୍ତ୍ର ହେପାଜତ ଅଧିକାରୀଙ୍କର ଆବଶ୍ୟକତାଠାରୁ ନେଇ ଗିରଫ ହୋଇଥିବା ବ୍ୟକ୍ତିଙ୍କରବିବୃତି ଗ୍ରହଣ କରିବା ସମୟରେ ଜଣେ ଓକିଲଙ୍କ ଉପସ୍ଥିତିର ଅନିବାର୍ଯ୍ୟତା ଭଳି ଅନେକ ପଦକ୍ଷେପ ସମ୍ପର୍କରେସେ କହିଥିଲେ । ଆଲୋଚନାଚକ୍ରର ଶେଷ ଭାଗରେ ସେ ଛାତ୍ରଛାତ୍ରୀଙ୍କର ନାନା ପ୍ରଶ୍ନର ଉତର ଦେଇଥିଲେ । କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଆଲୋଚନାଚକ୍ରରେ ଲିଙ୍ଗଗତ ନ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଆଇଆଇପିଏର ଅଧ୍ୟକ୍ଷ ଶ୍ରୀ ଶରତ ଚନ୍ଦ୍ର ମିଶ୍ର ଏବଂ ସାଧାରଣପ୍ରଶାସନ ବିଭାଗର ମୁଖ୍ୟ ଡକ୍ଟର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଗୋବରଘଟା ଟର୍ଣ୍ଣାଡୋକୁ ୨୪ ବର୍ଷ ବିତିଲା

## ଲୋକାରଣ୍ୟ ସମାଧିପିଠ : ଶୋକାଭିଭୂତ ଗ୍ରାମବାସୀଙ୍କ ସ୍ମୃତିମନ୍ଥନ

ଜଳେଶ୍ୱର,୨୬।୩ (ନି.ପ୍ର): ଆଜକୁ ୨୪ବର୍ଷ ପୂର୍ବେ ଜଳେଶ୍ୱର ବ୍ଲକର ସୁବର୍ଣ୍ଣରେଖା ନଦୀକୂଳ ଗୋବରଘଟା ଗାଁରେ ଟର୍ଣ୍ଣାଡୋ ବହି ଯାଇଥିଲା । ଗାଁରେ ଥିବା ସାଧୁବିନୋଦିନୀ ନୋଡାଲ ୟୁପି ସ୍କୁଲର ୧୪ ଜଣ ଛାତ୍ରଛାତ୍ରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସେହି ଗାଁର ଅନ୍ୟ ୬ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା । ୨୧ ଜଣଙ୍କର ଚିତା ଏ ସମୟରେ ନଦୀଘାଟରେ ଜଳିଥିଲା । ସେହି ଦିନରୁ ସେହି ଗାଁରେ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ସମଗ୍ର ଗାଁଟି ଶୋକାଭିଭୂତ ହୋଇ ଉଠେ । ୨୧ ଜଣଙ୍କ ଲାଗି ସ୍କୁଲ ନିକଟରେ ନିର୍ମାଣ ହୋଇଥିବା ବେଦୀପୀଠ ଲୋକାରଣ୍ୟ ହୁଏ । ଗତକାଲି ବୁଧବାର ମଧ୍ୟ ବିଦ୍ୟାଳୟ ପରିସର ଦୁଃଖରେ ଭାଂଗି ପଡୁଥିବା ବେଳେ ପାଳିତ ହୋଇଥିଲା ଶୋକ ସଭା । ଏବେବି ଭଂଗା ବିଦ୍ୟାଳୟ ସ୍ତୁପଟି ଛିଡା ହୋଇଛି । ଅନ୍ୟପକ୍ଷରେ ମୃତ୍ୟୁବରଣ କରିଥିବା ଛାତ୍ରଛାତ୍ରୀଙ୍କ ପରିବାର ବିଦ୍ୟାଳୟକୁ ନ ଆସି ଯେ ଯାହାର ନିଜଘରେ ଅରନ୍ଧା ଅବାଢ ମଧ୍ୟରେ ଶୋକ ପାଳନ କରିଥିଲେ । ଏବେବି ଯଦୁନାଥ ସୀମାନ୍ତ ଉଚ୍ଚ ବିଦ୍ୟାଳୟ ଓ ସାଧୁବିନୋଦିନୀ ନୋଡାଲ ବିଦ୍ୟାଳୟ ଏକ ପରିସରରେ ରହିଥିଲେ ମଧ୍ୟ ଶ୍ରେଣୀଗୃହର ଅଭାବ ପରିଲକ୍ଷିତ ହେଉଛି । ଘଟଣାରୁ ବଂଚିଯାଇଥିବା ଆଲୋକ ଘୋଷ, ବିଶ୍ୱନାଥ ମହାନ୍ତି, ସଂଜୟ ଘୋଷ, ଗୋପିନାଥ ଘୋଷ, ନରୋତ୍ତମ ଗିରି, ଚନ୍ଦନ କର, ଚୈତନ୍ୟ ଘୋଷ, ମାମି ବାଗ, ଜଗନ୍ନାଥ ପ୍ରଧାନ ଝଡ ବତାସ କିମ୍ବା ଭୂର୍ଣ୍ଣିଝଡ ଆସିଲେ ଭୟରେ ଶୀହରି ଉଠନ୍ତି । ମାଟିତଳୁ କିମ୍ବା ପକ୍କାଘର ତଳୁ ଉପରୋକ୍ତ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ତତ୍‌କାଳୀନ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ରାଉଳ,



ଚକ୍ରଧର ଦେ, ତୁଳସୀ ଦେ, ସୁରେନ୍ଦ୍ର ଜେନା, ସନ୍ୟାସୀ ଦେ, ଝରଣା ସିଂ, ଅଶୋକ ଜେନା, ସାରଦାମଣି ବେହେରା, ଝାଡେଶ୍ୱର ମହାନ୍ତି, ଅହଲ୍ୟାରଣା, ଅନନ୍ଦ ଦାସ, ଚନ୍ଦନ ବେହେରା, ବଳରାମ ପଣ୍ଡା, ସିଦ୍ଧେଶ୍ୱର ରାଉଳ, ଗଣେଶ୍ୱର ରାଉଳ, ମଧୁସୂଦନ ଘୋଷ, ବିଷ୍ଣୁପ୍ରିୟା ଗିରି, ସବିତା ଗିରି, ଦେବବ୍ରତ ସେଠୀ, ପୁଷ୍ପଲତା ପାଳ, ଗୌରୀ ଘୋଷ ଓ ଅବନୀ ମହାନ୍ତିଙ୍କ ପାଇଁ ସ୍କୁଲ ପରିସର ଗମ୍ଭୀର ହୋଇ ଉଠିଥିଲା । କିନ୍ତୁ ଛାତ୍ରଛାତ୍ରୀଙ୍କୁ ଶ୍ରଦ୍ଧ ଦେବାର ବ୍ୟବସ୍ଥା ନଥିବାରୁ ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଆୟୋଜିତ ଶୋକ ସଭାରେ ତପନ ପ୍ରଧାନ, ଓ ଶିଶିର ଭୂୟାଁ ଅଧ୍ୟକ୍ଷତା କରିଥିବା ବେଳେ ରାମକୃଷ୍ଣ ଦତ୍ତ, ଜୟନ୍ତ ଜେନା, ଅମୂଲ୍ୟ ସାହୁ, ଗୋପିନାଥ ଗିରି, ମୂରଲୀ ଘୋଷ, ବିଶ୍ୱହରି ସାହୁ, ଅଜୟ କୁମାର ପଣ୍ଡା, ରମାକାନ୍ତ ସାହୁ, ଅମଳେନ୍ଦୁ ସାହୁ, ରଘୁନାଥ ଘୋଷ, ଅନନ୍ତ ନାୟକ, ଚନ୍ଦ୍ରସେଖର ଆଚାର୍ଯ୍ୟ, ସୁଭେନ୍ଦୁ ପରିଡା, ଭାରତ ମାରାଣ୍ଡି, ଆରତୀ ବିଶ୍ୱାଳ, ସରପଂଚ ବୁଦ୍ଧେଶ୍ୱର ପ୍ରଧାରନ, ଚନ୍ଦନ କର, ବସନ୍ତ ଦାସ, ସୁର୍ଯ୍ୟେନ୍ଦୁ ପାଳ, ଗଜେନ୍ଦ୍ର ସିଂ, ଗୋପିନାଥ ପାଳ, ଦୀନକୃଷ୍ଣ ଗିରି, ଧର୍ମିଷ୍ଠା ଗିରି ପ୍ରମୁଖ କୋଭିଡ୍ ଆଇନ୍ ପାଳନ ସହିତ ଶୋକ ସଭାରେ ବକ୍ତବ୍ୟ ରଖିଥିଲେ ।

# ଓଡିଶା ଦିବସ ପ୍ରସ୍ତୁତି ବୈଠକ

ପୁରୀ,୨୬।୩ (ନି.ପ୍ର): ଜିଲ୍ଲାସ୍ତରୀୟ ୮୬ତମ ଓଡିଶା ଦିବସ ପାଳନ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ କୋଭିଡ ନୀୟମ ପାଳନ କରି ଜିଲ୍ଲାସ୍ତରୀୟ ଓଡିଶା ଦିବସ ଉତ୍ସବ ମହା ସମାରୋହରେ ପାଳନ କରାଯିବ । ଏଥର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ କକ୍ଷରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରାତଃ ସମୟରେ ସହରରେ ଉତ୍କଳ ବନ୍ଦନା ଡାକବାଜି ଯୋଗେ ପରିବେଷଣ ହେବ । ଏହାପରେ ଗୁଣ୍ଡିଚା ମନ୍ଦିର ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଶୋଭାଯାତ୍ରାର ଆୟୋଜନ କରାଯାଇଛି । ଏଥିରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜିବୀ ପ୍ରମୁଖ ସାମିଲ ହେବେ । ଏଥିରେ ପାରମ୍ପରିକ ଲୋକ ଯାତ୍ରା ଓ ମେଢ ଆଦି ସ୍ଥାନ ପାଇବ । ଏହି ଅବସରରେ କବିତା ପାଠୋତ୍ସବର ମଧ ଆୟୋଜନ କରାଯାଇଛି ।



# ହୋଲି

ବିଦ୍ୟୁତଲତା ପଣ୍ଡା

**ଦୋଳଯାତ୍ରା ବା ବସନ୍ତ ମହୋତ୍ସବ ସମ୍ପର୍କରେ ବ୍ରହ୍ମପୁରାଣ, ପଦ୍ମପୁରାଣ, ବ୍ରହ୍ମାଣ୍ଡ ପୁରାଣ, ସ୍କନ୍ଦ ପୁରାଣ, ଭବିଷ୍ୟୋତ୍ତର ପୁରାଣ, ସୁତ ସଂହିତା, ବାମଦେବ ସଂହିତା, ଯାତ୍ରା ଭାଗବତ ଇତ୍ୟାଦିରେ ବର୍ଣ୍ଣନ ଦେଖିବାକୁ ମିଳେ । ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ ଗୀତାରେ କହିଛନ୍ତି ମାସମାନଙ୍କ ମଧ୍ୟରେ ସେ ନିଜେ ହେଉଛନ୍ତି ମାର୍ଗଶୀର ଏବଂ ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ ।'ମାସାନାଂ ମାର୍ଗଶୀର୍ଷୋଽହଂ ଋତୁନାଂ କୁସୁମାକରଃ'। ଅତଏବ ଋତୁରାଜ ବସନ୍ତକୁ ଭଗବାନ ଗ୍ରହଣ କରିଛନ୍ତି ନିଜ ପ୍ରେମର ଫଲଗୁ ବାଣ୍ଟିବା ନିମନ୍ତେ । ଜଗତର ଭାଇଚାରା ସୃଷ୍ଟି କରିବା ନିମନ୍ତେ । ଏହିପର୍ବ କାଳକ୍ରମେ ଜାତି,ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ଗଣପର୍ବ 'ହୋଲି' ନାମରେ ନାମିତ ହୋଇ ଏକ ସୁସ୍ଥ ଓ ସାମାଜିକ ଭାଇଚାରାକୁ ସ୍ୱାଗତ କରିଆସୁଛି କେଉଁ ଅନାଦିକାଳରୁ । ଏହି ପର୍ବ ଫାଲଗୁନ ଶୁକ୍ଳ ଦଶମୀଠାରୁ ଆରମ୍ଭ ହୋଇ ଚୈତ୍ର କୃଷ୍ଣପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ଫାଲ୍ଗୁନ ଦଶମୀ ବା ଫଗୁ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ରାଜଦୋଳ ଓ ପୂର୍ଣ୍ଣିମାଠାରୁ ଚୈତ୍ର କୃଷ୍ଣପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ଦୋଳଯାତ୍ରାକୁ ପଞ୍ଚଦୋଳ ବୋଲି କୁହାଯାଏ ।**



ଦୋଳଯାତ୍ରା ବା ବସନ୍ତ ମହୋତ୍ସବ ସମ୍ପର୍କରେ ବ୍ରହ୍ମପୁରାଣ, ପଦ୍ମପୁରାଣ, ବ୍ରହ୍ମାଣ୍ଡ ପୁରାଣ, ସ୍କନ୍ଦ ପୁରାଣ, ଭବିଷ୍ୟୋତ୍ତର ପୁରାଣ, ସୁତ ସଂହିତା, ବାମଦେବ ସଂହିତା, ଯାତ୍ରା ଭାଗବତ ଇତ୍ୟାଦିରେ ବର୍ଣ୍ଣନ ଦେଖିବାକୁ ମିଳେ । ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ ଗୀତାରେ କହିଛନ୍ତି ମାସମାନଙ୍କ ମଧ୍ୟରେ ସେ ନିଜେ ହେଉଛନ୍ତି ମାର୍ଗଶୀର ଏବଂ ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ ।'ମାସାନାଂ ମାର୍ଗଶୀର୍ଷୋଽହଂ ଋତୁନାଂ କୁସୁମାକରଃ'। ଅତଏବ ଋତୁରାଜ ବସନ୍ତକୁ ଭଗବାନ ଗ୍ରହଣ କରିଛନ୍ତି ନିଜ ପ୍ରେମର ଫଲଗୁ ବାଣ୍ଟିବା ନିମନ୍ତେ । ଜଗତର ଭାଇଚାରା ସୃଷ୍ଟି କରିବା ନିମନ୍ତେ । ଏହିପର୍ବ କାଳକ୍ରମେ ଜାତି,ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ଗଣପର୍ବ 'ହୋଲି' ନାମରେ ନାମିତ ହୋଇ ଏକ ସୁସ୍ଥ ଓ ସାମାଜିକ ଭାଇଚାରାକୁ ସ୍ୱାଗତ କରିଆସୁଛି କେଉଁ ଅନାଦିକାଳରୁ ।

ଏହି ପର୍ବ ଫାଲଗୁନ ଶୁକ୍ଳ ଦଶମୀଠାରୁ ଆରମ୍ଭ ହୋଇ ଚୈତ୍ର କୃଷ୍ଣପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ଫାଲ୍ଗୁନ ଦଶମୀ ବା ଫଗୁ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ରାଜଦୋଳ ଓ ପୂର୍ଣ୍ଣିମାଠାରୁ ଚୈତ୍ର କୃଷ୍ଣପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ଦୋଳଯାତ୍ରାକୁ ପଞ୍ଚଦୋଳ ବୋଲି କୁହାଯାଏ । ଫାଲ୍ଗୁନ ପୂର୍ଣ୍ଣମୀକୁ ଦୋଳ ପୂର୍ଣ୍ଣମୀ ବୋଲି ତିଥି ନିର୍ଣ୍ଣୟ ଗ୍ରନ୍ଥରେ ବର୍ଣ୍ଣନ ଦେଖିବାକୁ ମିଳେ ।ଏହିଦିନ ହୋରିଖେଳ ମାଧ୍ୟମରେ ଚିତ୍ତରଂଜନ କରିଥାଏ ଜନତା । ପ୍ରେମର ରଂଗରେ ରଙ୍ଗେଇଥାଏ ସଂସାରକୁ। ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ପ୍ରେମର ବନ୍ଧନରେ ବାନ୍ଧିଥାଏ ମନୁଷ୍ୟ ।

'ବ୍ରାହ୍ମଣୈଃ କ୍ଷତ୍ରୀୟୈଶ୍ଚୈବ ଶୂଦ୍ରଶ୍ଚ ଅନ୍ୟ ଜାତିଭିଃ
କୀଡ଼ୂୟ ପ୍ରକର୍ତ୍ତବ୍ୟା କ୍ରୀଡା ଫାଲଗୁନୈ ସଦାଃ ।'

ଏହି ଉତ୍ସବ ସନ୍ଧ୍ୟା ମଧ୍ୟରେ ସିମୀତ ହେବା ଆବଶ୍ୟକ । ଏହାର ବର୍ଣ୍ଣନା ନିର୍ଣ୍ଣୟ ସିନ୍ଧୁରେ ଦେଖିବାକୁ ମିଳେ ।

'ଫାଲଗୁନ ପୌର୍ଣ୍ଣମାସି ହୋଲିକା ସା ଚ ସାୟାଣ୍ହ ବ୍ୟାପିନୀ ।'

ଦୋଳପର୍ବ ସମ୍ପର୍କରେ ଭିନ୍ନ ଭିନନ୍ନ କାହାଣୀ ଭିନ୍ନ ଭିନ୍ନ ପୁରାଣରେ ଦେଖିବାକୁ ମିଳେ । ଯେପରିକି ଦାନବ ରାଜ ବଳୀଙ୍କ ତାଡନାରେ ଅତ୍ୟାଚାରିତ ଦେବତାମାନେ କାଶ୍ୟପଙ୍କ ପରାମର୍ଶ କ୍ରମେ ଶ୍ରୀବିଷ୍ଣୁଙ୍କୁ ଫାଲଗୁନ ଶୁକ୍ଳ ଏକାଦଶୀରୁ ଉପାସନା କରି ବରପ୍ରାପ୍ତ ହୋଇଥିଲେ । ଦେବତାଙ୍କ ପ୍ରାର୍ଥନାରେ ପ୍ରୀତ ହୋଇ ଭଗବାନ ବାମନ ଅବତାର ଗ୍ରହଣ ପୂର୍ବକ ବଳୀଙ୍କୁ ପାତାଳକୁ ଚାପିଥିଲେ । ଏହି ସ୍ମୃତିକୁ ମନେରଖି ଦୋଳଦଶମୀଠାରୁ ଚୈତ୍ର ୫ମୀ ପର୍ଯ୍ୟନ୍ତ ବିଷ୍ଣୁଙ୍କ ଅବତାର ଶ୍ରୀକୃଷ୍ଣଙ୍କ ଆରାଧନା କରିଥାନ୍ତି ମର୍ତ୍ତ୍ୟବାସୀଗଣ ଦୋଳଯାତ୍ରା ମାଧ୍ୟମରେ । ଭିନ୍ନ ଏକ କାରଣ ଅନୁସାରେ ହିରଣ୍ୟ କସ୍ୟୁପୁର ଭଉଣୀ ହୋଲିକା ବିଷ୍ଣୁଭକ୍ତ ପ୍ରହଲ୍ଲାଦକୁ ମାରିବା ନିମନ୍ତେ ନିଜ କୋଳରେ ବସାଇ କାଠଗଦା ଭିତରେ ପ୍ରବେଶ କରି ଅଗ୍ନି ସଂଯୋଗ କରାଇଥିଲେ । ପୂର୍ବରୁ ବରପ୍ରାପ୍ତ ହୋଲିକା ଅଗ୍ନିରେ ନଜଳିବାର ବରପ୍ରାପ୍ତ ହୋଇଥିଲେ ହେଁ ପରର ଅମଙ୍ଗଳ ଚିନ୍ତାକରିବାରୁ ଅଗ୍ନିରେ ପୋଡିଯାଇ ପ୍ରାଣ ବିସର୍ଜନ କରିଥିଲା । ଅନ୍ୟ ପଟରେ ଭଗବାନଙ୍କ ପ୍ରତି ଥିବା ଐକାନ୍ତିକ ଭକ୍ତିର କୃପା ସ୍ୱରୂପ ପ୍ରହଲ୍ଲାଦ ନିଜକୁ ଅଗ୍ନି କବଳରୁ ସୁରକ୍ଷିତ କରିଥିଲେ । ସେହିପରି ଭିନ୍ନ ଏକ କାହାଣୀ ଅନୁସାରେ ହୋଲିକାର ପୁତ୍ର ମେଣ୍ଢାସୁର ଯିଏକି ବରପ୍ରାପ୍ତ ହୋଇଥିଲେ ତା'ଶରୀରରୁ ଭୂମିରେ ପଡୁଥିବା ପ୍ରତି ରକ୍ତବିନ୍ଦୁରୁ ଶହଶହ ମେଣ୍ଢାସୁର ଜନ୍ମ ହେବାର ସେହି ରାକ୍ଷସକୁ ଭଗବାନ ଶ୍ରୀକୃଷ୍ଣ ଦେହରେ ଅଭିର ଲଗାଇ ଶ୍ୱାସରୁଦ୍ଧ କରି ମାରିଥିଲେ । ଏଣୁ ଗୋପପୁରବାସୀ ତାହାର ସ୍ମୃତି ସ୍ୱରୂପ ଦେହରେ ଅଭିର ଲଗାଇ ଉତ୍ସବ ପାଳନ କରିଥିଲେ । ଉକ୍ତ ଦିବସ ଭିନ୍ନ ଏକ କାରଣ ନିମନ୍ତେ ମଧ ପ୍ରସିଦ୍ଧ । ଏହି ଦୋଳପୂର୍ଣ୍ଣିମାରେ ଶ୍ରୀଚୈତନ୍ୟ ଜନ୍ମ ଗ୍ରହଣ କରିଥିଲେ । ଏଣୁ କୃଷ୍ଣ ଉପାସକ ତଥା ବୈଷ୍ଣବ ସମ୍ପ୍ରଦାୟ ଏହାକୁ ଅତି ପବିତ୍ର ଦିବସ ଭାବରେ ଗ୍ରହଣ କରିବା ସହିତ ମହାଡମ୍ବରରେ ପାଳନ କରିଥାନ୍ତି । ଭାରତବର୍ଷରେ ଏହି ଉତ୍ସବ ଭିନ୍ନ ଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପାଳନ କରାଯାଏ । ଆସାମରେ ଶଙ୍କର ଦେବ ଏହାର ପ୍ରଚଳନ କରାଇଥିବା ବେଳେ ଓଡିଶାରେ ଏହା ବିଶେଷ ଆଦୃତ ହୋଇଥିବା ଦେଖାଯାଏ । ଓଡିଶାରେ ରାଦାକୃଷ୍ଣଙ୍କ ବିଗ୍ରହଙ୍କୁ ବିମାନରେ ବସାଇ ମେଳଣ କରାଯାଇଥାଏ । ଗ୍ରାମରଠାକୁର ବିମାନ ଶୋଭାଯାତ୍ରାରେ ବାହାରି ଏକ ସ୍ଥାନରେ ପହଞ୍ଚିବାପରେ ମେଳଣ ଅନୁଷ୍ଠିତ ହୋଇଥାଏ । ଉପସ୍ଥିତ ଭକ୍ତବୃନ୍ଦଙ୍କୁ ଅଭୀର ମାଧ୍ୟମରେ ସ୍ୱାଗତ କରାଯାଏ ।

ଶ୍ରୀମନ୍ଦିରରେ ମଧ ଉକ୍ତ ପର୍ବ ଧୂମଧାମରେ ପାଳନ କରାଯାଏ । ରାଜା ଅନଙ୍ଗ ଭୀମଦେବଙ୍କ ସମୟରୁ ପ୍ରଚଳିତ ଏହି ଉତ୍ସବ ଆଜି ପର୍ଯ୍ୟନ୍ତ ଅକ୍ଷୁଣ୍ଣ ଅଛି । ଏଥି ନିମନ୍ତେ ରାଜା ୧୩୩ ମାଢ ସୁନା ରାଜା ଖଞ୍ଜିଥିବାର ସୂଚନା ମିଳେ । ଦୋଳଗୋବିନ୍ଦ ସାହିକୁ ମହାପ୍ରଭୁ ଯାଇ ଦୋଳି ଖେଳୁଥିବା ସମୟରେ ଦୋଳି ଛିଣ୍ଡିଯାଇ ପ୍ରଭୁଙ୍କ ଭୁଜ ଭାଙ୍ଗିଯିବାରୁ ଏବେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ବିଜେ କରୁଛନ୍ତି,ଯାହାଙ୍କୁ ଥରେ ମାତ୍ର ସଂଦର୍ଶନ କଲେ ପୁନର୍ଜନ୍ମରୁ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ଅଛି ।

+ମୟୂରଭଞ୍ଜ, ମୋ: ୯୯୩୮୧୨୨୮୨୬

# ଫଗୁଣ : ବସନ୍ତୋତ୍ସବ



ବିପିନ ବିହାରୀ ମହାନ୍ତି
ବିପିନ ବିହାରୀ ପାଠାଗାର, ଜଟଣୀ
ମୋ: ୯୯୩୮୩୪୪୧୩୮



ଫାଲଗୁନ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମା ଠାରୁ ଚୈତ୍ର କୃଷ୍ଣ ପଞ୍ଚମୀ ପର୍ଯ୍ୟନ୍ତ ଦୋଳ ଉତ୍ସବ ଅନୁଷ୍ଠିତ ହୁଏ। ଏହା ଭାରତୀୟ ହିନ୍ଦୁମାନଙ୍କର ଏକ ଜାତୀୟ ପର୍ବ। ଓଡ଼ିଶାରେ ଏହା ଏକ ବିଶେଷ ଉତ୍ସବ ରୂପେ ପାଳିତ ହୁଏ। ଦୋଳୋତ୍ସବଟି ରାଧ-କୃଷ୍ଣଙ୍କ ପ୍ରେମ ସମ୍ୱଳିତ ଏକ ଉତ୍ସବ। ଏହି ଉତ୍ସବରେ ରାଧା-କୃଷ୍ଣ ଯୁଗଳ ମୂର୍ତ୍ତିଙ୍କୁ ଦୋଳାରୋହଣ କରି ନୃତ୍ୟ, ଗୀତ, ସଂକୀର୍ତ୍ତନ ଏବଂ ନାନା ବାଦ୍ୟଯନ୍ତ୍ର ପୂର୍ବକ ସମାର୍ଜନୀ କରାଯାଏ; ମେଳଣ ପଡ଼ିଆରେ ଦୋଳବେଦୀ ପରେ ଅବସ୍ଥାପିତ କରିପୂଜା-ପାର୍ବଣ ଅନୁଷ୍ଠିତ କରାଯାଏ। ଏହା ଶୀତାନ୍ତେ ଫଗୁଣରେ ବସନ୍ତ ଋତୁରେ ପାଳିତ ହେଉଥିବାରୁ ଏହାର ନାମ ମଧ୍ୟ ବସନ୍ତୋତ୍ସବ ରଖାଯାଇଛି। ସ୍କନ୍ଦ ପୁରାଣ, ପଦ୍ମପୁରାଣ, ବ୍ରହ୍ମ ବୈବର୍ତ୍ତ ପୁରାଣ, ନିମ୍ବାର୍କଙ୍କ ଦଶଶ୍ଳୋକୀ, ଜୟଦେବଙ୍କ ଗୀତ ଗୋବିନ୍ଦ ଏବଂ ଭାଗବତ ଦଶମ ସ୍କନ୍ଦ, ଗୋପଲୀଳାରେ ବସନ୍ତ ରାସ ସଂପର୍କରେ ସବିଶେଷ ବିବରଣୀ ମିଳେ। ଏତଦ୍ ବ୍ୟତୀତ ଅଚ୍ୟୁତାନନ୍ଦଙ୍କ ହରିବଂଶୀ ଗୋବିନ୍ଦ ଚାର୍ଯ୍ୟଙ୍କ ଆର୍ଯ୍ୟାସପ୍ତଶତୀ, ଭାସଙ୍କ ବାଳ ଚରିତ ନାଟକ ଏବଂ କ୍ଷେମେନ୍ଦ୍ରଙ୍କ ଦଶବତାର ବୃତ୍ତାନ୍ତରେ ମଧ ବସନ୍ତୋତ୍ସବ କଥା ଦେଖିବାକୁ ମିଳେ। ଦଶବତାର ମଧ୍ୟରେ ଭଗବାନ ଶ୍ରୀକୃଷ୍ଣଙ୍କର ନାଁ ନାହିଁ। ଏଇଥିପାଇଁ ଯେ ତାଙ୍କୁ ଅବତାରୀ ବୋଲି ଗ୍ରହଣ କରାଯାଇଛି। ପୁରାଣ ମତେ କୃଷ୍ଣଙ୍କର ଅପୋଡ଼ା ପିଣ୍ଡହିଁ ଜଗନ୍ନାଥ। ମୂଳ ଭାଗବତରେ ରାଧାଙ୍କର ନାଁ ନେଇ ନାନା ପ୍ରଶ୍ନ ଉଠୁଥିଲେ ହେଁ, ରାଧା ଯେ ଶ୍ରେଷ୍ଠ ଗୋପୀଥିଲେ ଏବଂ କୃଷ୍ଣଙ୍କ ସହିତ ତାଙ୍କର ଭାବଗତ ମନୋଗତ ଏବଂ ଦେହଗତ ସଂପର୍କ ଥିଲା, ପୁଣି ଗଭୀର ଥିଲା ଏହା ଅନେକ ସ୍ୱୀକାର କରନ୍ତି। ଏହି ସଂସପର୍କର ରସ ହିଁ ରାସ।' ଏହି ରାସ ଛ' ପ୍ରକାର : ବସନ୍ତ ରାସ, ଶରତ ରାସ, ମହାରାସ, କୁଞ୍ଜରାସ, ନିତ୍ୟରାସ ଏବଂ ଗୋପରାସ। ତେବେ ଅଧିକ ପ୍ରସିଦ୍ଧି ଲାଭ କରିଛି ବସନ୍ତ ରାସ।

ଏ ରାସ ପରମାତ୍ମା ରୂପୀ କୃଷ୍ଣ ଓ ଜୀବରୂପୀ ଗୋପୀ ଗଣଙ୍କ ସହିତ ଏକ ଆଧ୍ୟାତ୍ମିକ ନିବିଡ଼ତାର ସଂପର୍କ। ଏକଥା ସତ୍ୟ ଯେ ଯେତେବେଳେ ରାଧା କୃଷ୍ଣଙ୍କ ସହିତ, ଜୀବ ପରମ ସହିତ, ଆତ୍ମା ପରମାତ୍ମା ସହିତ ସଂଯୁକ୍ତ ହୁଏ, ସେତେବେଳେ ପ୍ରକୃତରେ ଜୀବନର ପରିପୂର୍ଣ୍ଣତା ଆସେ; ଆରମ୍ଭ ହୁଏ ନୂତନ ସୃଷ୍ଟି। ଏହାହିଁ ପ୍ରକୃତି ଓ ପୁରୁଷର ମିଳନ, ଶିବ ଶକ୍ତିର ମିଳନ ଯାହା ରୂପାନ୍ତରିତ ହୁଏ ରାଧାକୃଷ୍ଣଙ୍କ ମିଳନରେ। ଏହି ତତ୍ତ୍ୱକୁ ଆଧାର କରି ଚାଲିଛି ଦୋଳୋତ୍ସବ : ବସନ୍ତୋତ୍ସବ।

ଏହି ଯାତ୍ରାରେ ମଦନ ମୋହନ ତାଙ୍କ ପ୍ରଣୟିନୀ ରାଧାଙ୍କ ସହିତ ଦୋଳରେ ବୀଜେହୁଅନ୍ତି ଏବଂ ତାଙ୍କର ଐକାନ୍ତିକ ପ୍ରେମର ଜୟଗାନ କରି ବସନ୍ତ ପ୍ରାଣମୟ ଓ ରସମୟ ହୋଇଉଠେ।

ଜଗନ୍ନାଥ ଓ ଶୀକୃଷ୍ଣ ମଧ୍ୟରେ ଏକ ଏବଂ ଅଭିନ୍ନତା ପ୍ରତିପାଦନ କରାଯାଇଥିବାରୁ ଏବଂ ଶ୍ରୀ ଜଗନ୍ନାଥ ଓଡ଼ିଆଙ୍କର ଇଷ୍ଟଦେବତା ହୋଇଥିବାରୁ ଶ୍ରୀ ମନ୍ଦିରର ପୂଜାବିଧି ଓଡ଼ିଆମାନଙ୍କ ପାଇଁ ଅନୁକରଣୀୟ। ମନ୍ଦିରରେ ଛ'ଦିନ ବ୍ୟାପୀ, : ଫଗୁଦଶମୀ ଠାରୁ ପୂର୍ଣ୍ଣିମା ଯାଏଁ ଏହା ପାଳିତ ହୁଏ। ଦଶମୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ଧୂପ ପରେ ଶ୍ରୀ ଜଗନ୍ନାଥଙ୍କ ଚଳନ୍ତି ମୂର୍ତ୍ତି ଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଲୋକନାଥ, ଯମେଶ୍ୱର, ମାର୍କେଣ୍ଡଶ୍ୱର, ନୀଳକଣ୍ଠ ଓ କପାଳମୋଚନାଦି ପଞ୍ଚ ଦେବଙ୍କ ଗହଣରେ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଯାଆନ୍ତି। ପୂର୍ଣ୍ଣିମାଦିନ ନିତ୍ୟ ଅର୍ଚ୍ଚନା ପରେ ଲକ୍ଷ୍ମୀ ଓ ସରସ୍ୱତୀ ସହିତ ଦୋଳମଣ୍ଡପକୁ ବିଜେ କରନ୍ତି। ଏହି ସମୟରେ ଠାକୁରମାନଙ୍କୁ ଦର୍ଶନ କଲେ ସଂସାର ବନ୍ଧନରୁ ମୁକ୍ତି ପାଇବାର ବିଶ୍ୱାସ କରାଯାଏ :

ଯଃ ପଶ୍ୟତି ଜଗଦ୍ଧାମ ଦୋଳାୟାଂ ପରମେଶ୍ୱରମ୍।
ନ ସ ଗର୍ଭଗୃହଂ ଯାତି ଯାବଦାଚନ୍ଦ୍ର ତାରକୌ ।।

ଦୋଳ ଉତ୍ସବଟିକୁ ଫଗୁ ଉତ୍ସବ ରୂପେ ମଧ୍ୟ ପାଳିତ ହୁଏ। ଲୋକମତେ ଏହା ଫଗୁ ଦଶମୀ, ଫଗୁ ପୁନେଇ, ଦୋଳ ପୁନେଇ ରୂପେ ଖ୍ୟାତି। ଫଗୁଣର ଫଗୁ ଶବ୍ଦର ବ୍ୟବହାରର ସମୀଚୀତାକୁ ଦର୍ଶାଏ :

ଫାଲଗୁନେ ପୌର୍ଣ୍ଣମାସ୍ୟାଂ ତୁ ଦିଦଧ୍ୟା ଢେିଷ୍ଣବୈଃ ସହ।
ଶ୍ରୀକୃଷ୍ଣ ପ୍ରିୟ ଭକ୍ତସ୍ୟ ବସନ୍ତ ସ୍ୟାର୍ଚ୍ଚନୋତ୍ସବମ୍ ।।

ଓଡ଼ିଶାର ପ୍ରଖ୍ୟାତ କବି ହଳଧର ମିଶ୍ର ଏହାକୁ ବସନ୍ତୋତ୍ସବ ରୂପେ ଅଭିହିତ କରିଛନ୍ତି।

ଫଗୁଦଶମୀରେ ଫଗୁ ଖେଳାଯାଏ। ଠାକୁର ଓ ଠାକୁରାଣୀଙ୍କ ମଧ୍ୟରେ ଏହା ଚାଚେରୀ ଲୀଳା ରୂପେ ବିଦିତ।

ଫଗୁଣେ ଫଗୁ ଚାଚେରୀ
ବୃନ୍ଦାବନେ ଲାଗିଅଛି କଚେରୀ ଲୋ
ପିଚକାରୀ ମରାମରି ।।

ଦୋଳପୂର୍ଣ୍ଣିମା ବାସିଦିନ ହିଁ ହୋଲି। ଏହି ପର୍ବର ମୁଖ୍ୟ ଆକର୍ଷଣ ରଙ୍ଗ ଖେଳ: ଫଗୁ ଏବଂ ଅବିରରେ ପରସ୍ପରକୁ ଲେପନ, ରଙ୍ଗ ବେରଙ୍ଗର ପିଚକାରୀରେ ଉନ୍ମାଦିଆ ଖେଳ। ଅବଶ୍ୟ ଆଜିକାଲିର ନାନାବିଧ ରଙ୍ଗ ଅତୀବ କଦର୍ଯ୍ୟ ପରିବେଶ ସୃଷ୍ଟି କରୁଥିବାରୁ, ଆଉ ରଙ୍ଗକୁ କାହାର ସଅକ ନାହିଁ।

ଧର୍ମଶାସ୍ତ୍ରରେ କୃଷ୍ଣ ଏହିଦିନ ହୋଲିକା ରାକ୍ଷସକୁ ମାରିଥିବାରୁ, ଏହାକୁ ହୋଲିପର୍ବ କୁହନ୍ତି। ଅନ୍ୟ ଏକ ବିଶେଷତ୍ୱର ଏହି ପୂର୍ଣ୍ଣିମାତିଥିରେ ଶ୍ରୀ ଚୈତନ୍ୟ ଦେବ ଜନ୍ମଲାଭ କରିଥିବାରୁ ବୈଷ୍ଣବ ସଂପ୍ରଦାୟ ବିଶେଷକରି ଗୌଡ଼ୀୟମାନଙ୍କ ପାଇଁ ଏହା ଏକ ମହାନପର୍ବ। ଏହା ଏକ ସମ୍ଭୋଗର ଋତୁ। ଏଣୁ ଏହାକୁ ସ୍ୱାଗତ ଜଣାଇ ପାଳନ ହେଉଛି ବୋଲି କେହି କେହି ମତ ବ୍ୟକ୍ତ କରନ୍ତି।

ବସନ୍ତୋତ୍ସବ କେଉଁ ଦୂର ଅତୀତରୁ ପାଳିତ ହୋଇ ଆସୁଅଛି। ଏହା ନିମ୍ବାର୍କ ଏବଂ ଦ୍ୱାଦଶ ଶତାବ୍ଦୀର ଗୀତ ଗୋବିନ୍ଦରେ ଆଖ୍ୟାୟିତ ଥିବାରୁ, ବହୁପୁରାତନ ବୋଲି ଅନୁମିତ ହୁଏ।

ଏହି ପର୍ବ ପାଳନ କେବଳ ଧାର୍ମିକ ବା ସାତ୍ତ୍ୱିକ ଦୃଷ୍ଟିକୋଣରୁ ପାଳିତ ହୁଏ ନାହିଁ। ଧର୍ମ ସଦାକାଳେ ବିଜ୍ଞାନ ସମ୍ମତ ଅଟେ। ଏହା ଅନ୍ଧ ଅନୁକରଣ ନୁହେଁ। ପୂର୍ବେ ବସନ୍ତ ଋତୁରେ ହାଡ଼ଫୁଟି, ବସନ୍ତ, ମିଳିମିଳା ଏବଂ ଅନ୍ୟାନ୍ୟ ଚର୍ମରୋଗ ହେଉଥିଲା। ଅବିର ବା ରଙ୍ଗ ବୋଳିହେବାରେ ଏହିସବୁ ରୋଗମାନଙ୍କର ପ୍ରତିଷେଧକ ରୂପେ କାର୍ଯ୍ୟ କରେ ବୋଲି ବସନ୍ତ ଆଗମନରେ ଅବିର ଓ ରଙ୍ଗ ଖେଳାଯାଏ।

ତେବେ ସାମ୍ପ୍ରତିକ ସମୟରେ ବସୁଧୈବ କୁଟୁମ୍ବକମ୍' ପରିପ୍ରେକ୍ଷୀରେ ଅର୍ଥାତ୍, ଶାନ୍ତି, ପ୍ରୀତି, ମୈତ୍ରୀ, ଭାତୃଭାବ ଓ ସଂହତି ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ। ଏହା ସାମ୍ୟଭାବ ସ୍ନେହ, ସଦ୍‌ଭାବ ଓ ସମନ୍ୱୟର ଚିନ୍ତାଧାରାରେ ପ୍ରତିଷ୍ଠିତ ଏକ ମହାନ ପର୍ବ।

ଆସନ୍ତୁ ସବୁ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ ରହି ବସନ୍ତୋତ୍ସବ : ହୋଲି ଓ ଦୋଳ ଯାତ୍ରାକୁ ଉପଭୋଗ କରିବା।

## ଗୋପପୁରେ ହୋରିଖେଳ

ଅମରନାଥ ବାରିକ୍

ରାଧିକା ହାତରେ ଧରି ଫୁଲଥାଳି
ଗୋପାଙ୍ଗନା ମେଳେ ଚଳି
ଧାମନ୍ତି ସକଳେ ଗୋପ ଗାଆଁ ମୁଣ୍ଡେ
ବାନ୍ଧିବାକୁ ଫୁଲଦୋଳି।

ଦୋଳ ପୁନେଇଁରେ
ଖେଳିବେଟି ହୋରି
ମାରି ରଙ୍ଗ ପିଚକାରୀ
ହୋଇଛନ୍ତି ସାଥୀ ଫଗୁଣ ଲଗନେ
ହେବା ପାଇଁ ରଙ୍ଗ ବୋଳି।

ଲୁଚି ନନ୍ଦବାଳ ଧରି ପିଚକାରୀ
ରାଧିକାକୁ ଦ୍ୟନ୍ତେ ମାରି
ଲାଜରେ କଣେଇ ଚାହାନ୍ତି ଆଉଡ଼େ
ମୁରୁକି ହସଟି ମାରି।

ରାଧିକା ଗାଲରେ ଶୋଭା ନାଲି ନୀଳ
ପୁଣି ଗୋଲାପି ଅବିର
ଦିଶେ ସୁଶୋଭିତ ଆହୁରି ଶାଣିତ
ବାଳା ଓଠ ଥରଥର।

ଫଗୁଣ ଆସିଛି ସାତରଙ୍ଗ ଘେନି
କୋଇଲିର କୁହୁ ତାନ
ରାଧାକୃଷ୍ଣ ପ୍ରେମ ବିତରି ବାସୁଛି
ଶୁଭେ ମୂରଲୀର ସ୍ୱନ।

ରାଗ ଅଭିମାନ ପାଶୋରି ମନରୁ
ପାହାନ୍ତି ମାରିଣ ବୁଡ଼
କରି ଭୋଜିଭାତ ହୋଇ ଦିଆନିଆ
ସମ୍ପର୍କ କରନ୍ତି ଦୃଢ଼।

ଦୋଳ ଯାତରା ଏ ଶୁଭ ମୁହୂର୍ତ୍ତରେ
ପ୍ରେମର ଅବିର ଛିଟା
ପରସ୍ପର ମଧ୍ୟେ ଖେଳନ୍ତି ଗୋପାଳ
ଓଗାଳ ଦାଣ୍ଡିଆ ପିଟା।

+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ମୋ: ୯୫୪୦୩୦୮୦୯୫



## ବସନ୍ତ ଆଗମେ

ଅମୂଲ୍ୟ କୁମାର ପଣ୍ଡା



ବସନ୍ତ ଆଗମେ ଶୀତର ପ୍ରକୋପ
ଧରାର ବକ୍ଷରୁ ଖସେ
ବକୁଳ ବନରେ କୋଇଲି କୁହୁରେ
ପ୍ରକୃତି ରାଣୀ ମୋ ହସେ
ଆମ୍ବ ବଉଳଟି ବାସେ
ନୀଳ ଅକାଶରେ ଦୂରେ ବହୁଦୂରେ
ଧଳା ବାଦଲଟି ଭାସେ।

ନଥାଇ ବାସନା ପଳାସ ଫୁଲଟି
ସଭିଙ୍କର ପ୍ରିୟ ହେଲା
କୃଷ୍ଣଚୂଡ଼ା ନାଲି ଟହ ଟହ ରଙ୍ଗ
ବସନ୍ତ ବାରତା ଦେଲା
ଫୁଲରେ ସଜେଇ ହୋଇ
ପ୍ରକୃତି ମାଆଟି ନୂଆ ବୋହୂ ସାଜି
ମନକୁ ନେଉଛି ମୋହି।

ଏହି ବସନ୍ତରେ ପ୍ରତି ଘରେ ଘରେ
ନନ୍ଦ ଉତ୍ସବର ସୁଖ
ରାଇ ଦାମୋଦର
ମୁରତି ଦେଖିଲେ
ଭୁଲିଯାଉ ସବୁ ଦୁଃଖ
ନେଇ ଭାଇ ଚାରା ଭାବ
ରାଗ ହିଂସା ଦ୍ୱେଷ ଦୂରେଇ ଦିଅନ୍ତି
ବାହିକି ପ୍ରଗତି ନାବ।

ଫଗୁ ନେଇ ଆସେ ଉତ୍ସାହ ଆନନ୍ଦ
ସମ୍ପର୍କରେ ରଙ୍ଗ ବୋଳି,
ରାଗ ଅଭିମାନ ଅପସରି ଯାଏ
ଥରେ ହେଲେ କୋଳା କୋଳି
ଆତ୍ମୀୟତା ଭାବ ବଢେ
ସଞ୍ଚରିକି ଭକ୍ତିଭାବ ହୃଦୟରେ
ମଧୁର ସମ୍ପର୍କ ଗଢେ।

ଫଗୁ ଅଭିରରେ ରାଧା କୃଷ୍ଣ କୁଞ୍ଜେ
ଖେଳୁ ଥିଲେ ସେବେ ଖେଳ,
ବିମାନରେ ଏବେ କରନ୍ତି ଭ୍ରମଣ
ସଭିଙ୍କୁ କରିକି ମେଳ
ମନ ପ୍ରଫୁଲ୍ଲିତ ହୁଏ
ଧରଣୀ ରାଣୀର ସୁନ୍ଦର ସ୍ୱରୂପ
ସଭିଙ୍କ ହୃଦୟ ଛୁଏଁ।

+ଅରଙ୍ଗାବାଦ, ବରୀ,
ଯାଜପୁର
ମୋ:୯୯୩୮୯୦୬୦୭୦



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦ୍ୱନ୍ଦ୍ୱ ...

ଭାରତ ଓ ଶ୍ରୀଲଙ୍କାର ସମ୍ପର୍କ ଅତି ପ୍ରାଚୀନ। କିନ୍ତୁ ଶ୍ରୀଲଙ୍କାର ତାମିଲ ପ୍ରଶ୍ନ ବେଶ୍ କେତେ ଦଶନ୍ଧି ଧରି ଭାରତର ବିଦେଶ ନୀତି ସମ୍ମୁଖରେ ପ୍ରାୟ ଏକ ଦୁଃସାଧ୍ୟ ଦ୍ୱନ୍ଦ ଉପସ୍ଥାପିତ କରି ଆସିଛି। ଶ୍ରୀଲଙ୍କାରେ କଲମ୍ବୋ ଏବଂ ଲିବରେସନ୍ ଟାଇଗରସ୍ ଅଫ୍ ତାମିଲ ଇଲମ୍ ମଧ୍ୟରେ ପ୍ରାୟ ତିନି ଦଶନ୍ଧି ପର୍ଯ୍ୟନ୍ତ ଲାଗି ରହିଲା ଗୃହଯୁଦ୍ଧ। ୧୯୮୦ ଦଶକର ପ୍ରାକ୍ ଭାଗରେ ପ୍ରଥମେ ଏହି ଯୁଦ୍ଧରେ ତାମିଲ ବିଦ୍ରୋହୀମାନଙ୍କୁ ପ୍ରଚ୍ଛନ୍ନ ସମର୍ଥନ ଦେଲାବେଳେ ସେହି ଦଶକର ଉତ୍ତର ଭାଗରେ ଯୁଦ୍ଧରଦ ଅବସାନ ଘଟାଇବାକୁ ଭାରତ ଶ୍ରୀଲଙ୍କାକୁ ପଠାଇଲା ଶାନ୍ତିରକ୍ଷା ବାହିନୀ। କିନ୍ତୁ ୧୯୯୦ ଦଶକରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟା ପଛରେ ତାମିଲମାନଙ୍କ ହାତ ରହିଥିବା ସ୍ପଷ୍ଟ ହେବାପରେ ଭାରତ ସେମାନଙ୍କ ବିରୋଦ୍ଧରେ ବଳିଷ୍ଠ ପଦକ୍ଷେପ ନେଲା। ପରିଶେଷରେ ୨୦୦୯ରେ ତାମିଲମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବେଳେ ଏହା ମହିନ୍ଦା ରାଜପାକ୍ଷଙ୍କୁ ନିରବ ସମର୍ଥନ ଜଣାଇଥିଲା, କାରଣ ମହିନ୍ଦାଙ୍କୁ ଖୋଲାଖୋଲି ସମର୍ଥନ ଜଣାଇଥିଲେ ଭାରତ ନିଜ ଦେଶରେ ତାମିଲମାନଙ୍କ ବିରୋଧର ଶିକାର ହୋଇଥାନ୍ତା। କିନ୍ତୁ ଭାରତର ଏହି ସମର୍ଥନ ଏକ ଆଶା ଉପରେ ଆଧାରିତ ଥିଲା ଯେ ଆତଙ୍କବାଦୀକୁ ନିର୍ମୂଳ କରିବା ପରେ ଶ୍ରୀଲଙ୍କା ଉଭୟ ତାମିଲମାନଙ୍କ ସମସ୍ୟାର ସମାଧାନ କରିବା ସହିତ ଭାରତର ରଣକୌଶଳପୂର୍ଣ୍ଣ ସ୍ୱାର୍ଥ ପ୍ରତି ଅଧିକ ସମ୍ବେଦନଶୀଳତା ପ୍ରକାଶ କରିବ। ଇତି ମଧ୍ୟରେ ବେଶ୍ କେତେ ଦଶନ୍ଧି ବିତି ଯାଇସାରିଲାଣି। ଭାରତର ଆଶା ମଧ୍ୟ ଏହା ଭିତରେ ଅନେକ ପରୀକ୍ଷାର ସମ୍ମୁଖୀନ ହୋଇସାରିରଛି। ରାଜପାକ୍ଷଙ୍କ ପୂର୍ବ ପାଳିର ସରକାର ସମୟରେ ତାଙ୍କର ସାମରିକ ବିଜୟ ସିଂହଳୀ ଅନ୍ଧ ରାଷ୍ଟ୍ରୀୟତାବାଦରେ ପରିଣତ ହୋଇଥିଲା ବେଳେ ଶ୍ରୀଲଙ୍କାର ଉତ୍ତର ଏବଂ ପୂର୍ବ ଭାଗରେ ରହିଥିବା ତାମିଲମାନଙ୍କ ସମସ୍ୟା ଅର୍ଥାତ ସେମାନଙ୍କୁ ଏହି ଦୁଇ ଭାଗ ହସ୍ତାନ୍ତରଣ କରିବାକୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ହେଲାନାହିଁ। ଓଲଟା ସିଂହଳୀ ସାମରିକ ବାହିନୀ ଏଠାରେ ବ୍ୟାପକ ଭାବରେ ମାନବିକ ଅଧିକାରର ଉଲ୍ଲଘଂନ କରୁଥିବା ସମ୍ପର୍କରେ ଅଭିଯୋଗମାନ ଆସିବାକୁ ଲାଗିଲା, ଯାହା ତାମିଲମାନଙ୍କୁ ପୂର୍ବାପେକ୍ଷା ଅଧିକ ନିଃସହାୟ କରିବାର କାରଣ ପାଲଟିଲା। ପରବର୍ତ୍ତୀ ସମୟରେ ମୈତ୍ରୀପାଳ ଶିରିସେନା-ରାନିଲ ୱିକ୍ରମସିଂହେ ସରକାରଙ୍କ ଅମଳରେ ତାମିଲମାନଙ୍କ ସମସ୍ୟାର ସମାଧାନ କରି ସେମାନଙ୍କ ଅସନ୍ତୋଷକୁ ପ୍ରଶମିତ କରିବାକୁ ବହୁବାର ଉଦ୍ୟମ କରାଗଲା। କିନ୍ତୁ ସେମାନଙ୍କ ମନରେ ମଧ୍ୟ ଏକ ଅସୁରକ୍ଷିତ ଭାବନା ବଳବତ୍ତର ରହୁଥିଲା ଯେ ସେମାନେ ସିଂହଳୀମାନଙ୍କ ସମର୍ଥନ ହରାଇପାରନ୍ତି। ସେମାନଙ୍କର ଆଶଙ୍କା ରହିଲା ଯେ ତାମିଲମାନଙ୍କ ସମସ୍ୟାର ସମାଧାନ କଲେ ଭୋଟ୍ ରାଜପାକ୍ଷଙ୍କ ସପକ୍ଷରେ ଯିବାର ଢ଼େର ସମ୍ଭାବନା ରହିଛି। ତେଣୁ ସେମାନେ ଇଚ୍ଛା କରି ମଧ୍ୟ ତାମିଲମାନଙ୍କୁ ନ୍ୟାୟ ପ୍ରଦାନ କରିପାରିଲେ ନାହିଁ। ଏହାପରେ ପୁନର୍ବାର ରାଜପାକ୍ଷ ନିର୍ବାଚନରେ ବିଜୟୀ ହୋଇ ଫେରିଲେ ଦୃଶ୍ୟପଟ୍ଟକୁ। କିନ୍ତୁ ନା ତ ତାମିଲମାନଙ୍କ ମନରୁ ଯୁଦ୍ଧକାଳୀନ ବିରୋଧ ଭାବକୁ ଦୂରେଇବା ପାଇଁ କାର୍ଯ୍ୟ କରିଛନ୍ତି, ନା ସେମାନଙ୍କୁ ଯଥାର୍ଥ ରାଜନୀତିକ ମାନ୍ୟତା ପ୍ରଦାନ କରିଛନ୍ତି। ଦ୍ୱିତୀୟରେ ରହିଲା ଭାରତ କଥା। ଗୃହଯୁଦ୍ଧ ଉପରାନ୍ତ ଶ୍ରୀଲଙ୍କାଠାରୁ ଭାରତ ପୂର୍ବବତ୍ ନିବିଡ଼ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠାର ଆଶା ରଖୁଥିଲା। କିନ୍ତୁ ଏହା ମଧ୍ୟ ବାସ୍ତବତାରେ ପରିଣତ ହେଲାନାହିଁ। ଶ୍ରୀଲଙ୍କାର ଚୀନ୍ ଅଭିମୁଖେ ମନୋଭାବ ବଜାୟ ରହିଛି, ଯଦିଓ ରାଜପାକ୍ଷଙ୍କ ସରକାର ଏହି ଦ୍ୱୀପପୁଂଜ ରାଷ୍ଟ୍ରର ପୂର୍ବ ଭାଗରେ ଭାରତକୁ ଏକ ବନ୍ଦରର ପୁନରୁଦ୍ଧାର କାର୍ଯ୍ୟ ପ୍ରଦାନ କରିଛି ବୋଲି କହି ଡିଣ୍ଡିମ ପିଟୁଛନ୍ତି। ଚୀନକୁ ଏହି ସରକାର ଉତ୍ତର ଭାଗରେ କେତେକ ପ୍ରକଳ୍ପ ପ୍ରଦାନ କରିବା ସୂଚନା ପ୍ରଦାନ କରୁଛି ଯେ ଶ୍ରୀଲଙ୍କାର ରାଜପାକ୍ଷ ସରକାର ରଣକୌଶଳ ଦୃଷ୍ଟିରୁ ଜଣେ ନିର୍ଭରଯୋଗ୍ୟ ଅଂଶୀଦାର ନୁହଁନ୍ତି। ମୋଟାମୋଟି ଏବେ ଶ୍ରୀଲଙ୍କାରେ ଆଭ୍ୟନ୍ତରୀଣ ଭାବରେ ସାମ୍ପ୍ରଦାୟିକ ସ୍ୱତନ୍ତ୍ରବାଦ ପ୍ରଚଳିତ ରହିଥିବା ବେଳେ ବାହ୍ୟ ଦୃଷ୍ଟିରୁ ଶ୍ରୀଲଙ୍କା ଚୀନ୍ ପ୍ରତି ଅଧିକ ଅନୁକୂଳ ରହିଛି। ଏଥିପାଇଁ ଭାରତ ନା ତ ଶ୍ରୀଲଙ୍କା ପ୍ରତି ରହିଥିବା ନିଜର ଅନାସ୍ଥା ଭାବକୁ ପ୍ରକଟିତ କରିବାକୁ ଚାହୁଁଛି, ନା ଏହା ଉପରେ ଆସ୍ଥା ରଖିଛି ବୋଲି ଦର୍ଶାଇବାକୁ ପସନ୍ଦ କରୁଛି। ଆଉ ଏହା ହିଁ ଭାରତକୁ ନିକଟରେ ଜାତିସଂଘ ମାନବିକ ଅଧିକାର ପରିଷଦ, ଯାହା ଶ୍ରୀଲଙ୍କାକୁ ତାମିଲମାନଙ୍କ ମାନବକ ଅଧିକାର ପାଇଁ କିଛି ଅଧିକ କରିବାକୁ କହୁଛି, ସେହି ଉପଲକ୍ଷେ ଅନୁଷ୍ଠିତ ଭୋଟ୍‌ରୁ ଅନୁପସ୍ଥିତ ରହିବାକୁ ଅନୁପ୍ରେରିତ କରିଛି। ସୂଚନାଯୋଗ୍ୟ ଯେ ନିକଟରେ ଅନୁଷ୍ଠିତ ହେବାକୁ ଯାଉଛି ତାମିଲନାଡୁ ରାଜ୍ୟର ବିଧାନସଭା ନିର୍ବାଚନ ଏବଂ ଶ୍ରୀଲଙ୍କାରେ ଥିବା ତାମିଲମାନେ ଭାରତୀୟ ତାମିଲମାନଙ୍କ ବଂଶଧର ତଥା ଏବେ ସୁଦ୍ଧା ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଭାରତରେ ଘର ରହିଛି ବୋଲି ଅତ୍ୟୁକ୍ତି ହେବନାହିଁ। ଆଉ କେନ୍ଦ୍ର ସରକାର ଏହି ପରିଷଦରେ ଭୋଟ୍ ଦେଇ ତାମିଲମାନଙ୍କ ସପକ୍ଷରେ ବା ବିପକ୍ଷରେ ରହିଥିବା ଦର୍ଶାଇବାକୁ ଚାହାନ୍ତି ନାହିଁ।

# ଶ୍ରୀ ମନ୍ଦିରରେ ଦୋଳ ଉତ୍ସବ



ଡକ୍ଟର ଶ୍ରୀହରି ପଣ୍ଡା

ଦୋଳଯାତ୍ରା ସାରା ଭାରତ ବର୍ଷରେ ଆନନ୍ଦ ଓ ଉତ୍ସାହର ସହିତ ମହା ଆଡ଼ମ୍ବରର ସହିତ ପାଳନ କରାଯାଏ । ଏହି ଉତ୍ସବରେ ରାଧାଗୋବିନ୍ଦ ବିଗ୍ରହଙ୍କର ରାସଯାତ୍ରା ଅନୁଷ୍ଠିତ ହୁଏ ।ଏହି ଉତ୍ସବକୁ ଅବିର ବା ଫଗୁଖେଳର ଯାତ୍ରା ବୋଲି ମଧ୍ୟ କୁହାଯାଏ । ବିଭିନ୍ନ ସ୍ଥାନରେ ଏହି ଯାତ୍ରାର କାଳ ଦୋଳପୂର୍ଣ୍ଣିମା ତିଥିକୁ କେନ୍ଦ୍ରକରି ଏପରିକି ମାସ ପର୍ଯ୍ୟନ୍ତ ବ୍ୟାପୀ ରହି ପାଳିତ ହେଉଥିବାର ଦେଖାଯାଏ ।ଏହି ଦୋଳ ଉତ୍ସବରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ବିଧିବିଧାନ ଗୁଡ଼ିକ ଉପରେ ସାମାନ୍ୟ ଦୃଷ୍ଟି ପକାଇବା ।

ଶ୍ରୀମନ୍ଦିରରେ ଗତାନୁଗତିକ ରୀତିରେ ଉକ୍ତ ଯାତ୍ରା ଚଳି ଆସୁଛି ବୋଲି ବାହାରକୁ ଜଣା ପଡୁଥିଲେ ହେଁ ବାସ୍ତବରେ ଏହା ଏହି କ୍ଷେତ୍ର ଓ ମନ୍ଦିରର ଏକ ସ୍ୱତନ୍ତ୍ର ସ୍ଥିତି ପ୍ରକାଶ କରୁଛି । ସ୍କନ୍ଦ ପୁରାଣ ଅନୁସାରେ ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହିଯାତ୍ରା ଅନ୍ୟତମ । ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଯାତ୍ରା ମାନଙ୍କ ମଧ୍ୟରୁ ସର୍ବାଧିକ ଯାତ୍ରା ବିଷ୍ଣୁକୈନ୍ଦ୍ରୀକ । ବିଷ୍ଣୁକୈନ୍ଦ୍ରୀକ ଯାତ୍ରା ମଧ୍ୟରୁ ରାମକୈନ୍ଦ୍ରୀକ, କୃଷ୍ଣକୈନ୍ଦ୍ରୀକ ଏବଂ ନୃସିଂହକୈନ୍ଦ୍ରୀକ ଯାତ୍ରା ପ୍ରଧାନ । ବିଷ୍ଣୁ କୈନ୍ଦ୍ରୀକ ଯାତ୍ରା ମଧ୍ୟରୁ ମହା ବିଷୁବ ସଂକ୍ରାନ୍ତି(ହନୁମାନଜନ୍ମ),ଶ୍ରୀରାମ ନବମୀ, ନୃସିଂହ ଜନ୍ମ, ରକ୍ମିଣୀ ପରିଣୟଏକାଦଶୀ, ଚମ୍ପକ ଏକାଦଶୀ, ବଳଭଦ୍ର ଜନ୍ମ, ଝୁଲଣ, ଜନ୍ମାଷ୍ଟମୀ, ନନ୍ଦୋତ୍ସବ, ବାମନ ଜନ୍ମ, ଭାଗବତ ଜନ୍ମ, ମହା କର୍ତ୍ତିକ ବ୍ରତ, ରାଧାପାଦ ଦର୍ଶନ ଅନ୍ୟତମ । ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ସହିତ କେତେକ ଯାତ୍ରା ଶ୍ରୀମନ୍ଦିରରେ ପାଳିତ ହୁଏ; ସେ ଗୁଡ଼ିକ ମଧ୍ୟରୁ ବସ୍ତ୍ରହରଣ, ଦାବାଗ୍ନି ଲୀଳା, ନିକୁଞ୍ଜ ଲୀଳା, ଅନ୍ଧ ଲୀଳା, କୃଷ୍ଣ ଲୀଳା, ଲବଣୀ ଖେଳ, ମଥୁରା ହାଟଲୀଳା ଆଦି ପାଳନ କରାଯାଏ । ଜଗନ୍ନାଥ ବଲ୍ଲଭ ଖଳାରେ ଅକୃର ପ୍ରସ୍ତାବ, ରଜକ ପ୍ରସ୍ତାବ, ଧନୁଘର ପ୍ରସ୍ତାବ, ମଲ୍ଲଯୁଦ୍ଧ, କୁବୁଜା ଉଦ୍ଧାର, ମଥୁରା ହାଟଜୁର, କୁବଳୟା ବଧପ୍ରସ୍ତାବ, କଂସ ବଧ ହୁଏ ଓ ଉଗ୍ରସେନକୁ ଗାଦି ଦିଆଯାଏ ।

ଫାଲଗୁନ ଦଶମୀ ଠାରୁ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପ୍ରଭୁ ବାହାର ବୁଲାରେ ଯାଆନ୍ତି । ଏହି ସମୟରେ ମହାପ୍ରଭୁ ବାହାରେ ବୁଲି ଭକ୍ତମାନଙ୍କ ଠାରୁ ପ୍ରୀତି ସହକାରେ ପନ୍ତୀ ଭୋଜନ କରନ୍ତି । ଭଗବାନ ଭକ୍ତ ସହିତ ମିଳିତ ହୋଇ ମାହାନନ୍ଦରେ ଭକ୍ତର ପୂଜା ଗ୍ରହଣ କରନ୍ତି ବୋଲି ପନ୍ତୀ ଶବ୍ଦର ବ୍ୟବହାର ହୋଇଛି । ବାହାରେ ବୁଲା ସରିଲା ପରେ ଦୋଳପୂର୍ଣ୍ଣିମା ଦିନ ମହାପ୍ରଭୁ ଦୋଳ ବେଦୀରେ ଦୋଳି ଖେଳନ୍ତି । ଦୋଳ ବେଦୀରେ ଦୋଳି ଖେଳୁଥିବାରୁ ଏହି ପୂର୍ଣ୍ଣମୀକୁ ଦୋଳପୂର୍ଣ୍ଣିମା କୁହାଯାଏ । ଶ୍ରୀଜୀଉ ମାନଙ୍କର ଦୋଳଯାତ୍ରା ସାତଦିନ ଧରି ଅନୁଷ୍ଠିତ ହୁଏ । ପୂର୍ଣ୍ଣିମାର ପାଞ୍ଚଦିନ ପୂର୍ବରୁ ଏହି ଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣିମା ପରଦିନ ଅର୍ଥାତ ପ୍ରତିପଦା ତିଥିରେ ସମାପ୍ତ ହୋଇଥାଏ । ଦଶମୀ ଠାରୁ ଚର୍ତୁର୍ଦ୍ଦଶୀ ଭିତରେ ତିଥି କ୍ଷୟଥିଲେ ତାହା ପାଞ୍ଚଦିନ ପରିବର୍ତ୍ତେ ଚାରିଦିନ ନହୋଇ ଫାଲଗୁନ ଶୁକ୍ଳ ନବମୀ ଠାରୁ ପାଳନ କରାଯାଏ। ସର୍ବତ୍ର ରାଧାକୃଷ୍ଣଙ୍କର ଦୋଳଯାତ୍ରାର ପ୍ରସିଦ୍ଧିଥିଲେ ମଧ୍ୟ ଶ୍ରୀକ୍ଷେତ୍ରରେ ଶ୍ରୀଦେବୀ ଓ ଭୁଦେବୀଙ୍କ ସହ ଦୋଳଗୋବିନ୍ଦଙ୍କର ଦୋଳଯାତ୍ରା ପରେ ଏକତ୍ରାବସ୍ଥାନ ଶ୍ରୀକ୍ଷେତ୍ରର ଓ ଶ୍ରୀମନ୍ଦିରର ମାହାତ୍ମ୍ୟ ପୃଥକ ଭାବରେ ଚିହ୍ନାଇ ଦିଏ । ଅତୀତରେ ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆରେ ଦୋଳବେଦୀ ଉପରେ ମହାପ୍ରଭୁ ଆସି ଦୋଳି ଖେଳୁଥିଲେ,ମାତ୍ର ଖ୍ରୀ.୧୫୬୧ଅ.ରେ ଦୋଳି ଖେଳୁଥିବା ବେଳେ ମହାପ୍ରଭୁ ଦୋଳିରୁ ପଡ଼ିଯାଇ ହାତ ଭାଙ୍ଗି ଦେବାରୁ ଖ୍ରୀ.୧୫୬୨ ଠାରୁ ମହାପ୍ରଭୁଙ୍କୁ ନିଆ ନଯାଇ ଦୋଳଗୋବିନ୍ଦଙ୍କୁ ଦୋଳିରେ ଝୁଲା ଯାଉଛି । ଏବେ ଦୋଳ ବେଦୀ ଶ୍ରୀ ମନ୍ଦିରର ଉତ୍ତର-ପୂର୍ବ ଦିଗରେ ଅବସ୍ଥିତ । ଶୁକ୍ଳ ଦଶମୀ ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ମଧାହ୍ନ ଧୂପ ପରେ ଚାଚେରୀ ବେଶ,ଚାଚେରୀ ଭୋଗ, ଫଗୁଲାଗି, ଜଗନ୍ନାଥ ବଲ୍ଲଭ ପର୍ଯ୍ୟନ୍ତ ଯାତ୍ରା ଓ ବନ୍ଦାପନାଦିକୁ ଫଗୁଖେଳ ବିଧି କୁହାଯାଏ । ଶୁକ୍ଳ ଚତୁର୍ଦ୍ଦଶୀ ଦନ ଚାଚେରୀ ବେଶ, ଭୋଗ, ଫଗୁଲାଗି, ଅଗ୍ନିଉତ୍ସବ ଗୃହକୁ ଯାତ୍ରା, ଗୃହଦାହ ଭୋଗ ଏବଂ ବନ୍ଦାପନାଦିକୁ ଅଗ୍ନ୍ୟୁତ୍ସବ ବିଧି କୁହାଯାଏ । ପୂର୍ଣ୍ଣିମା ଦିନ ସକାଳେ ଖଇକୋରା ଭୋଗ ପରେ ଲାହିକଟା ମଣ୍ଡପକୁ ଯାତ୍ରା ଓ ତତ୍ରତ୍ୟ ବିଧି,ଦୋଳ ମଣ୍ଡପ ଯାତ୍ରା ପ୍ରଦକ୍ଷିଣ, ତିନି ଧୂପର ନୈବେଦ୍ୟ,ଆଳତି ବନ୍ଦାପନା, ଦୋଳି ଓ ଫଗୁଖେଳ ସହ ମନ୍ଦିରକୁ ବିଧି ପୂର୍ବକ ପ୍ରତ୍ୟାଗମନ ଏବଂ ଶ୍ରୀମନ୍ଦିରସ୍ଥ ଶ୍ରୀଜୀଉ ପ୍ରଭୃତିଙ୍କର ସମସ୍ତ ପର୍ବଗତ ବିଧ ଓ ରାଜବେଶାଦି ବିଧିକୁ ଦୋଳସ୍ବ ବିଧି କୁହାଯାଏ ଏବଂ ସର୍ବଶେଷ ପ୍ରତିପଦା ଦିନ ମଧାହ୍ନ ଧୂପ ପରେ ନରେନ୍ଦ୍ର ପୁଷ୍କରଣୀ ନିକଟକୁ ଯାତ୍ରା,ଚନ୍ଦନ ଓ ହରିଦ୍ରା ଜଳ ସେବକ ଓ ବନ୍ଦାପନାଦି ବିଧିକୁ ହୋରି ଉତ୍ସବ ବିଧି କୁହାଯାଏ । ଏଥି ମଧ୍ୟରୁ ଦୋଳତ୍ସବବିଧି ଦୋଳ ପୂର୍ଣ୍ଣିମାରେ ସମ୍ପାଦିତ ହେଉ ଥିବାରୁ ଏହି ପୂର୍ଣ୍ଣିମା ବିଧିର ଶାସ୍ତ୍ରୀୟ ବ୍ୟବସ୍ଥାନୁସାରେ ପୂର୍ବୋକ୍ତ ପାଞ୍ଚଦିନ ଓ ପରୋକ୍ତ ଦିବସଟି ନିର୍ଣ୍ଣିତ ହୋଇଛି । ଅନୁମାନ କରାଯାଏ ଯେ ଦୋଳ ଉତ୍ସବ ଶ୍ରୀଚୈତନ୍ୟଙ୍କ ସମୟରେ ଆରମ୍ଭ କରା ଯାଇଥିଲା । ଶ୍ରୀଚୈତନ୍ୟଙ୍କ ଖ୍ରୀ.୧୫୦୯ଅ ରେ ଓଡ଼ିଶା ଆଗମନ ପରେ ରାଧାକୃଷ୍ଣ ସଂକୀର୍ତ୍ତନର ଧାରା ପ୍ରବାହିତ ହୋଇଥିଲା । ଦୋଳଯାତ୍ରା ସେହି ସମୟରୁ ସୃଷ୍ଟି ହୋଇଥିବାର ଅନୁମାନ ହୁଏ । ମହାପ୍ରଭୁଙ୍କର ଚଳନ୍ତି ପ୍ରତିମାଙ୍କର ବିଭିନ୍ନ ପର୍ବର ବିଭିନ୍ନ ନାମ ରହିଛି । ଚନ୍ଦନ ଯାତ୍ରାରେ ମଦନମୋହନ, ଦୁର୍ଗାପୂଜାରେ ଦୁର୍ଗାଢ଼ାଧବ, ଦୋଳରେ ଦୋଳଗୋବିନ୍ଦ ଆଦି ନାମ ରହିଛି ।

ଦୋଳାୟାଂ ଦୋଳଗୋବିନ୍ଦ ଚନ୍ଦନେ ମଧୁସୂଦନ, ରଥେତୁ ବାମନଂ ଦୃଷ୍ଟା ପୁନଃ ର୍ଜନ୍ମ ନବିଦ୍ୟତେ ।

ଶ୍ରୀଜୀଉଙ୍କର ଦୋଳତ୍ସବରେ ରାଜବେଶ ଓ ପର୍ବ ଯାତ୍ରାବିଧି ସର୍ବଥା ଅନ୍ୟତ୍ର ଦୁର୍ଲଭ ଅଟେ ।


+ଗୌଡ଼ଗାଁ, କପ୍ତିପଦା,
ମୟୂରଭଞ୍ଜ,୯୮୫୩୯୪୮୪୫୮


# ବିକାଶ ଅପେକ୍ଷାରେ ମୟୂରଭଂଜ ଜନଜୀବନ

ଶ୍ରୀକୃଷ୍ଣ ସାମଲ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ହେଲେ ଏହାର ପ୍ରୋସେସିଂ ଅଭାବରୁ ପଡୋଶୀ ରାଜ୍ୟର ମୁନାଫାଖୋର ବ୍ୟବସାୟୀମାନେ ଅତି କମ୍ ମୂଲ୍ୟରେ ଏହାକୁ ସଂଗ୍ରହ କରି ବିପୁଳ ଲାଭବାନ ହୋଇଥାନ୍ତି । ମୟୂରଭଂଜ ଜନଜୀବନ ଖାଲି ଭକୁଆ ହୋଇ ଚାହିଁ ରହିଥାଏ । ଏଣୁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏହାର ପ୍ରୋସେସିଂ କରାଇ ପାରିଲେ ମୟୂରଭଂଜର ବେକାରୀ ସମସ୍ୟା ଦୂର ହୋଇ ପାରିବ ଓ ଜିଲ୍ଲାବାସୀଙ୍କ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇବ । ଏକଦା ମୟୂରଭଂଜର ବୟନ ଶିଳ୍ପ ଖୁବ୍ ସୁଦୂର ପ୍ରସାରୀ ଥିଲା । ଏଠାକାର ରେଶମ ପାଟଓ ଚନ୍ଦନପୁରୀ ବସ୍ତ୍ର ପୃଥିବୀ ପ୍ରସିଦ୍ଧ ଥିଲା । ହେଲେ ଏହା ଏବେ ମୃତ ପ୍ରାୟ । ଏଥିପାଇଁ ବୟନ ଶିଳ୍ପୀମାନଙ୍କ କୁଶଳୀ କରା ଯାଇ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଲେ ଆଉଥରେ ଚଳଚଞ୍ଚଳ ହୋଇଉଠିବ ମୟୂରଭଂଜର ବୟନ ଶିଳ୍ପ । ଏହି ଶିଳ୍ପ ଜରିଆରେ ବେକାର ସମସ୍ୟାର ସମାଧାନ ମଧ ହୋଇ ପାରିବ । ଏଠାକାର କିଛି ବୁଣାକାର ସମ୍ପ୍ରଦାୟ ଶିଳ୍ପୀମାନେ ମଜ୍‌ବୁତ ବହଳ ବସ୍ତ୍ର ପ୍ରସ୍ତୁତ କରିବାରେ ସିଦ୍ଧହସ୍ତ । ଏହି ବସ୍ତ୍ର ସ୍ଥାନୀୟ ଜନଜାତି ଓ ଜନଉପଜାତି ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ଯଥେଷ୍ଟ ଗ୍ରହିଦା ରହିଛି । ଏବେ ଏହି ବସ୍ତ୍ର ପଡୋଶୀ ରାଜ୍ୟରୁ ଆମଦାନୀ ହୋଇ ଏମାନଙ୍କର ଗ୍ରହିଦା ମେଣ୍ଟାଇ ପାରୁଛି । ହେଲେ ଏହି ବୟନ ଶିଳ୍ପୀ ମାନଙ୍କୁ କୁଶଳୀ ଓ ପ୍ରୋତ୍ସାହନ ଦେଇ ଥଇଥାନ କରି ପାରିଲେ ଏମାନଙ୍କ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ବେକାରୀ ସମସ୍ୟା ଦୂର ହୋଇ ପାରିବ । ଗୋରୁମହିଷାଣି, ବାଦାମପାହାଡ ଓ ସୁଲେଇପାଟଠାରେ ପ୍ରଚୁର ଲୁହା ପଥର ମହଜୁଦ ଅଛି । ଏହାକୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସର୍ଭେ କରାଇ ଲୁହା ଖଣିକୁ ପୁନଃପ୍ରଚଳନ କରାଇ ପାରଲେ ମୟୂରଭଂଜର ବେକାର ସମସ୍ୟା ଦୂର ହେବା ସଙ୍ଗେ ସଙ୍ଗେ ମୟୂରଭଂଜବାସୀଙ୍କ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇବ । ଟାଟା କମ୍ପାନୀ ଏକ ଘରୋଇ କମ୍ପାନୀ ହୋଇ ଥିବାରୁ ପ୍ରଚୁର ଲାଭବାନ ନ ହେବାରୁ ସ୍ଥାନୀୟ ଜନସାଧାରଣଙ୍କ ଆର୍ଥିକ ସ୍ଥିତିକୁ ଦୃଷ୍ଟି ନ ଦେଇ ହଠାତ୍ ଏହାକୁ ବନ୍ଦ କରି ଦେଇଛନ୍ତି । କିନ୍ତୁ ସରକାରଙ୍କ କ୍ଷେତ୍ରରେ ଏହା ଉପରେ ଗୁରୁତ୍ୱ ନ ଦେଇ ଏହାକୁ ପୁନଃପ୍ରଚଳନ କରି ଜନସାଧାରଣ କିପରି ଉପକୃତ ହେବେ ଓ ସରକାର ଯେପରି କ୍ଷତି ନ ସହିବେ ଏହା ଉପରେ ଦୃଷ୍ଟି ନିକ୍ଷେପ କରିବା ଉଚିତ । ହେଲେ ଏବେ ରାଇରଙ୍ଗପୁରଠାରେ ପେଲେଟ ପ୍ଲାଣ୍ଟ ହେବାର ଘୋଷଣା ହୋଇ ସାରିଥିବାରୁ ମୟୂରଭଂଜ ଜନଜୀବନ କିଛିଟା ଆଶସ୍ତି ଲାଭ କରିଛ। କୃଷି ପାଇଁ ଜଳସେଚନର ଆବଶ୍ୟକତା ସର୍ବାଗ୍ରେ । ହେଲେ ରାଜତନ୍ତ୍ର ସମୟରେ ଏହା ଉପରେ ଯେତିକି ଗୁରୁତ୍ୱ ଦିଆଯାଉଥିଲା, ଗଣତନ୍ତ୍ର ଶାସନରେ ଏହା ଉପରେ ଆଦୌ ଗୁରୁତ୍ୱ ଦିଆଯାଇ ନାହିଁ କହିଲେ ଚଳେ । କିଛି କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକ୍ଷମ ହୋଇ ଜିଲ୍ଲାର କିଛି ପଡା ଓ ଗ୍ରାମ ମାନଙ୍କରେ ଜଳସେଚନ ହୋଇଛି । ହେଲେ କୌଣସି ବୃହତ ଜଳସେଚନ ଯୋଜନା ଏଯାଏଁ କାର୍ଯ୍ୟକାରୀ ହୋଇ ପାରି ନାହିଁ । ଯାହାର ଜ୍ୱଳନ୍ତ ଉଦାହରଣ ହେଲା ସୁବର୍ଣ୍ଣରେଖା ଜଳସେଚନ ଯୋଜାନ ଓ ଦେଓ ଜଳସେଚନ ଯୋଜନା । ସରକାରଙ୍କର ଉଦାସୀନତା ଯୋଗୁଁ ଏହା ଚ୍ରରି ଦଶନ୍ଧି ହେଲା କାର୍ଯ୍ୟକ୍ଷମ ହୋଇ ପାରି ନାହିଁ।

ମୟୂରଭଂଜର ଛଉ ଓ ଝୁମର ନୃତ୍ୟ ପୃଥିବୀ ପ୍ରସିଦ୍ଧ ହେଲେ । ଏହାର ବିକାଶ ନିମନ୍ତେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଖାଲି ବାରିପଦାଠାରେ ଛଉ ପ୍ରତିଷ୍ଠାନ ଓ ବେତନଟୀ ଠାରେ ଝୁମର ପ୍ରତିଷ୍ଠାନ ଖୋଲା ଯିବାର ଘୋଷଣା କରାଯାଇଛି ମାତ୍ର । ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇ ଜିଲ୍ଲାର ଯୁବପୀଢୀ ମାନଙ୍କୁ କୁଶଳୀ କରାଇ ପାରିଲେ ଆହୁରି ମଧୁମୟ ଓ ଛନ୍ଦମୟ ହୋଇଯିବ ପୃଥିବୀ ପ୍ରସିଦ୍ଧ ଛଉ ଓ ଝୁମର ନୃତ୍ୟ । ଏଣୁ ମୟୂରଭଂଜ ସ୍ୱତନ୍ତ୍ର ରାଜ୍ୟରୁ ଭାରତ ସରକାରଙ୍କ ସହିତ ମିଶି ଯାଇ ଓଡିଶା ରାଜ୍ୟର ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇବା ଦିନଠୁ ଏହାର ବିକାଶ ନିମନ୍ତେ ଏଠାକାର ଜନଜୀବନ ଚାତକ ପକ୍ଷୀ ପରି ଅନାଇ ବସିଛନ୍ତି । ଖାଲି ଆଦିବାସୀ ମାନଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଅନ୍ୟ ଜନସାଧାରଣମାନଙ୍କୁ ସନ୍ତୁଷ୍ଟ କରାଇବା ପାଇଁ ମହାରାଜା ରାମଚନ୍ଦ୍ର ଭଂଜ ବିଶ୍ୱବିଦୟାଳୟର ନାମ କରଣ କରିଦେଲେ ହେବ ନାହିଁ । ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ହେବା ଦରକାର । ଏହା ନ ହେଲେ ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବୃହତ ଝାଡଖଣ୍ଡ ରାଜ୍ୟର ସ୍ୱପ୍ନ ଓ ଅଣଆଦିବାସିମାନେ ପୁଣି ଥରେ ସ୍ୱତନ୍ତ୍ର ମୟୂରଭଂଜ ରାଜ୍ୟର ସ୍ୱପ୍ନ ଦେଖିବେ । ଅଶାନ୍ତ ହୋଇ ଉଠିବ ମୟୂରଭ ।

(ସମାପ୍ତ)


+ଶ୍ରୀକୃଷ୍ଣ ନିବାସ
କରଂଜିଆ, ମୟୂରଭଂଜ
ମୋ-୯୪୩୭୩୨୦୬୭୯


# ଭଲ ମଣିଷ ଖୋଜା ଚାଲିଛି

ମନୋରଞ୍ଜନ ବିଷୋୟୀ

ଭଲ ମଣିଷର ଦେଶ ଭାରତ । ହଜାର ହଜାର ବର୍ଷ ଧରି ଏ ଭାରତବର୍ଷ ବିଶ୍ୱକୁ ଦେଇଆସିଛି ଦିଗ୍‌ଦର୍ଶନ । ଏ ସଂସ୍କୃତିର ଆଦ୍ୟବାଣୀ ଅପୁରୁଷେୟ ବେଦରେ ଶୁଣାଇଥିଲା - 'ଅଗ୍ନିମିଳେ ପୁରୋହିତଂ । ସେହି ମହନୀୟ ଆଭିମୁଖ୍ୟର ଅନୁରଣନ ବିଶ୍ୱକୁ ଦେଇଛି ମାନବ ଅଭ୍ୟୁଦୟର ମୂଳମନ୍ତ୍ର । ବେଦ, ଉପନିଷଦ୍, ପୁରାଣ, ମହାକାବ୍ୟର ଧାରା ଦେଇ ଯୁଗ ଓ ଜାତିକୁ ସମୃଦ୍ଧ କରିଛି ଭାରତବର୍ଷ । ଏ ମାଟିରେ ଦେବତା ବି ଧରାବତରଣ କରି ମାନବିକତାର ମନ୍ତ୍ର ଶୁଣାଇଥିବା ବିଶ୍ୱାସ କରାଯାଏ । ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ପରମ ପୁରୁଷ ତଥା ଶ୍ରୀମଦ୍ ଭାଗବତ ଗୀତାର ପ୍ରବକ୍ତା ଶ୍ରୀକୃଷ୍ଣଙ୍କ ଠାରୁ ଆରମ୍ଭ କରି ମହାନ୍ ଯୋଗୀ ରାମକୃଷ୍ଣ ପରମହଂସ, ଭାରତୀୟ ଅସ୍ମିତାର ପ୍ରବକ୍ତା ସ୍ୱାମୀ ବିବେକାନନ୍ଦ, ଅତିମାନସତତ୍ତ୍ୱର ବ୍ୟାଖ୍ୟାକାର ମହାଯୋଗୀ ଶ୍ରୀ ଅରବିନ୍ଦ, ଅହିଂସାର ପରମପୂଜକ ଯୁଗପୁରୁଷ ମହାତ୍ମା ଗାନ୍ଧୀ ଏ ଭାରତବର୍ଷରେ ଜନ୍ମନେଇ ବିଶ୍ୱକୁ ଦେଇଛନ୍ତି ମାନବୀୟ ଉତ୍‌ଥାନର ଚରମବାଣୀ । ସମୟର ଧାରାରେ ଦୀର୍ଘଦିନର ପରାଧୀନତା ଭିତରେ ଅବଶ୍ୟ ଏ ଆର୍ଯ୍ୟାବର୍ତ୍ତ କ୍ରମେ ମୁମୂର୍ଷୁପ୍ରାୟ । ଆତଙ୍କବାଦ, ସାଂପ୍ରଦାୟିକ ବିଦ୍ୱେଷ, ଭ୍ରଷ୍ଟାଚାର ଏ ମାଟି ଓ ଜାତିର ଆତ୍ମାକୁ କଳୁଷିତ କରିଛି । ସବୁଠାରେ ଯେପରି ନୈରାଶ୍ୟବାଦର ଏକଛତ୍ର ଆଧିପତ୍ୟ । କିନ୍ତୁ କରାଳ ରାତ୍ରୀର ଯବନିକା ପରେ ନୂତନ ସୂର୍ଯ୍ୟୋଦୟର ସମ୍ଭାବନା ଫୁଟି ଉଠିଥାଏ ନିଶ୍ଚୟ । ଭାରତ ପାଇଁ ଏକବିଂଶର ବିଶ୍ୱ ଯେ ନୂତନ ସମ୍ଭାବନା ସୃଷ୍ଟି କରିଛି - ଏ ବିଶ୍ୱାସକୁ ନେଇ ଆଜି ସମଗ୍ର ବିଶ୍ୱବାସୀ ଆତୁରତାର ସହ ଅପେକ୍ଷା କରିଛନ୍ତି । ଆଜି ଜଗତୀକରଣ ପ୍ରେକ୍ଷାପଟ୍ଟରେ 'ବସୁଧୈବ କୁଟୁମ୍ବକମ୍' ଅଧିକ ସତ୍ୟ ମନେହୁଏ । ବ୍ୟକ୍ତିବିଶ୍ୱରୁ ଉର୍ଦ୍ଧ୍ୱରେ ବିଶ୍ୱବ୍ୟକ୍ତିର ପ୍ରକାଶ ପ୍ରତିଶ୍ରୁତିର ପର୍ବ ଆରମ୍ଭ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହି ପରିପ୍ରେକ୍ଷୀରେ ବାସ୍ତବିକ ଆଜିର ତରୁଣ ଖୁବ୍ ଗମ୍ଭୀରତାର ସହ ନିଜର ଭୂମିକା ନିର୍ବାହ କରିବା ଆବଶ୍ୟକ ମନେହୁଏ । ପରମ୍ପରା କହେ- ଏ ମାଟିର ନଚିକେତା ଦିନେ 'ଯମ'ଙ୍କ ନିକଟରେ ପ୍ରଶ୍ନିଳ ମନ ନେଇ ଜୀବନର ଗୁଢ଼ ରହସ୍ୟ ଉଦ୍‌ଘାଟନ କରିଥଲେ । ଜାଗତିକ ସତ୍ୟଠାରୁ ଊର୍ଦ୍ଧ୍ୱରେ ସନାତନ ସତ୍ୟର ସନ୍ଧାନ କରିଥିଲେ । ଆଜିର ପୃଥିବୀ ପୁନଶ୍ଚ ଏପରି ଏକ ସତ୍ୟ ସନ୍ଧାନୀର ଅପେକ୍ଷା ରଖିଛି । ଆଜି ଅନେକ ବଡ଼ମଣିଷ ଆମ ଭିତରେ ଠିଆ ହୋଇଛନ୍ତି । କିନ୍ତୁ ଭଲ ମଣିଷ ଖୋଜାଚାଲିଛି ଅନବରତ । 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟା / ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା' କଶ୍ଚିତ୍ ଦୁଃଖଭାକ୍‌ଭବେତ୍' ମୂଳମନ୍ତ୍ରକୁ ପ୍ରତିଷ୍ଠା କରିବା ଦିଗରେ ଅବିଶ୍ରାନ୍ତ ଚେଷ୍ଟା ଚାଲିଛି । ଏ ଦିଗରେ ତରୁଣ ଭାରତ ଯେ ପ୍ରମୁଖ ଭୂମିକା ଗ୍ରହଣ କରିଛି- ଏଥିରେ ସନ୍ଦେହ ନାହିଁ । ଏହି ଅଭିଯାନର ସୂତ୍ରଧାର ଭାବରେ ଆଗାମୀ ଭାରତର ତରୁଣମାନଙ୍କ ଆଗରେ ମୁଣ୍ଡ ଟେକିଛି ଅନେକ ସମ୍ଭାବନା । ଦେଶର କୋଣ ଅନୁକୋଣରେ ଖେଳିଯାଇଛି ଜାଗରଣର ପ୍ଳାବନ । 'ଭାରତୀୟତା' ଆଧାରରେ ଏକ ସୁପ୍ରାଚୀନ ମାନବଗୋଷ୍ଠୀ ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ନିମନ୍ତେ ଜୟଯାତ୍ରା ଆରମ୍ଭ କରିଛନ୍ତି । ଏହି ଧାରାରୁ ଉତ୍କଳୀୟ ତରୁଣ ଭିନ୍ନ ନୁହଁନ୍ତି ନିଶ୍ଚୟ । ଦିନେ କପିଳ ସଂହିତା ଯାହା କହିଥିଲା - 'ବର୍ଷଣାଂ ଭାରତ ଶ୍ରେଷ୍ଠ, ଦେଶନାଂ ଉତ୍କଳୋଶ୍ରୁତ୍ୟ / ଉତ୍କଳସ୍ୟ ସମୋଦେଶ, ଦେଶନାସ୍ତି ମହୀତଳେ' । ଉତ୍କଳ ମାଟିର ଉଜ୍ଜ୍ୱଳ ତାରକା ଭାବରେ ଆମ ଯୁବଗୋଷ୍ଠୀ ଏହି ମହାଯାତ୍ରାରେ ନିଜକୁ ସାମିଲ କରି ଆଗାମୀ ଧରାର ମୁଖୋଜ୍ଜ୍ୱଳ ଯେ କରିବେ- ଏଥିରେ ସନ୍ଦେହ ନାହିଁ ।


+ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ


## ସନେଟ୍: ହଜିଲା ଦିନ..

ବୃନ୍ଦାବନ ଦାସ



ଇଏ କି ସେଇ ସମୟ ଯାହାକୁ ମୁଁ ଦେଖିଥିଲି କେତେ ସପନରେ
ଯାହାପାଇଁ ଦୁଃଖକୁ ଅମୃତ ଭାବି ପିଇଥିଲି,ସୁଖ ତଲାସରେ
ପାଇଲି କି ତାକୁ ! ସିଏ ଆଜି କାହିଁ କେତେଦୂରେ ଭୁଲିଛି ଅତୀତ
ସ୍ମୃତିସିକ୍ତ ସେ ଅତୀତ କଣ୍ଟା ହୋଇ ଦିଏ ଏବେ କଷଣ ବହୁତ ।

ଦୀପତଳ ଅନ୍ଧାରରେ ସୌଭାଗ୍ୟ ଆଲୁଅ ଖୋଜି ମନକୁ ପଚାରେ
ସଂଶୟର ଦୋଛକିରେ କାହିଁକି କ୍ଳାନ୍ତ ମୁଁ ଅଂସଖ୍ୟ ପ୍ରଶ୍ନର ତୀରେ ,
ତଥାପି ନିଜ ଭିତରୁ କେହି ଚେତଉଥାଏ ତୋ ରାସ୍ତାରେ ତୁ ଠିକ୍
ଅଜାଡି ଦେବାର ପଣରେ ହିଁ ଖୁସିହୁଏ କେହିଜଣେ ସ୍ୱପ୍ନଭୁକ୍ ।

ଜଳୁଥାଏ ବର୍ତ୍ତମାନ, ଯେବେ ଖୋଲେ ଜଉମୁଦ ଅତୀତ ଲଫାପା
ସେ ଦହନୁ ଝଳେ ପୁଣ୍ୟର ମହକେ କେତେ ସ୍ମୃତି ଜହ୍ନପରି ତୋଫା
ସେଇଥିପାଇଁତ' ଯେତେବ୍ୟଥା ହେଉପଛେ ସଳଖଉଥାଏ ଅଣ୍ଟା
ପଦକଷ୍ଟ ସତ୍ତ୍ୱେ ସେ ବନ୍ଧୁର ପଥେ ପାଦ ବଢେ ଭୁଲି କଣ୍ଟାଝଟା ।

ପାଇନି ମୁଁ , ଯେଉଁ ଚିତ୍ର ଆଙ୍କିଥିଲି ଆଖିଧାରେ କେବେ କେଉଁଦିନ
ବିଧିର ବିଧାନ ଭାବି ଆଜି ଦୂରେଇଛି, ସେ'ସବୁ ମୋହରୁ ମନ ।


+ ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ , ଡେରାବିଶ
କେନ୍ଦ୍ରାପଡା- ୭୫୪୨୮୯
ମୋ- ୯୭୭୭୮୪୩୦୩୧


## କବିତା କୋଣାର୍କ

## ବୟସର ଅପରାହ୍ନରେ ...

ସରୋଜିନୀ ତ୍ରିପାଠୀ

ବୟସର ଅପରାହ୍ନରେ
ସୂର୍ଯ୍ୟାସ୍ତର ପ୍ରସ୍ତୁତିରେ,
ମିନତୀ ଶ୍ରୀ ପୟରେ,
ଅନ୍ଧକାର ଆଶଙ୍କାରେ,
ଝଲସି ଉଠୁ ଚକ୍ଷୁ ଦ୍ୱୟ,
ଦିବ୍ୟଜ୍ଞାନ ଉଜ୍ଜ୍ୱଳତାରେ ।

ବୟସର ଅପରାହ୍ନରେ
ମନ୍ଦିରର ଘଣ୍ଟ ନାଦରେ,
ଜ୍ଞାନ ପାଇ ଜ୍ଞାନ ବାଣ୍ଟି,
ବାହୁଡ଼ିବା ଉଦ୍ଦେଶ୍ୟରେ;
ନ ରହି ଚାଲୁଥିବା
କଣ୍ଟକିତ ଭରା ପଥେ,
ନ କର ନିଜକୁ ଧ୍ୱଂସ,
କେଉଁ ଏକ ଆବେଗରେ।

ବୟସର ଅପରାହ୍ନରେ
ଗୋଧୂଳିର ଆକାଶରେ,
ଉଦୟ, ମଧାହ୍ନ ବେଳର
ଅପାସୋରା ସ୍ମୃତି ସବୁ;
ସମୟ ସାଥେ ସାଥି,
ପ୍ରତିବିମ୍ବ ରୁଷି ବସେ,
ମିଥ୍ୟାର ଆବରଣରୁ
ସତ୍ୟାସତ୍ୟ ଉଙ୍କି ମାରେ ।

ବୟସର ଅପରାହ୍ନରେ
ଲୋହିତ ଭରା ନଭରେ,
ହଠାତ କେତେବେଳେ
ବୁଡ଼ିଯିବେ ଦିବାକର;
ତଉଲିବେ ଲୋକମାନେ
ସୁଖଦୁଃଖ ନିକିତିରେ,
ସୁଖ ମିଳେ ସେହିଥିରେ,
ଅନ୍ୟ ପାଇଁ ବଞ୍ଚିବାରେ ।

ବୟସର ଅପରାହ୍ନରେ
ଆଦିତ୍ୟଙ୍କ ରଥ ଫେରେ,
ମନବତାକୁ ବାଣ୍ଟି ଦେଇ
କ୍ଷୁଦ୍ର କ୍ଷୁଦ୍ର କଣିକାରେ;
ଲଢୁଥିବେ, ହଁ, ଲଢୁଥିବେ
ସେହିମାନେ ଅନ୍ୟାୟର ବିରୁଦ୍ଧରେ,
ବିଦ୍ୟମାନ ପ୍ରତିପିଣ୍ଡେ
ନ କର ଭୂଲ ଦେଖିବାରେ,
ପ୍ରଣିପାତ ସେଇ ଶକ୍ତିଙ୍କୁ
ସୃଷ୍ଟି ଯିଏ କରିଥିଲେ ।

## ଅଛ ତୁମେ ଇଶ୍ୱର ..

ତପନ କୁମାର ସାହୁ

ପଥରକୁ ଯଦି ଭକ୍ତିରେ ପୂଜିବ
ଅଛ ତୁମେ ସେଠି ଇଶ୍ୱର,
ପୂଜା ଆରାଧନା ସବୁତ ବାହାନା
ଭାବ ଥିଲେ ତୁମେ ସର୍ବତ୍ର ।।

ଶିଶୁ ଓଠେ ହସ ଫୁଲ ଦେହେ ବାସ
ଇନ୍ଦ୍ରଧନୁ ଦେହେ ଗାର
ପ୍ରଜାପତି ଦେହେ ରଙ୍ଗ ବେରଙ୍ଗ
ସାଜିଛ ତୁମେ ଇଶ୍ୱର ।।


ଆଖିରେ ସାଜିଛ ଦୃଷ୍ଟି ଶକ୍ତି ତୁମେ
ଆଲୋକର ତୁମେ ସମ୍ଭାର,
କୋଇଲି ର କଣ୍ଠେ ତୁମେ ମିଠା ସ୍ୱର
ଲୀଳା ତୁମ ଅଟେ ଅପାର ।।

ମାଟି ଦେହେ ତୁମେ ଅଙ୍କୁରିତ ହୁଅ
କ୍ଷୁଦ୍ର ସବୁଜିମା ହୋଇ,
ଝରଣା ଦେହରେ କଳ କଳ ନାଦ
ଧିରେ ଧିରେ ଯାଅ ବହି ।।

ଜହ୍ନ ଦେହେ ତୁମେ ଶୀତଳର ତାତି
ଫୁଲ ଦେହେ ବାସ କର୍ପୁର,
ଖରା, ବର୍ଷା, ଶୀତ, ମଳୟ,ବସନ୍ତ
ସବୁଠି ରେ ତୁମେ ଇଶ୍ୱର ।।

ଜ୍ଞାନୀ ଦେହେ ଜ୍ଞାନ ମା ହୃଦେ ସ୍ନେହ
ଅଙ୍କା ବଙ୍କା ନଇଁ ଧାର,
ନିଷ୍ଠା, ଉପବାସ ନିର୍ଥକ ପ୍ରୟାସ
ଭାବ ଥିଲେ ତୁମେ ସର୍ବତ୍ର ।।


ବେଲଗାଁ, କଳାହାଣ୍ଡି
ମୋ:୯୦୧୯୩୧୧୮୬୮

କ୍ଷୁଦ୍ର କିଶୋର ଗଳ୍ପ :

# ନେହେରୁ ଓ ହୋଲି



ବିନୟ କୁମାର ଦାସ



ଆମ ଭାରତୀୟଙ୍କ ପାଇଁ ହୋଲି ହେଉଛି ଆନନ୍ଦର ଉତ୍ସବ । ଶୀତ ଛାଡ଼ି ଛାଡ଼ି ଯାଉଥାଏ, ଗ୍ରୀଷ୍ମର ପ୍ରକୋପ ତଥାପି ଆରମ୍ଭ ହୋଇ ନଥାଏ । ଆକାଶ ଥାଏ ପରିଷ୍କାର ଓ ନିର୍ମଳ । ବସନ୍ତର ପ୍ରଭାବ ଆସି ଯାଇଥାଏ । ଏଇମିତି ଏକ ପୁଲକିତ ପରିବେଶରେ ପଡ଼ିଥାଏ ହୋଲି । ଆବାଳ ବୃଦ୍ଧ ବନିତା ହୋଲି ଉତ୍ସବର ମଜା ଲୁଟି ନିଅନ୍ତି । ସବୁରି ପ୍ରାଣରେ ଖେଳିଯାଏ ଆନନ୍ଦ ଓ ଉଲ୍ଲାସର ବନ୍ୟା । ଏ କଥା ନିହାତି ସତ ଯେ ପ୍ରତ୍ୟେକ ବ୍ୟକ୍ତି ଅତି ଆଗ୍ରହର ସହିତ ଅପେକ୍ଷା କରି ରହିଥାନ୍ତି ହୋଲି ପର୍ବକୁ । ହୋଲି ଆସେ, ସମସ୍ତଙ୍କୁ ହସ ଖୁସିରେ ବୁଡ଼ାଇ ଦିଏ । ରଙ୍ଗମୟ କରିଦେଇ ଯାଏ ସବୁରି ତନୁମନ । ବର୍ଷ ସାରାର ଯାହା ଦୁଃଖଥାଏ, ସବୁ ହରିନିଏ ହୋଲି ତା'ର ଅବିରର ମାୟାରେ ।

ଆମର ପ୍ରିୟ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଜବାହରଲାଲ ନେହେରୁ ଏହି ପବିତ୍ର ହୋଲି ଉତ୍ସବକୁ ଅତି ଜାକଜମକ ସହକାରେ ପାଳନ କରୁଥିଲେ । ତାଙ୍କ ବାସ ଭବନ 'ତ୍ରିମୂର୍ତ୍ତି ଭବନ' ହୋଲିଦିନ ବେଶ୍ ମୁଖରିତ ହୋଇ ଉଠୁଥିଲା । ସମସ୍ତଙ୍କ ସହିତ ସେ ଖୁବ୍ ମିଶୁଥିଲେ ସେହି ଦିନ । ବିଶେଷ କରି ତାଙ୍କ ଭବନରେ ନିଯୁକ୍ତି ପାଇଥିବା ସୁରକ୍ଷା କର୍ମଚାରୀମାନଙ୍କ ସହିତ ସେ ଅତି କମ୍‌ରେ ଗୋଟିଏ ଘଂଟାଣ୍ଟ ଅତିବାହିତ କରୁଥିଲେ । ଏମିତି କାହିଁକି ହେଉଥିଲା ତା' ପଛରେ ଏକ ମଜାଦାର ଘଟଣା ରହିଛି ।

ଥରେ ସନ୍ଧ୍ୟା ସମୟରେ ନେହେରୁ ତାଙ୍କ ବିଶାଳ ଉଦ୍ୟାନରେ ବୁଲୁଥିଲେ । ଦେହରେ ହାଲୁକା ପୋଷାକ ରହିଥିଲା । ମୁଣ୍ଡରେ ଟୋପି ନଥିଲା । ବୁଲୁ ବୁଲୁ ସେ ଉଦ୍ୟାନର ଶେଷ ସୀମା ନିକଟରେ ପହଂଚିଞ୍ଚଗଲେ । ପାଚେରୀ ପାଖରେ ଜଗି ରହିଥିଲେ ତ୍ରିମୂର୍ତ୍ତି ଭବନର ସୁରକ୍ଷା କର୍ମଚାରୀ । ନେହେରୁ ଯେଉଁ ସୀମାରେ ପହଂଚିଥିଲେ ସେଠାରେ ହରିୟାଣାର ଜଣେ ସିପାହୀ ରହିଥିଲା । ସେ ବନ୍ଧୁକ ଦେଖାଇ ନେହେରୁଙ୍କୁ ଅଟକାଇ ଦେଲା । ତାର ଏମନ୍ତ ବ୍ୟବହାରରେ ଚମକି ଉଠିଲେ ନେହେରୁ । ତାଙ୍କୁ ତାଙ୍କର ସିପାହୀ ବନ୍ଧୁକ ଦେଖାଉଚି । ସାହସ ତ କମ୍ ନୁହେଁ ? ସେ ସିପାହୀ ଉପରେ ବିରକ୍ତ ହେଲେ, ଗାଳି ବି ଦେଲେ । କିନ୍ତୁ ଡରିଗଲା ନାହିଁ ହରିୟାଣାର ସେ ସିପାହୀ ଜଣକ । ସେ ଯେମିତି କର୍ତ୍ତବ୍ୟପରାୟଣ ସେମିତି ବି ଥିଲା ସଚ୍ଚୋଟ । ବେଶ୍ ଦମ୍ଭର ସହିତ ଉତର ଦେଲା, "ତୁମେ ମିଛ କହୁଚ । ନିଶ୍ଚୟ ତୁମେ ବାହାରର ଲୋକ । ୟା ଭିତରକୁ କେମିତି ପଶିଲ କୁହ । ତୁମର ନିଶ୍ଚିତ ଭାବରେ କିଛି ମନ୍ଦ ଉଦ୍ଦେଶ୍ୟ ରହିଛି । ଲୁଚି ଛପି ପ୍ରଧାନମନ୍ତ୍ରୀଙ୍କ ଉଦ୍ୟାନକୁ ପଶି ଆସିଛ । ଏବେ ମୋ ସହିତ ଚାଲ ।"


ନେହେରୁ ଦେଖିଲେ ସିପାହୀ ଜଣକ ଛାଡ଼ିବ ନାହିଁ । ବାଧ ହୋଇ ସେ ଆଗକୁ ବଢ଼ିଲେ । ତାଙ୍କ ପଛେ ପଛେ ସିପାହୀ ହାତରେ ବନ୍ଧୁକ ଧରି ଚାଲିଲା । ବାସ ଭବନ ନିକଟ ହେବାରୁ ସେଠାରେ ଥିବା ସୁରକ୍ଷା କର୍ମଚାରୀମାନେ ନେହେରୁଙ୍କ ଏତାଦୃଶ ଅବସ୍ଥା ଦେଖି ଡରି ଗଲେ । ହରିୟାଣାର ସେ ସିପାହୀକୁ ସେମାନେ ଗାଳି ଦେଲେ । ତା'ତରଫରୁ ସେମାନେ ନେହେରୁଙ୍କ ଠାରୁ କ୍ଷମା ମାଗିନେଲେ । କଥା କିନ୍ତୁ ଏଇଠି ସରିଲା ନାହିଁ । ଘଟଣାର ରିପୋର୍ଟ ଉଚ୍ଚ ଅଧିକାରୀଙ୍କ ନିକଟକୁ ଚାଲିଗଲା । ତଦନ୍ତ ହେଲା ।

ତଦନ୍ତ ସମୟରେ ହରିୟାଣାର ସେହି ସିପାହୀ ଜଣକ କହିଲା, "ମୁଁ କିଛି ଭୁଲ୍ କରି ନାହିଁ । ମୁଁ ନେହେରୁଙ୍କୁ ଫଟୋରେ ଦେଖିଛି । ସେ ମୁଣ୍ଡରେ ଟୋପି ପିନ୍ଧନ୍ତି । ହେଲେ ଉଦ୍ୟାନରେ ମୁଁ ଯାହାଙ୍କୁ ଦେଖିଲି, ସେ ଜଣେ ଚନ୍ଦା ମୁଣ୍ଡିଆ ଲୋକ । ତେଣୁ ସୁରକ୍ଷା ନିୟମ ଅନୁଯାୟୀ ମୁଁ ପଦକ୍ଷେପ ନେଇଥିଲି । ମୁଁ ମୋ କର୍ତ୍ତବ୍ୟ କରିଛି, ତେଣିକି ବିଚାରରେ ଯାହା ହେବ ମୁଁ ମାନି ନେବି ।"

ଉଚ୍ଚ ଅଧିକାରୀ ଦେଖିଲେ ସିପାହୀର କଥାରେ ଦମ୍ ଅଛି । ସେ କିଛି ମିଛ କହୁନି । ବିଚାରରେ ତାକୁ କ୍ଷମା ଦିଆଗଲା । ପରବର୍ତ୍ତୀ ପର୍ଯ୍ୟାୟରେ ନେହେରୁଙ୍କୁ ଅନୁରୋଧ କରାଗଲା ସେ ତାଙ୍କ ବାସ ଭବନର ସୁରକ୍ଷା କର୍ମଚାରୀମାନଙ୍କୁ ଜଲ୍‌ଦି ଜଲ୍‌ଦି ବଦଳି ନକରିବା ପାଇଁ । ଅତିକମ୍‌ରେ ସେମାନେ ସେଠାରେ ଗୋଟିଏ ବର୍ଷ ପାଇଁ ନିଯୁକ୍ତି ପାଇବା ଉଚିତ । ତା ଫଳରେ ସେମାନେ ନେହେରୁଙ୍କୁ ଅତି ନିକଟରୁ ଦେଖି ପାରିବାର ସୁଯୋଗ ପାଇ ପାରିବେ । ନେହେରୁ ଏଥିରେ ରାଜି ହେଲେ ଓ ସେହି ବର୍ଷଠାରୁ ସେ ସୁରକ୍ଷା କର୍ମଚାରୀମାନଙ୍କ ସହିତ ହୋଲି ଦିନ ଗୋଟିଏ ଘଂଟାଣ୍ଟରଙ୍ଗ ଖେଳିବା ଆରମ୍ଭ କରିଦେଲେ । ଏହି ଘଟଣା ଓ ନିଷ୍ପତିର ସୁରକ୍ଷା କର୍ମଚାରୀମାନଙ୍କ ମଧ୍ୟରେ ଆନନ୍ଦ ଖେଳାଇ ଦେଇଥିଲା ।

||||||| ୦ |||||

+ଅନାମିକା ନୀଡ଼, ଅଂଗାର ଗଡିଆ, ବାଲେଶ୍ୱର-୧



କାର୍ତ୍ତିକ ସାଇଁ

ବୈଜ୍ଞାନିକ ଚନ୍ଦ୍ର ଶେଖରଙ୍କ କଥା ଜାରି ରହିଥିଲା । ସେ ଆପୋଲୋ-୧୩ କଥା କହୁଥିଲେ ।


ଆପୋଲୋ-୧୩ର ସର୍ଭିସ ମଡ୍ୟୁଲାରର ଅମ୍ଳଜାନ ଟ୍ୟାଙ୍କ ଫାଟି ଯାଇ ବିସ୍ଫୋରଣ ସୃଷ୍ଟି କରିଥିଲା ଯାହା ଫଳରେ ଚନ୍ଦ୍ର ପୃଷ୍ଠକୁ ଅବତରଣ କରିବା ସମ୍ଭବ ନଥିଲା । ମହାକାଶ ଯାତ୍ରୀମାନେ ଥିଲେ ସାହାସୀ ଓ ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ଥିଲେ । ତଳେ କେନେଡ଼ି ମହାକାଶ କେନ୍ଦ୍ରରେ ବୈଜ୍ଞାନିକମାନେ ଲାଗି ପଡ଼ିଥିଲେ ବିଭିନ୍ନ ପରୀକ୍ଷଣ ଯୋଜନା ଓ ଆଲୋଚନାରେ ଦିନରାତି ଜଣା ପଡୁନଥିଲା ମିସନ ନିୟନ୍ତ୍ରଣ କେନ୍ଦ୍ରରେ । ଶେଷକୁ ଏ କଥା ସ୍ଥିର କରାଗଲା- ଲୁନାର ମଡ୍ୟୁଲକୁ ଜୀବନ ନୈକା ବା ଲାଇଫ୍ ବୋଟ୍ କରି ମହାକାଶ ଯାତ୍ରୀମାନେ ପୃଥିବୀ ଆଡ଼କୁ ଯାତ୍ରା ଆରମ୍ଭ କରିବେ । କଷ୍ଟକର ପରିସ୍ଥିତି ଥିଲା । ଲୁନାର ମଡ୍ୟୁଲରେ କେବଳ ଦି ଜଣ ମହାକାଶ ଯାତ୍ରୀଙ୍କ ରହିବା ଲାଗି ସୁବିଧା ଥିଲା । ଅମ୍ଳଜାନ ନାହିଁ ଅର୍ଥାତ ମଡ୍ୟୁଲମାନଙ୍କର ତାପମାନ ନିୟନ୍ତ୍ରଣ କରି ହେବନି ।

ତେବେ ଯାହାହେଉ, ନାସାର ବୈଜ୍ଞାନିକଙ୍କ ଅକ୍ଳାନ୍ତ ପରିଶ୍ରମ ଓ ମହାକାଶ ଯାତ୍ରୀଙ୍କ ସାହାସିକତା ଲୁନାର ମଡ୍ୟୁଲକୁ ପୃଥିବୀକୁ ଆଡ଼କୁ ଆଣିଲା । ମଣିଷ ଏକ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ପୁଣିଥରେ ପ୍ରମାଣ କଲା- ସେ ନିହାତି କଷ୍ଟସାଧ୍ୟ ପରିସ୍ଥିତିରେ ବି ବଂଚି ପାରିବ । ଜେମ୍ସ ଲୋରେଲ୍, ଡ୍ୟାକ୍ ସ୍ୱିଗର୍ଟ ଓ ଫ୍ରେଡ ହାଉସି ନିହାତି ପ୍ରତିକୂ ପରିସ୍ଥିତିରେ ସାମ୍ନା କରି ଶେଷକୁ ପୃଥିବୀକୁ ଫେରିଲେ । କେବଳ ଆମେରିକାର ଲୋକ ନୁହନ୍ତି, ସାରା ପୃଥିବୀର ଲୋକ ମଣିଷର ଏହି ବିଜୟକୁ ଏକ ଉତ୍ସବ ଭାବେ ପାଳନ କଲେ ।

ଆପୋଲୋ-୧୩ର ଏହି ଦୁଇ ସାହାସିକ ଯାତ୍ରାକୁ ନେଇ ଏକ ଚିତ୍ତାକର୍ଷକ ସିନେମା ତିଆରି ହୋଇଥିଲା । ଆପୋଲୋ-୧୩ ଯାହାକୁ ଆଜି ବି ଦେଖିଲେ ସମସ୍ତେ ରୋମାଂଚିତ ହୋଇ ଉଠନ୍ତି ।

ବିଜ୍ଞାନ ଟୁଙ୍ଗି - ୩୭

## ବିଫଳତା ସଫଳତାର ଚାବିକାଠି



ବିଫଳତା ସଦାସର୍ବଦା ଆମକୁ ଚେତେଇ ଦିଏ- କେଉଁଠି ନା କେଉଁଠି କିଛି ତ୍ରୁଟି ରହିଛି । ଆମେ ଚେଷ୍ଟାକରେ ତ୍ରୁଟିକୁ ଜାଣି ତାର ନିରାକରଣ ଲାଗି । ଆପୋଲୋ-୧୩ ନେଲା ବୈଜ୍ଞାନିକ ଓ ଇଜିଂନିୟର ମାନଙ୍କ ଏହି ମହାନ ଶିକ୍ଷା ଯାହାର ନିରାକରଣ କରିଥିଲେ ବୈଜ୍ଞାନିକମାନେ ।

ଆପୋଲୋ-୧୩ର ବିଫଳତା ଦୁଃଖଦାୟକ ଥିଲା- ମାତ୍ର ଏହା ଆପୋଲୋ କାର୍ଯ୍ୟକ୍ରମକୁ ବନ୍ଦ କରିନଥିଲା । ଆପୋଲୋ-୧୪ର କାର୍ଯ୍ୟକ୍ରମ ଆରମ୍ଭ ହୋଇଗଲା ତା ପରେ ତା ପରେ । ତଳେ ସେହି ମିସନ ମାନଙ୍କ ସଂକ୍ଷିପ୍ତ ବିବରଣୀ ଦିଆଯାଇଛି ।

ଆପୋଲୋ-୧୪: ସର୍ଟନ-୫ ଦ୍ୱାରା ମହାକାଶକୁ ପଠାଯାଇଥିବା ଏହି ମହାକାଶ ଯାନରେ ମହାକାଶ ଯାତ୍ରୀ ଥିଲେ- ଆଲାନ୍ ସେଫାର୍ଡ, ଷ୍ଟୁଆର୍ଟ ରୁସା ଓ ଏଡ୍‌ଗାର ମିଚେଲ୍ । ଏହି ଯାନ ପ୍ରଥମ ଥର ପାଇଁ ଚନ୍ଦ୍ର ପୃଷ୍ଠରୁ ପୃଥିବୀକୁ ଚନ୍ଦ୍ରର ରଂଗୀନ ଚିତ୍ର ପଠାଇଥିଲା । ତାଛଡ଼ା ଏହି ଅଭିଯାନରେ ବସ୍ତୁ ବିଜ୍ଞାନର ପ୍ରୟୋଗ କରାଯାଇ ସେଠାରେ କିଛି ପରୀକ୍ଷଣ କରାଯାଇଥିଲା । ଏହି ମିସନର ଅବଧି ୯ ଦିନରୁ ଅଧିକ ଥିଲା ।

ଆପୋଲୋ-୧୫: ଏହି ମହାକାଶ ଯାନକୁ ଜୁଲାଇ ୨୬ ତାରିଖ ୧୯୭୧ରେ ମହାକାଶକୁ ପଠାଯାଇଥିଲା । ଏଥିରେ ମହାକାଶ ଯାତ୍ରୀ ଥିଲେ- ଡେଭିଡ୍ ସ୍କଟ୍, ଅଲ୍‌ଫ୍ରେଡ୍ ୱାର୍ଡେନ୍ ଓ ଜେମ୍ସ ଇରଉନ୍ । ୧୨ ଦିନ ୭ଘଂଟାରୁ ଟିକେ ଅଧିକ ଥିବା ଏହି ମିସନରେ ମହାକାଶ ଯାତ୍ରୀମାନେ ତିନି ଦିନ ଚନ୍ଦ୍ର ପୃଷ୍ଠରେ ରହିଥିଲେ । ପ୍ରଥମଥର ପାଇଁ ଏକ ଚନ୍ଦ୍ର ଯାତ୍ରୀମାନେ (ଲୁନାର ରୋଭିଂ ଗାଡ଼ି)ର ବ୍ୟବହାର କରାଯାଇଥିଲା । ଯାନ ବାହାରକୁ ତିନିଥର ଓ ଅନ୍ତରୀକ୍ଷରେ ଥରେ ମହାକାଶଯାତ୍ରୀମାନେ ଯାତ୍ରା କରିଥିଲେ ।

ଆପୋଲୋ-୧୬: ଏହି ମହାକାଶ ଯାନକୁ ଏପ୍ରିଲ ମାସ୍ ୧୯ ତାରିଖ ଦିନ ମହାକାଶକୁ ନେଇଥିଲା ଆମେରିକୀୟ ରକେଟ୍ ସର୍ଟନ-୫ । ଏଥିରେ ମହାକାଶ ଯାତ୍ରୀ ଥିଲେ ଜନ୍ ୟଙ୍ଗ୍, କେନ୍ ମ୍ୟାଟିଙ୍ଗ୍‌ଲେ ଓ ଚାର୍ଲ ଡ୍ୟୁକ୍ । ଏହି ମିସନର ଅବଧି ୧୧ ଦିନରୁ ସାମାନ୍ୟ ଅଧିକ ସମୟ ଥିଲା ।

ଆପୋଲୋ-୧୩ର ବିଫଳତାକୁ ସମସ୍ତେ ଭୁଲିଥିଲେ ସତ ମାତ୍ର ସେ ବିଫଳତାରୁ ମିଳିଥିବା ଶିକ୍ଷାକୁ କେହି ଭୁଲି ନଥିଲେ ।

(କ୍ରମଶଃ)

(ମୋ): ୯୯୮୦୩୦୦୭୫୧

ଝରଣା ବାରିକ

# ଜଙ୍ଗଲରେ ହୋଲି



ଜଙ୍ଗଲରେ ପଶୁ ପକ୍ଷୀ ମାନେ ଭାରି ଚିନ୍ତାରେ ଥାଆନ୍ତି । ଆର ବର୍ଷ କରୋନା ଆସି ସବୁ ପର୍ବ ପର୍ବାଣୀକୁ ନଷ୍ଟ କରିଦେଲା ଏଥର କଣ ହେବ କେଜାଣି ପ୍ରଥମରେ ଦୋଳ ପୂର୍ଣ୍ଣିମା ଆସିଲାଣି । ତା'ପର ଦିନ ହୋଲି ? ଏଥର ହୋଲି କେମିତି କଟିବ ସେହି ଆଲୋଚନା କରିବା ପାଇଁ ଗୋଟିଏ ସଭାର ଆୟୋଜନ କଲେ । ସଭା କରିବା ପାଇଁ ଦିନ ଓ ସମୟ ସ୍ଥିର କରାଗଲା । ସକାଳୁ ସକାଳୁ ବୁଲି ବୁଲି ଭାଲୁ ସବୁଆଡେ ଡେଙ୍ଗୁରା ବଜାଇ ଜଣେଇ ଦେଲା ।

ଠିକ ସମୟ ପୂର୍ବରୁ ସବୁ ପଶୁ ପକ୍ଷୀ ମାନେ ଆସି ସଭା ସ୍ଥାନରେ ପହଞ୍ଚିଗଲେ । ସଭାପତି ଭାବରେ ଜଙ୍ଗଲର ରାଜା ସିଂହ ମହାରାଜ ଉପସ୍ଥିତ ରହିଥାନ୍ତି । ବାଘ, ଭାଲୁ, ହରିଣ ମୃଗ ବିଲୁଆ, ଠେକୁଆ ପ୍ରଭୃତି ଉପସ୍ଥିତ ହୋଇଥାନ୍ତି । ପକ୍ଷୀ ମାନଙ୍କ ମଧ୍ୟରୁ କାଉ, କୋଇଲି, ହଳଦୀ ବସନ୍ତ, କଜଳପାତି, ପାରା, ବଣି ଆଦି କେତେ ପ୍ରକାରର ପକ୍ଷୀମାନେ ରୁଣ୍ଡ ହୋଇ ଥାନ୍ତି । ସମସ୍ତଙ୍କ ମନରେ ଗୋଟିଏ ପ୍ରକାରର ଉତ୍ସାହ ଏ ବର୍ଷ ହୋଲି ଭାରି ଧୁମ୍ ଧାମରେ ପାଳନ କରିବା ।


ସଭା କାର୍ଯ୍ୟ ଆରମ୍ଭ ହେଲା । ସିଂହ ମହାରାଜ କହିଲେ । ଗତ ବର୍ଷ କରୋନା ଆସି ଆମର ସବୁ ପର୍ବ ପର୍ବାଣୀକୁ ନଷ୍ଟ କରିଛି । ଏ ବର୍ଷ କିନ୍ତୁ ଆମେ ହୋଲି ପର୍ବଟି ପାଳନ କରିବା । ମୁଁ ଯେଉଁ ସବୁ କଥା କହିବି ଯଦି ସମସ୍ତେ ମାନି ନିଅନ୍ତି ତେବେ ଆମେ ବେଶ୍ ଭଲ ଭାବରେ ଓ ନିଜକୁ ସୁରକ୍ଷିତ ରଖି ହୋଲି ପର୍ବଟି ପାଳନ କରିପାରିବା । ଆଜିକାଲି ବଜାରରେ ମିଳୁଥିବା ରଙ୍ଗ ନ ଆଣି ଆମ ପାଖରେ ଯୋଉ ରଙ୍ଗ ସବୁ ଅଛି ସେଇ ରଙ୍ଗରେ ହୋଲି ଖେଳିବା । ପଶୁମାନଙ୍କ ପାଇଁ ଭାଲୁ ଓ ହାତୀ ତାଙ୍କ ଦେହରୁ କଳା ରଙ୍ଗ ଦେବେ । ବାଘ ହଳଦୀ ରଙ୍ଗ ଦେବ, କୃଷ୍ଣ ଚୂଡ଼ା ଫୁଲ ଆଣି ନାଲି ରଙ୍ଗ , ସବୁଜ ପତ୍ରରୁ ସବୁଜ ରଙ୍ଗ ତିଆରି କରିବା । ଯାହା ଦ୍ୱାରା ଆମ ପରିବେଶ ଓ ପ୍ରକୃତି ଉପରେ କୌଣସି ପ୍ରକାରର ପ୍ରଭାବ ପଡ଼ିବ ନାହିଁ । ପକ୍ଷୀ ମାନେ ବି ସେହିପରି କାଉ , କୋଇଲି,କଳାରଙ୍ଗ ଦେବେ ହଳଦୀ ବସନ୍ତ ହଳଦିଆ, ଶୁଆ ତା ଥଣ୍ଟ ରୁ ନାଲି ଓ ଦେହରୁ ସବୁଜ ରଙ୍ଗ ଦେବ ଏହିପରି ଭାବେ ଆମେ ବେଶ୍ ଧୁମ୍ ଧାମରେ ହୋଲି ପର୍ବଟିକୁ ପାଳନ କରି ପାରିବା ।ଏ କଥା ଶୁଣି ବାରାହା , ଘୁଷୁରୀ ଓ ହରୀଣ ରାଜି ହେଲେ ନାହିଁ, ବାରାହା କହିଲା ଯଦି ବଜାରରୁ ରଙ୍ଗ କିଣି କି ନ ଅଣାଯାଏ ମୁଁ ଯମା ହୋଲି ଖେଳିବି ନାହିଁ । ଘୁଷୁରୀ ଓ ହରିଣ କହିଲେ ଏ ସବୁ ରଙ୍ଗ ଯଦି ଆମେମାନେ ଖେଳୁ ଧୋଇ ଦେଲେ ସବୁ ଛାଡ଼ି ଯିବ ଆମେ ରଙ୍ଗ ଖେଳିଛୁ ବୋଲି କେହି ଜାଣିବେନି । ତେଣୁ ଆମେ ଏଇ କଥାରେ ଏକମତ ନୋହୁଁ । ତାଙ୍କୁ ବୁଝେଇବାକୁ ଯାଇ ଠେକୁଆ ଆରମ୍ଭ କଲା । ଆମେ ପ୍ରତିବର୍ଷ ରଙ୍ଗ କିଣି ଖେଳୁଛୁ । ଗତବର୍ଷ କରୋନା ଯୋଗୁଁ ଲକଡାଉନ, ସଟ୍ ଡାଉନ୍ ହେଇଗଲା ସବୁ ଦୋକାନ ବନ୍ଦ ହେଇଗଲା । କରୋନା ଭାଇରସ ଭୟରେ ଆମେ ଏତେ ବଡ଼ ପର୍ବକୁ ପାଳନ କରି ପାରିଲେ ନାହିଁ । ଯଦି ଆମେ ମହାରାଜାଙ୍କ କଥା ମାନିବା ତେବେ କୌଣସି ଜିନିଷର ଡର ନଥିବ । ଆଉ ଆମେ ମାନେ ସମସ୍ତେ ବେଶ ଧୁମଧାମରେ ହୋଲି ପର୍ବକୁ ପାଳନ କରିପାରିବା ।

ଏକଥା ଶୁଣି ସମସ୍ତେ ଖୁସି ହେଲେ । ବିଲୁଆ ଭାଇ ସମସ୍ତ ଙ୍କୁ ଧନ୍ୟବାଦ ଦେଇ ସଭା ସଙ୍ଗ କଲେ । କିଛି ଦିନ ପରେ ହୋଲି ଆସିଲା ସମସ୍ତେ ମିଳିମିଶି ହୋଲି ପର୍ବକୁ ବେଶ ଧୁମଧାମରେ ପାଳନ କଲେ ।

+ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- ୯୫୫୬୮୪୬୯୩୨

# ଋଷି ପାଇଲେ ଦିବ୍ୟଜ୍ଞାନ

ସତ୍ୟବ୍ରତ ମିଶ୍ର



ଜଣେ ଋଷି ଥିଲେ । ସେ ଅତ୍ୟନ୍ତ କ୍ରୋଧୀ ଓ ଅହଂକାରୀ । ସେ 'ମା' ଦୁର୍ଗାଙ୍କ ପରମ ସାଧକ ବୋଲି ପ୍ରଚାର କରନ୍ତି । ତପସ୍ୟା କରି ଋଷି ସିଦ୍ଧି ଲାଭ କରିଥିଲେ । ସମାଜର କଲ୍ୟାଣ ପାଇଁ ସେ ସାଧନାକୁ ସଦ୍‌ଉପଯୋଗ କରୁଥିଲେ । ମନ୍ତ୍ରତନ୍ତ୍ର ବଳରେ ସେ ଅନେକ ଦୁଃସାଧ୍ୟ ରୋଗରୁ ଲୋକଙ୍କୁ ଭଲ କରିଦେଉଥିଲେ । କ୍ରମେ ତାଙ୍କ ମନରେ ଅହଂଭାବ ଆସିଲା । ସେ ତାଙ୍କର ଶକ୍ତିକୁ ଅପବ୍ୟବହାର କଲେ । ମା' ଦୁର୍ଗାଙ୍କୁ ମଧ୍ୟ ସେ ବେଖାତିର କଲେ । ସେ ଭୁଲିଯାଇଥିଲେ ମହାପ୍ରତାପୀ ଦଶାନନ ଗର୍ବ ଯୋଗୁଁ ସୁନାର ଲଙ୍କା ଧ୍ୱଂସ ପାଇଯାଇଥିଲା । ଦିନକର ଘଟଣା । ଅମାବାସ୍ୟା ରାତିରେ ପରମ ଶକ୍ତିଶାଳୀ ହେବାପାଇଁ ତପସ୍ୟା କରୁଥାନ୍ତି । ମା' ଦୁର୍ଗା ଋଷିଙ୍କ ସମ୍ମୁଖରେ ଉଭାହୋଇ ଦିବ୍ୟଜ୍ଞାନ ପ୍ରଦାନ କରି କହିଲେ- "ହେ ଋଷିବର ତୁମେ ଅହମିକାର ବଶବର୍ତ୍ତୀ ହୋଇ ସମସ୍ତଙ୍କୁ କହୁଛ ତୁମେ ଅସାଧ୍ୟକୁ ସାଧ୍ୟ କରିପାରିବ କିନ୍ତୁ ତୁମେ ଥରେ ଭଲଭାବେ ଭାବିଛ ସେ ଶକ୍ତି ତୁମେ କେଉଁଠାରୁ ପାଉଛ ? ଏବେ ବି ସମୟ ଅଛି ନିଜ ମନରୁ ଅହଂଭାବ ତ୍ୟାଗ କରି ଜଗତ କଲ୍ୟାଣରେ ନିଜକୁ ପୂର୍ଣ୍ଣ ବିନିଯୋଗ କର, ଦେଖିବ ଜୀବନରେ ପରମ ଶାନ୍ତି ଲାଭ କରିବ । ସମସ୍ତେ ତୁମକୁ ଭକ୍ତି, ସମ୍ମାନ ଓ ଆଦର କରିବେ ନହେଲେ ତୁମର ଅନେକ କ୍ଷତି ଘଟିବ । ଏବେ ବି ସମୟ ଅଛି ସୁଧୁରି ଯାଅ" କହି ଅର୍ନ୍ତଦ୍ଧାନ ହୋଇଗଲେ । ଋଷି ନିଜର ଭୁଲବୁଝି ପାରି ଅନୁତାପ କଲେ । ଜଗତର ମଙ୍ଗଳପାଇଁ ନିଜକୁ ବିନିଯୋଗ କଲେ ।

+ଆଇନଜୀବୀ, ଉଦଳା, ମୟୂରଭଂଜ
ମୋ: ୯୫୮୩୨୭୦୭୬୮

କବିତା
ତୁମ ପାଇଁ

## ଜହ୍ନ ରାଇଜେ ତୋଳିବା ଘର

ଶରତ କୁମାର ଦାସ

ଆସରେ ଆସ ପିଲାଏ ଆସ
ଜହ୍ନ ରାଇଜ ଯିବା,
ତୋଳିବା ଆମେ ଛୋଟିଆ ଘର
ମନ ଖୁସିରେ ଥିବା ।

ତାରାଫୁଲରେ ସଜାଇଦେବା
ଘର ଅଗଣା ଆମ,
ସୁନା ଅକ୍ଷରେ ଗୋଟିକି ଗୋଟି
ଲେଖିଦେବାଟି ନାମ ।

କହିବା ଆମେ ସରବେ ମିଳି
ଜହ୍ନ ମାମୁଙ୍କୁ ଯାଇ,
'ଖେଳିବୁ ଖେଳ ତମ ସାଥିରେ
ଆସିଛୁ ପରା ଧାଇଁ ।'

ଗାଇବା ଗୀତ ଡେଇଁ ଡେଇଁକା
ବୁଲିବା ବିଲ ବଣ,
ଧରିବା ଆମେ ପରଜାପତି
ଜଣକ ପରେ ଜଣ ।

କରମେ ସଦା ମନଟି ରଖି
ଦିନ ବିତାଇ ଦେବା,
ଜହ୍ନ ମାମୁଠୁ ମଧୁର ଗୁଣ
ଯେତେ ହାତେଇ ନେବା ।

ସୂରଜ ଯେବେ ବୁଡିବେ ସଂଜେ
ରାତି ଆସିବ ନଇଁ,
ଜୋଛନା ଭରା ମଧୁ ମଳୟେ
ଫୁଟିବ ନୀଳ କଇଁ ।

ନଥିବ ସେଠି ହିଂସା କପଟ
ଗରବ ଅହଙ୍କାର,
ସେନହ ବୋଳା ମମତା ଡୋରେ
ହେବାରେ ଏକକାର ।

ମନ ଆମର ପୂରି ଉଠିବ
ବାସିବ ଫୁଲ ପରି,
ହସିବ ଦିନ ହସିବ ରାତି
ଆଶିଷ ଯିବ ଝରି ।

+ଅଧ୍ୟାପକ, ବଡବିଲ ମହାବିଦ୍ୟାଳୟ,
ବଡ଼ବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧



## ବିଲ ମୋଟିଶାଗ ଚୁଡୁଚୁଡ଼ା

ଶିଶିର କୁମାର ପଣ୍ଡା



ପଖାଳ ଭାତକୁ ଆମ୍ବ କଷି
ଆଈ ଖାଇଦିଏ ହସି ହସି ।
ତା' ସାଙ୍ଗରେ ଥିଲେ ବଡ଼ିଚୁରା
ପେଟ ଲାଗୁଥାଏ ପୁରା ପୁରା ।
ହୋଇଥିଲେ ଭେଣ୍ଡି ଗୋଟା ଭଜା
ଖାଇବାକୁ ମତେ ଲାଗେ ମଜା ।
ବିରି ଚକୁଳିକୁ ଘିଅ ଥିବ
ଚକା ପାରିଦେଇ ବସିଯିବ ।
ଗାଆଁ ମୁଗଡାଲି ଆଳୁ ଚୋଖା
ମାଛ ମାଉଁସକୁ ଦବ ଧୋକା ।
ବଡ଼ି ବାଇଗଣ ତରକାରୀ
ସଜନା ଛୁଇଁ ବି ଭଲ ଭାରି ।
ବିଲ ମୋଟିଶାଗ ଚୁଡୁଚୁଡ଼ା
ଭଲପାଏ ଆମ ଅଜା ବୁଢ଼ା ।

+କୁଆଁସ , ମେରଦା କାଟିଆ , ଯାଜପୁର
(ମୋ) : ୮୯୮୧୭୩୭୨୨୮

## ମନେରଖିବ କଥାଟି ମୋର...

ବିନୟ ଭୂଷଣ ପାଣିଗ୍ରାହୀ



ମନ ଲଗେଇ ଶୁଣିବ ଯଦି
କହିବି ପଦେ କଥା,
ବଡ଼ କାମରେ ଆସିବ ତାହା
ନଯିବ କେବେ ବୃଥା ।
ଆସନଟିଏ ପକାଇ ତଳେ
ବସିବ ଚକାମାଡି
ବୀଣାପାଣିଙ୍କୁ ସ୍ମରଣ କରି
କରିବ ପଢ଼ାପଢ଼ି ।
ପଢିଲାବେଳେ ଆଡେ ସିଆଡେ
ରଖିବନାହିଁ ମନ,
ଶିକ୍ଷକ ଯାହା କହିବେ ତାକୁ
ଶୁଣିବ ଦେଇ ଧ୍ୟାନ ।
ନରମ ଗଦି ଉପରେ ବସି
ପାଠ ପଢ଼ଇ ଯିଏ,
ଗଧ ସମାନ ଖଟଇ ସିଏ
କିଛି ମନେ ନରହେ ।
ବଡ଼ି ସକାଳୁ ପଢିବ ପାଠ
ବାସି ବିଛଣା ଛାଡି,
ମନେରହିବ ସାରା ଜୀବନ
ନଯିବ ମନୁ ଉଡି ।
ଚଟିଆ ପାରି ଭୂଇଁ ଉପରେ
କରିବ ଯୋଗାଭ୍ୟାସ
ରୋଗରୁ ମୁକ୍ତ ହେବ ଶରୀର
ବୃଦ୍ଧି ହେବ ଆୟୁଷ ।
ଆସନ ପରେ ବସି ପୂଜିବ
ଇଷ୍ଟଦେବଙ୍କୁ ନିତି,
ପୂଜା ସୁଫଳ ମିଳିବ ନିଶ୍ଚେ
ଦୂର ହୋଇବ ଭୀତି ।

+ହରସିଂହ ପୁର,ପୀରହାଟ ବଜାର
ଭଦ୍ରକ,ଓଡିଶା-୭୫୬୧୩୧
ମୋ:୯୯୩୭୫୪୮୪୩୧

# ହୋଲି

ଧ୍ୱନି ପ୍ରତିଧ୍ୱନି

୬ ଶନିବାର, ୨୭ ମାର୍ଚ୍ଚ ୨୦୨୧



## ହୋଲି ରହସ୍ୟ



ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ଆଗ କାଳରେ ଏହି ଭାରତବର୍ଷରେ ହୀରଣ୍ୟକଶ୍ୟପୁ ନାମରେ ଜଣେ ପରାକ୍ରମୀ ରାଜା ଥିଲେ। ସେ ବିଷ୍ଣୁଙ୍କଠାରୁ ନିଜ ଭାଇ ହୀରଣାକ୍ଷ୍ୟର ପ୍ରତିଶୋଧ ନେବା ପାଇଁ ଚାହୁଁଥିଲେ। ତେଣୁ କଠୋର ତପସ୍ୟା ବଳରେ ସେ ଖୁବ ଶକ୍ତିଶାଳୀ ହୋଇଉଠିଲେ। ସେ ପ୍ରଜା ମାନଙ୍କୁ ଖୁବ କଷ୍ଟ ଦେଉଥିଲେ ଏବଂ ନିଜକୁ ଭଗବାନ ବୋଲି ମାନୁଥିଲେ।ପ୍ରଜାମାନଙ୍କୁ ବାଧକରୁଥିଲେ ଯେ ସେମାନେ ମଧ ରାଜାଙ୍କୁ ଭଗବାନ ବୋଲି ମାନନ୍ତୁ।ରାଜାଙ୍କ ଡ଼ରରେ ସବୁ ପ୍ରଜା ଏ କଥାକୁ ସ୍ୱୀକାର କଲେ। ହେଲେ ରାଜାଙ୍କର ପ୍ରହଲ୍ଲାଦ ନାମରେ ଗୋଟେ ପୁଅ ଥିଲେ। ସେ ଜଣେ ପରମ ବିଷ୍ଣୁ ଭକ୍ତ ଥିଲେ ଏବଂ ବିଷ୍ଣୁଙ୍କ ପୂଜା ଆରାଧନା କରୁଥିଲେ। ରାଜା ପୁତ୍ରଙ୍କର ଏଭଳି ଆଚରଣରେ କ୍ଷୁବ୍ଧ ହୋଇଥିଲେ ଏବଂ ଏଭଳି ନ କରିବା ପାଇଁ ପ୍ରହଲ୍ଲାଦଙ୍କୁ ବୁଝାଇଥିଲେ। ପ୍ରହଲ୍ଲାଦ ନିଜ କାର୍ଯ୍ୟରେ ଅଟଳ ରହିବାରୁ କଠୋର ରାଜା ପୁତ୍ର ପ୍ରହଲ୍ଲାଦଙ୍କୁ ମଧ ଅତ୍ୟାଚାର କରିଥିଲେ। ପଥରରେ ବାନ୍ଧି ପାଣିରେ ବୁଡାଇବା, ହାତୀ ପାଦତଳେ ଦଳାଇବା,ପନିକିରେ କଟାଇବା, ପାହାଡ଼ ଉପରୁ ତଳକୁ ଠେଲାଇବା ଭଳି କାମ କଲା ପରେ ବି ପ୍ରହଲ୍ଲାଦଙ୍କର କିଛି କ୍ଷତି ହୋଇ ନ ଥିଲା। ଏଥିରେ ଅଧିକ ରାଗିଯାଇ ରାଜା ପୁତ୍ରଙ୍କୁ ନିଆଁରେ ପୋଡ଼ାଇବା ପାଇଁ ମନସ୍ଥ କଲେ। ରାଜା ହୀରଣ୍ୟକଶ୍ୟପୁଙ୍କର ହୋଲିକା ନାମରେ ଜଣେ ଭଉଣୀ ଥିଲେ, ଯେ କି ନିଆଁରେ ନ ପୋଡିବା ଭଳି ବର ପାଇଥିଲେ। ତେଣୁ ରାଜା ପ୍ରହଲ୍ଲାଦଙ୍କୁ କୋଳରେ ଧରି ନିଆଁରେ ବସିବାକୁ ଭଉଣୀଙ୍କୁ ନିର୍ଦ୍ଦେଶ ଦେଲେ। ହୋଲିକା ମଧ ଭାଇଙ୍କର ଆଦେଶ କ୍ରମେ ପ୍ରହଲ୍ଲାଦଙ୍କୁ ଧରି ନିଆଁରେ ପ୍ରବେଶ କଲେ। ପ୍ରହଲ୍ଲାଦ ତ ଅହରହ ବିଷ୍ଣୁଙ୍କ ନାମ ଜପକରୁଥାନ୍ତି। ଭଗବାନଙ୍କ ମହିମାରେ ପ୍ରହଲ୍ଲାଦଙ୍କର କିଛି ହେଲା ନାହିଁ କିନ୍ତୁ ହୋଲିକା ପାପ କର୍ମରେ ନିଜ ଶକ୍ତିକୁ ବ୍ୟବହାର କରିଥିବାରୁ ତାର ବର ସଫଳ ହେଲା ନାହିଁ। ହୋଲିକା ଜଳନ୍ତା ନିଆଁରେ ସମ୍ପୂର୍ଣ୍ଣ ଭାବେ ପୋଡି ଯାଇଥିଲା। ତା ପରେ ରାଜା ଅଧିକ ରାଗିଯାଇ ପ୍ରହଲ୍ଲାଦଙ୍କୁ ଅଧିକ କଷ୍ଟ ଦେଲେ ସତ ହେଲେ ମାରି ପାରିଲେ ନାହିଁ।ବିରକ୍ତ ହୋଇ ପଚାରିଲେ ତୋ ଭଗବାନ କୋଉଠି ଅଛନ୍ତି ? ପ୍ରହଲ୍ଲାଦ କହିଲେ ଭଗବାନ ସବୁଠାରେ ଅଛନ୍ତି। ଏ ସ୍ତମ୍ଭରେ ବି ଅଛନ୍ତି। ତାପରେ ହୀରଣ୍ୟକଶ୍ୟପୁ ସ୍ତମ୍ଭ ଭାଙ୍ଗିଦେବାରୁ ଭଗବାନ ବିଷ୍ଣୁ ନୃସିଂହ ରୂପରେ ଆବିର୍ଭାବ ହୋଇ ହୀରଣ୍ୟକଶ୍ୟପୁଙ୍କ ବଧ କରିଥିଲେ।ସେହି ଦିନଠାରୁ ଆସୁରିଶକ୍ତିର ବିନାଶରେ ଖୁସି ହୋଇ ହୋଲିକା ରାକ୍ଷସୀ ନାମରେ ହୋଲି ପାଳନ କରାଯାଉଛି।

## ହୋଲି....



ସୁଦର୍ଶନ ମହାପାତ୍ର

ଶୀତ ନଥାଏ ଧରା ବକ୍ଷରେ
ଟାଣ ଲାଗେନା ଖରା
ଥୁଣ୍ଟା ଗଛରେ କଅଁଳେ ପତ୍ର
ବସନ୍ତ ଆସେ ପରା ।।

ପଳାଶ ଫୁଲ ମନକୁ ମୋହେ
ଦେଖାଇ ତା'ର ଠାଣି
ଆମ୍ବ ବଉଳ ମଧୁର ବାସ
ନିଅଇ ମନ କିଣି ।।

ପଞ୍ଚମ ସୁରେ କୋଇଲି ଗାଏ
ଆମ୍ବ ଡାଳରେ ବସି
ପିଲାଙ୍କ ମନ ହୁଏ ଉଚ୍ଛନ୍ନ
ଦେଖିଲେ ଆମ୍ବ କଷି ।।

ପଞ୍ଚୁ ଦୋଳରେ ରାଧା ମାଧବ
ନିଜ ଠିକଣା ଭୁଲି
ମନ ଖୁସିରେ ଖେଳନ୍ତି ହୋଲି
ଘରକୁ ଘର ବୁଲି ।।

ଫଗୁଣ ହସେ ଫଗୁ ବରଷେ
ପ୍ରୀତି ରଙ୍ଗରେ ବୋଳି
ସ୍ନେହ ଶରଧା ଭାଇଚାରାର
ପରବ ପରା ହୋଲି ।।

+ କୁଞ୍ଜବିହାରୀ ଲେନ, କଟକ

## ନବ ବସନରେ ଆସିଛି ବସନ୍ତ...



ତିମିର ରଞ୍ଜନ ପଣ୍ଡା

ମଳୟର ମଧୁ ଗନ୍ଧରେ ଆଜି
ଚନ୍ଦ୍ରମା ହାତ ଠାରେର,
ନୀଳ ସରସୀରର କୁମୁଦ ବନରୁ
କିଏ ବା ଉଙ୍କି ମାରେ ।

ନବ ବସନରେ ଆସିଛି ବସନ୍ତ
ବସନ୍ତର ଦୂତ ନେଇ,
ବସନ୍ତରା ଦିଏ ନୂତନ ଜୀବନ
ତୁଳସୀରର ଗୁଣ ଗାଇ ।

ମୃଦୁ ମଳୟରେ ଦୋଳାୟିତ ମନ
କୋଇଲିର କୁହୁ ତାନେ,
ହସେ, ବସୁନ୍ଧରା ଗଗନ ପରଶେ
କିଏ ମକରନ୍ଦ ପାନେ ।

ଚହଟି ଉଠୁଛି ଯୁଇ, ଜାଇ ଫୁଲେ
ଅବା ପ୍ରକୃତି ରାଣୀ,
ମନମତାଣିଆ ମହୁଲ ଫୁଲରେ
ହସେ ମୋ' ପ୍ରିୟ ଧରଣୀ ।

ନଥାଇ ସୁବାସ ଦିଅଁ ଦେଉଳରେ
ପଳାଶ ପାଏନା ଶୋଭା,
ନଥାଇ ସୁବାସ ସାରା ଜଗତକୁ
କରିଥାଏ ମନଲୋଭା ।

ଏହି ମାଟି ମୋର ଚନ୍ଦନ ସମ
ପଥର ତା' କଥା କହେ,
ନିଶିଥର ଏହି ଚନ୍ଦ୍ରାଲୋକରେ
ଦେହେ ଶୀତଳତା ଭରେ ।

ଫଗୁଣ ଆଣିଛି ଫଗୁର ପସରା
ସାଥେ ଭାଇଚାରା ନେଇ,
ଭୁଲି ଭୁଲାଇଥିବା ଭେଦଭାବ ମନୁ
ଫଗୁଣର ଗୀତ ଗାଇ ।

+ ଭାରପ୍ରାପ୍ତ ପ୍ରଧାନଶିକ୍ଷକ
ସୁଦର୍ଶନପୁର ସରକାରୀ ଉ.ପ୍ରା. ବିଦ୍ୟାଳୟ
ଗୋରୁମହିଷାଣୀ, ରାଇରଙ୍ଗପୁର ବ୍ଲକ୍
ମୋ: ୯୪୩୭୯୬୭୭୯୭

## ଧରାରେ ବସନ୍ତ...

ଧ୍ରୁବ ଚରଣ ଘିବେଲା

ଧରାରେ ବସନ୍ତ ଥାପିଲାଣି ପାଦ
ସବୁଠି ବସନ୍ତ ଛାପ
ଋତୁରାଜ ସେ ତ ଋତୁ ମଧ୍ୟେ ଶ୍ରେଷ୍ଠ
ଧରାରେ ତା'ର ରାଜତ୍ୱ।

ବସନ୍ତ ପରଶ ସର୍ବତ୍ର ଲକ୍ଷିତ
ଚୂତ ବୃକ୍ଷ ନବ ବେଶ
ବଉଳର ବାସଆମ୍ର କୁଂଜ ପାଶ
ପବନେ ପହଁରେ (ସେ) ବାସ।

ବଉଳ ସୁବାସ ବହଳିଆ ବାସ
ମିଠା ମିଠା ବାସ ତହିଁ
ବଉଳ ଭାରରେ ନଇଁ ଆସେ ଧିରେ
ଆମ୍ର ବୃକ୍ଷ ଯହିଁ ତହିଁ।

ଆମ୍ର ବୃକ୍ଷେ ପିକ କରିଅଛି ବାସ
ରହି ରହି କରେ କୁହୁ
ତାର କୁହୁ ତାନ ମଧୁର କୂଜନ
ମନମତାଣିଆ କୁହୁ।

କୁହୁ ମନଜିଣା କୁହୁ ମନକିଣା
କୁହୁର ଅପୂର୍ବ ଶକ୍ତି
କୁହୁରେ ଚମକ କୁହୁରେ ମହକ
କୁହୁ କିଣେ ଜିଣେ ମତି।

ବସନ୍ତ ବାରତା
ପିକ କଣ୍ଠେ ବାର୍ତ୍ତା
ବହୁ ଦୂର ଯାଏ ଗମେ
ବସନ୍ତର ଶୋଭା
ବସନ୍ତର ଆଭା
ସୁନ୍ଦର ଏ ଧରା ଧାମେ।

+ବଉଦରାଜ-୭୬୨୦୧୪
ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ଦୋଳଯାତ୍ରା



ଦିଲ୍ଲୀପ କୁମାର ସାହୁ



ଦୋଳଯାତ୍ରା ଓଡ଼ିଆ ସଂସ୍କୃତିର ଅନନ୍ୟ ପରମ୍ପରା । ଫାଲ୍ଗୁନ ଶୁକ୍ଳ ଦଶମୀ ବା ଫଗୁ ଦଶମୀରୁ ଆରମ୍ଭ ହୋଇ ଏହି ଉତ୍ସବ ଫାଲ୍ଗୁନ ପୂର୍ଣ୍ଣିମା ବା ଦୋଳ ପୂର୍ଣ୍ଣିମାରେ ଶେଷ ହୋଇଥାଏ । ଯାହାକୁ କୁହାଯାଏ ରାଜଦୋଳ । ସେହିଭଳି ସ୍ଥାନେସ୍ଥାନେ ଦୋଳପର୍ବ ଦୋଳ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ଚୈତ୍ର କୃଷ୍ଣ ପଞ୍ଚମୀ ବା ଦଶମୀ ପର୍ଯ୍ୟନ୍ତ ପାଳିତ ହୋଇଥାଏ । ଯାହାକୁ ଯଥାକ୍ରମେ କୁହାଯାଏ ପଞ୍ଚୁଦୋଳ ବା ଦଶଦୋଳ । ଦୋଳ ଅବସରରେ ଉତ୍ସବ ମୁଖର ହୋଇ ଉଠେ ଗ୍ରାମ୍ୟ ପରିବେଶ । ଭଜନ କୀର୍ତ୍ତନ ସହିତ ଅବିର ଖେଳରେ ବିଭୋର ହୋଇଯାଆନ୍ତି ଆବାଳ ବୃଦ୍ଧ ବନିତା ।

ଦ୍ୱାଦଶ ଶତାବ୍ଦୀରେ ରଚିତ ଶତାନନ୍ଦ ସଂହିତାରେ ଦୋଳପର୍ବ ସମ୍ପର୍କରେ ବିଶେଷ ବର୍ଣ୍ଣନା ରହିଛି । ଯାହା ପ୍ରମାଣ କରେ, ଦୋଳ ପର୍ବର ଇତିହାସ ଆଠଶହ ବର୍ଷର ପୁରୁଣା । ଦୋଳପର୍ବର ଆରାଧ୍ୟ ଠାକୁର ହେଉଛନ୍ତି ରାଧାକୃଷ୍ଣ । ତେଣୁ ଆଧାକୃଷ୍ଣ ଓ ବିଷ୍ଣୁ ମନ୍ଦିରଗୁଡିକରେ ଦୋଳପର୍ବ ମହାସମାରୋହରେ ଆୟୋଜିତ ହୋଇଥାଏ । ହୋମ ଯଜ୍ଞ, ଭଜନ କୀର୍ତ୍ତନରେ ମୁଖରିତ ହୋଇଉଠେ ମନ୍ଦିର ପରିବେଶ । ଦୋଳପର୍ବର ବଡ ଆକର୍ଷଣ ହେଉଛି ଦିଅଁଙ୍କର ନଗର ପରିକ୍ରମା । ସୁସଜ୍ଜିତ ବିମାନ ବା ବିଭାନରେ ପ୍ରଭୁଙ୍କର ଚଳନ୍ତି ପ୍ରତିମାଙ୍କୁ ବିଜେକରାଯାଇ ଭକ୍ତ ମାନଙ୍କ ଦ୍ୱାରକୁ ନିଆଯାଇଥାଏ । ନିଜ ଦ୍ୱାର ନିକଟରେ ପ୍ରଭୁଙ୍କୁ ପାଇ ଭକ୍ତଟିଏ ଆନନ୍ଦରେ ଉଲ୍ଲସିତ ହୋଇ ଉଠେ ଓ ପ୍ରଭୁଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରି ଆହ୍ଲାଦିତ ହୋଇଥାଏ । ସେତେବେଳେ ଭକ୍ତର ଘର ଆଗରେ ସୃଷ୍ଟି ହୋଇଥାଏ ଭାବଭକ୍ତିର ଅପୂର୍ବ ପରିବେଶ । ଭକ୍ତ ଓ ଭଗବାନଙ୍କର ମିଳନର ଅନନ୍ୟ ଦୃଷ୍ଟାନ୍ତ ଓଡ଼ିଆ ସସ୍ସ୍କୃତିର ଏହି ନିଆରା ପର୍ବ ଦୋଳ ଉତ୍ସବ ।

ଦୋଳପର୍ବ ଅବସରରେ ଦିଅଁଙ୍କର ନଗର ପରିକ୍ରମା ଶୋଭାଯାତ୍ରା ଗ୍ରାମ୍ୟ ପରିବେଶକୁ କରିଦିଏ ରଙ୍ଗମୟ ।

ଖୋଳ, କରତାଳ, ଘଣ୍ଟ , ଘଣ୍ଟା ଓ ଲୋକବାଦ୍ୟରେ ମୁଖରିତ ହୋଇଉଠେ ଦିଗଚଉଦିଗ । ଗାଁ ଦାଣ୍ଡରେ ବିଭିନ୍ନ

ଲୋକକଳା ପରିବେଷଣ ଠାକୁରଙ୍କ ଏହି ଶୋଭାଯାତ୍ରାକୁ କରିଦିଏ ଆହୁରି ଆକର୍ଷଣୀୟ । ରଙ୍ଗବେରଙ୍ଗର ଆଲୋକରେ ଶୋଭାଯାତ୍ରା ଝଲସି ଉଠୁଥିଲେ ମଧ ଦିଅଁଙ୍କ ଆଗରେ ମସାଲ ଜଳିବାର ପରମ୍ପରା ରହିଛି ।

ହଜିଲା ଅତୀତକୁ ମନେପକାଇ ଏହି ମସାଲ ଜଳାଯାଇଥାଏ ।

ରଥଯାତ୍ରା ଓ ସ୍ନାନ ଯାତ୍ରା ପରକୁ ଦୋଳପର୍ବ ଶ୍ରୀକ୍ଷେତ୍ର ପୁରୀର ଅନ୍ୟ ଏକ ପ୍ରମୁଖ ଉତ୍ସବ । ଫଗୁ ଦଶମୀରୁ ଦୋଳ ପୂର୍ଣ୍ଣିମା ଯାଏ ପାଞ୍ଚଦିନ ଧରି ଶ୍ରୀମନ୍ଦିରରେ ଆୟୋଜିତ ହୋଇଥାଏ ଏହି ପର୍ବ । ପ୍ରତିଦିନ ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ବିମାନରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭ ମଠକୁ ଯାଇଥାନ୍ତି । ସେଠାରେ ପ୍ରଭୁଙ୍କୁ ଭୋଗ ନୈବିଲଦ୍ୟ ସହ ଅବିର ଅର୍ପଣ କରାଯାଏ । ଦୋଳ ପୂର୍ଣ୍ଣିମା ଦିନ ମଦନ ମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କୁ ଦୋଳବେଦୀରେ ବିଜେ କରାଯାଇ ଝୁଲାଯାଏ । ତାପରେ ଅବିରଖେଳ ସହ ଶେଷ ହୋଇଥାଏ ମହାପ୍ରଭୁଙ୍କ ଦୋଳଯାତ୍ରା ।

ଦୋଳପର୍ବର ବଡ ଆକର୍ଷଣ ଦୋଳ ମେଲଣ । ଏହି ମେଲଣ ସାଧାରଣତଃ ଶୈବପୀଠ ନିକଟରେ ଥିବା ତୋଟା ବା ପଡିଆ ମାନଙ୍କରେ ଆୟୋଜିତ ହୋଇଥାଏ ।

ବିଭିନ୍ନ ଗ୍ରାମରୁ ଦୋଳବିମାନ ଗୁଡିକ ରଙ୍ଗବେରଙ୍ଗର ଶୋଭାଯାତ୍ରା କରି ମଲଣ ପଡିଆକୁ ଆସନ୍ତି । ସେଠାରେ ପ୍ରଥମେ ବିମାନରେ ବିରାଜିତ ହରି, ମନ୍ଦିରରେ ବିରାଜିତ ହରଙ୍କୁ ଭେଟ କରନ୍ତି । ଏହି ପରମ୍ପରାକୁ କୁହାଯାଏ ହରିହର ଭେଟ । ହରିହର ଭେଟ ପରେ ମଲଣ ପଡିଆରେ ବନ୍ଧା ଯାଇଥିବା ମଞ୍ଚାରେ ବିମାନଙ୍କୁ ଅବସ୍ଥାପିତ କରାଯାଏ । ମେଲଣ ଦେଖି ଆସୁଥିବା ଶ୍ରଦ୍ଧାଳୁମାନେ ବୁଲିବୁଲି ସବୁ ବିମାନ ଗୁଡିକୁ ଦର୍ଶନ କରନ୍ତି ଓ ବିମାନରେ ବିରାଜିତ ଦୋଳ ଗୋବିନ୍ଦଙ୍କୁ ଅବିର ଅର୍ପଣ କରିଥାନ୍ତି । ବିମାନ ଗୁଡିକ ଗୋଟିଏ ମେଲଣରେ ଯୋଗଦେଇ ପୁଣି ଆଉ ଏକ ମେଲଣ ଅଭିମୁଖେ ଯାତ୍ରା କରନ୍ତି । ତେଣୁ ଦୋଳପର୍ବ ସମୟରେ ରାସ୍ତାଘାଟ, ସାହିବସ୍ତି, ନଦୀ ନାଳ ବନ୍ଧ ଏହିପରି ବିଭିନ୍ନ ମାର୍ଗରେ ଦୋଳବିମାନ ଯାଉଥିବା ଦେଖିବାକୁ ମିଳେ । କେତେକ ସ୍ଥାନରେ ନଈ ଆରପାରିର ମେଲଣରେ ଯୋଗ ଦେବାନିମନ୍ତେ ବିମାନ ଗୁଡ଼ିକୁ ନୌକା ଯୋଗେ ନଈପାରି କରାଇବାକୁ ପଡିଥାଏ। ଦୋଳ ବିମାନ ଗୁଡିକର ସେହି ନଦୀ ପାରି ଦୃଶ୍ୟ ଦୂରରୁ ଖୁବ୍ ସୁନ୍ଦର ଦିଶେ । କେତେକ ଗ୍ରାମରେ ଶୈବପୀଠ ସୁଉଚ୍ଚ ପାହାଡ ଉପରେ ଅବସ୍ଥିତ । ସେହି ପୀଠରେ ପହଞ୍ଚିବା ପାଇଁ ପାହାଡର ପାଦଦେଶରୁ ପାହାଚ ମାନ କରାଯାଇଥାଏ । ସେହି ପାହାଡ ଉପରେ ଥିବା ଶୈବପୀଠରେ ଯେଉଁ ଦୋଳମେଲଣ ଆୟୋଜିତ ହୁଏ ସେଥିରେ ଯୋଗଦେବା ନିମନ୍ତେ ଦୋଳବିମାନ ଗୁଡିକୁ ଶତାଧିକ ପାହାଚ ଅତିକ୍ରମ କରିବାକୁ ପଡିଥାଏ । ପାହାଚ ଚଢିଚଢି ଯାଉଥିବା ବିମାନ ଶୋଭାଯାତ୍ରାର ଦୃଶ୍ୟ ଅତୀବ ମନୋରମ। ଶ୍ରଦ୍ଧାଳୁ ମାନେ ଭାବଭକ୍ତିରେ ବିଭୋର ହୋଇ ସେହି ଅପୂର୍ବ ଦୃଶ୍ୟକୁ ଉପଭୋଗ କରିଥାନ୍ତି ।

ଦୋଳବିମାନ ଶୋଭାଯାତ୍ରାକୁ ଖୁବ୍ ଆକର୍ଷଣୀୟ କରିଦିଏ ହଜିହଜି ଆସୁଥିବା ଲୋକକଳା । ଶଙ୍ଖନାଚ, ବାଘନାଚ ଓ ଷଣ୍ଢ ଲଢ଼େଇ ଆଦି ସେଗୁଡିକ ମଧ୍ୟରୁ ଅନ୍ୟତମ । ଏବେ କେତେକ ସ୍ଥାନରେ ଆଧୁନିକ ନୃତ୍ୟ ସଙ୍ଗୀତକୁ ମଧ ଏଥିରେ ସାମିଲ କରାଗଲାଣି ।

କେତେକ ଗ୍ରାମରେ ଦୋଳ ବିମାନକୁ ସ୍ୱାଗତ କରିବା ନିମନ୍ତେ ଗ୍ରାମର ବିଭିନ୍ନ ଛକରେ ଭକ୍ତି ସଙ୍ଗୀତ ସମାରୋହର ଆୟୋଜନ କରାଯାଇଥାଏ । ଭକ୍ତମାନେ

ଭକ୍ତି ସଙ୍ଗୀତରେ ବିଭୋର ହୋଇ ଅପେକ୍ଷା କରନ୍ତି ଦିଅଁଙ୍କର ଶୋଭାଯାତ୍ରାକୁ । ଆଉ କେତେକ ଗ୍ରାମରେ ଗୋଟିଏ ଗୋଟିଏ ସାହିର ସବୁ ଲୋକେ ଏକତ୍ର ଦିଅଁଙ୍କୁ ପ୍ରସାଦ ଅର୍ପଣ କରିବାର ନିଆରା ପରମ୍ପରା ରହିଛି । ସାହି ମଝିରେ ଥିବା ବେଦୀରେ ସମସ୍ତେ ନୈବେଦ୍ୟ ଠୁଳ କରନ୍ତି ଓ ବିମାନ ପହଞ୍ଚିବା

ମାତ୍ରେ ଦିଅଁଙ୍କୁ ପ୍ରସାଦ ଅର୍ପଣ କରାଯାଇଥାଏ ।

ଯେଉଁ ସ୍ଥାନରେ ଦୋଳମେଲଣ ଆୟୋଜିତ ହୁଏ, ସେଠାରେ ବଡ ମେଳା ମଧ ବସେ । ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଆସି ସେଠାରେ ସେମାନଙ୍କର ପସରା ମେଲିଦିଅନ୍ତି । ସେହି ମେଲଣରେ ଭଲ କିଣାବିକା ହୁଏ ।

ଦୋଳଯାତ୍ରାର ଅନ୍ତିମ ପର୍ବ , ହୋଲିକା ଦହନ । ପୁରାଣର କଥା ଅନୁସାରେ ଦୈତ୍ୟରାଜ ହିରଣ୍ୟକଶିପୁ ନିଜର ପୁତ୍ର ବିଷ୍ଣୁଭକ୍ତ ପ୍ରହଲ୍ଲାଦକୁ ବଧ କରିବା ନିମନ୍ତେ ଭଗ୍ନୀ ହୋଲିକାକୁ ଆଦେଶ ଦିଅନ୍ତି । ହୋଲିକା ବର ପାଇଥିଲାଯେ ସେ ଅଗ୍ନିରେ ଦଗ୍ଧ ହେବନାହିଁ । ତେଣୁ ହୋଲିକା ପ୍ରହଲ୍ଲାଦକୁ ଧରି ଅଗ୍ନିରେ ପ୍ରବେଶ କରେ ।

ସମସ୍ତେ ଭାବୁଥାନ୍ତି ହୋଲିକାକୁତ ଅଗ୍ନି ଦହନ କରିପାରିବନି ବରଂ ପ୍ରହଲ୍ଲାଦ ଜଳିପୋଡି ପାଉଁଶ ହୋଇଯିବ । କିନ୍ତୁ କଥା ଓଲଟିଯାଏ । ହୋଲିକା ଦଗ୍ଧ ହୁଏ ଓ ପ୍ରହଲ୍ଲାଦ ସୁରକ୍ଷିତ ରହେ। ସେହି କଥାକୁ ମନେ ପକାଇବାପାଇଁ ହୋଲିକା ଦହନର ଆୟୋଜନ। ପରମ୍ପରା ଅନୁଯାୟୀ ଠୁଳ କରାଯାଇଥିବା ନଡାରେ ଅଗ୍ନି ସଂଯୋଗ କରାଯାଇ ଏହି ନୀତି ଅନୁଷ୍ଠିତ ହୋଇଥାଏ ।

ଏହିପରିଭାବେ ସାରା ରାଜ୍ୟରେ ଆୟୋଜିତ ହୁଏ ଦୋଳପର୍ବ । ଦୋଳ ପୂର୍ଣ୍ଣିମା ବାସି ଗାଁ ଠାରୁ ସହର ସବୁଠି ଲୋକମାନେ ଆନନ୍ଦ ଉଲ୍ଲାସର ସହ ହୋଲିଖେଳିଥାନ୍ତି । ପରସ୍ପର ମୁହଁ ରେ ରଙ୍ଗ ବୋଳି ଭୁଲି ଯାଆନ୍ତି ସବୁ ରାଗରୋଷ ଓ ମାନ ଅଭିମାନକୁ ।

+ମୋ-୯୮୬୧୧୨୬୧୯୭

## ଫଗୁଣର ହୋଲି





ରଶ୍ମି ସାମଲ

ଋତୁରାଜ ବସନ୍ତରେ ପାଳନ କରା ଯାଉଥିବା ପର୍ବ ମାନଙ୍କ ମଧ୍ୟରେ ଦୋଳ ପର୍ବ ପ୍ରଧାନ।

ଫଗୁଣରେ ଆମ ସଂସ୍କୃତି ପରମ୍ପରାକୁ ନେଇ ଆସିଥାଏ ଏହି ସାତ ରଙ୍ଗ ପର୍ବ ହୋଲି।ଦୋଳ ପୂର୍ଣ୍ଣିମାର ଠିକ ପର ଦିନକୁ ସାରା ଭାରତ ବର୍ଷ ତଥା ଆମ ଓଡିଶାରେ ହୋଲି ଧୁମ ଧାମ ରେ ପାଳନ କରାଯାଏ। ସତେ ଯେପରି ହୋଲିର ରଙ୍ଗ ଖେଳରେ ସମସ୍ତେ ସବୁ ଦୁଃଖ ରାଗ ରୁଷା ଶତ୍ରୁତାକୁ ଭୁଲି ଯାଇଥାଆନ୍ତି। ଏହା ଅଟେ ଯେପରି ସ୍ନେହ ଶ୍ରଦ୍ଧା ର ରଙ୍ଗ ଖେଳ।ରଙ୍ଗୀନ ହେବା ପାଇଁ ଏହାକୁ ପରସ୍ପର ମୁଂହରେ ବୋଳି ଥାନ୍ତି।

ଏହି ବସନ୍ତ ଋତୁରେ କୋକିଳର କୁହୁରବ,ମାଧବୀ ମାଳତିର ମନୋହର ବିକାଶ ଓ ମଳୟର ମନଛୁଆଁ ପ୍ରବାହ ଭିତରେ ଦୋଳ ଯାତ୍ରା ଆସିଥାଏ।ଏହି ସମୟରେ ପ୍ରକୃତି ମନୋହାରିଣୀ ହୁଏ।ଅନୁଭବ ହୁଏନି ଗ୍ରୀଷ୍ମର ରୌଦ୍ରତାପ ,ଅଥବା ଶୀତର ଭୀଷଣ ଯନ୍ତ୍ରଣା।ଏଭଳି ଏକ ମଧୁର ପରିବେଶରେ ଦୋଳ ଯାତ୍ରା ଜନ ଜୀବନକୁ ପ୍ରଭାବିତ କରିଥାଏ।ଫାଲଗୁନ ଶୁକ୍ଳ ଦଶମୀ ଠାରୁ ଦୋଳ ଉତ୍ସବ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମାରେ ଶେଷ ହୁଏ।ଗ୍ରାମ ଠାରୁ ସହର ଯାଏ ସର୍ବତ୍ର ଜନସାଧାରଣ ଦୋଳଯାତ୍ରାରେ ଆନନ୍ଦରେ ମତୁଆଲା ହୋଇ ଉଠନ୍ତି।ବିଶେଷତଃ ପଲ୍ଲୀ ଜନତାଙ୍କୁ ଦୋଳଉତ୍ସବ ଉଦବୁଦ୍ଧ କରେ।

ଦୋଳଉତ୍ସବ ସୃଷ୍ଟି ସମ୍ପର୍କରେ ନାନା ମତ ରହିଛି।ପୌରାଣିକ ଆଖ୍ୟାନ ଅନୁସାରେ ଦାନବ ରାଜା ହିରଣ୍ୟ କଶ୍ୟପ ନିଜ ପୁତ୍ର ଧ୍ରୁବଙ୍କୁ ମୃତ୍ୟୁ ଦଣ୍ଡ ଦେବାକୁ ଚାଂହୁଥିଲେ।ହୋଲିକା ରାକ୍ଷଶି ଦାନବ ରାଜାଙ୍କର ଭଉଣୀ ଥିଲା।ଅଗ୍ନି ଦେବଙ୍କ ଠାରୁ ପ୍ରାପ୍ତ ବର ଅନୁସାରେ ହୋଲିକା ଅଗ୍ନି ନିରୋଧୀ ଥିଲା।ଏବଂ ଏଠି ପାଇଁ ଗର୍ବ ଅନୁଭବ କରୁଥିଲା।ହିରଣ୍ୟ କାଶ୍ୟପର କୁଟ ଚକ୍ରାନ୍ତ ଫଳରେ ହୋଲିକା ଧ୍ରୁବଙ୍କୁ ମାରିବା ପାଇଁ ଅଗ୍ନି ଆସନରେ ବସିଥିଲା।ମାତ୍ର ଧ୍ରୁବ ଉପରେ ଭଗବାନ ବିଷ୍ଣୁଙ୍କ ଆଶ୍ରିବାଦ ଥିଲା। ଧ୍ରୁବ ଅଗ୍ନି ଆସନରୁ ଶକୁଶଳ ଫେରିଥିଲେ ମଧ ହୋଲିକା ଦହନ ହୋଇ ସାରିଥିଲା।ଅଧର୍ମ ଉପରେ ଧର୍ମର ଜୟ ଏହି ସଂଧେସ ଆଣି ଦେଇଥାଏ ଏହି ହୋଲି ପର୍ବ।ଆଉ ଏକ ମତାନୁସାରେ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଓ ଭଗବତୀ ରାଧାଙ୍କୁ କେନ୍ଦ୍ର କରି ଦୋଳଉତ୍ସବର ଆରମ୍ଭ ବୋଲି ବିଭିନ୍ନ ପୁରାଣରେ ଉଲ୍ଲେଖ ଅଛି।ଫାଲଗୁନ ପୂର୍ଣ୍ଣିମାରେ ଗୋପୀମାନେ ରାଧାକୃଷ୍ଣଙ୍କୁ ଦୋଳ ବିମାନରେ ବସାଇ ଚର୍ଚ୍ଚରୀ ଖେଳ କରିଥିଲେ।ସେହି ସ୍ମୃତିର ସ୍ମାରକୀ ରୂପେ ଦୋଳ ଯାତ୍ରା।ପୁଣି ବି ଦୋଳ ଯାତ୍ରା ଆରମ୍ଭ ବିଷୟରେ ମେଢାସୁର ପୌରାଣିକ କାହାଣୀଟି ସର୍ବ ଦୃଷ୍ଟି ଆକର୍ଷଣ କରେ।ଦ୍ୱାପର ଯୁଗରେ ମେଢ଼ର ନାମକ ଅସୁର କୃଷ୍ଣଙ୍କର ପ୍ରିୟ ବୃନ୍ଦାବନର ଅତ୍ୟାଚାର ଆରମ୍ଭ କଲା।କୃଷ୍ଣ ମେଢ଼ର କୁ ବିନାଶ କରି ଶାନ୍ତି ସ୍ଥାପନ କଲେ।ତ୍ରସ୍ତ ଜନଗଣଙ୍କ ପ୍ରାଣରେ ଆନନ୍ଦ କଲ୍ଲୋଳ ଖେଳିଗଲା।ତେଣୁ ବୃନ୍ଦାବନ ବାସୀ ବୀମାନରେ ଶ୍ରୀକୃଷ୍ଣଙ୍କୁ ଉପବେଶନ କରାଇ ଏକ ଉତ୍ସବର ଆୟୋଜନ କରିଥିଲେ।ତାହାହିଁ ଦୋଳ ଉତ୍ସବ।ଏହି ପରି ବିଭିନ୍ନ ମତ ମାନ ରହିଛି ବହୁ ପୁରା କାଳରୁ।ଆଜି ସମଗ୍ର ଭାରତରେ ଏହି ପର୍ବକୁମନୋରମ ଧର୍ମପ୍ରାଣ ନରନାରୀ ପରମ ଉତ୍ସାହରେ ପାଳନ କରୁଛନ୍ତି।ସତେ ଯେପରି ଏ କହ୍ନେଇ ପାଇଁ ଏ ଦୋଳଯାତ୍ରା।ଫଗୁଦଶମୀ ଠାରୁ ସୁସଜ୍ଜିତ ବିମାନରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିଙ୍କୁ ବସାଇ ଗ୍ରାମ ଦାଣ୍ଡରେ ବୁଲାଯାଏ।ଠାକୁରଙ୍କ ଆଗରେ ପଟୁଆର ବାହାରେ।ଘଣ୍ଟ ,ଖୋଳ , କରତାଳ, ଢୋଲ, ମହୁରୀ,କାହାଳି,ଶଙ୍ଖ ନାଦରେ ଗାଁ ଦାଣ୍ଡ ଉଛୁଳି ଉଠୁଥାଏ ପୂଜକ ପ୍ରତି ଦୁଆରେ ଠାକୁରଙ୍କୁ ଭୋଗ ପୂଜା କରେ।ବିମାନକୁ ପ୍ରତି ଦ୍ୱାର ସମ୍ମୁଖରେ ରଖି ରଖି ବେଠିଆ ମାନେ ଯାଉଥାନ୍ତି।ବାରିକ ମଶାଲ ଧରି ଆଗରେ ଯାଉଥାଏ।ଚାମର ସେବାକାରୀ ଦିଅଁଙ୍କ ଆଗରେ ଚାମର ପକାଉଥାଏ।କବି ଅଚ୍ୟୁତାନନ୍ଦ ଯୁଗ ଯୁଗର ଏହି ଫଗୁ ଖେଳର ସ୍ମୃତିକୁ ତାଙ୍କର ବାରମାସି କୋଇଲିରେ ରୂପ ଦେଇଛନ୍ତି,,

'ଫଗୁଣ ମାସରେ ଦୋଳ ଗୋବିନ୍ଦ
ଫଗୁ ଖେଳୁଛନ୍ତି ପରମାନନ୍ଦ
ଅବିର ସଙ୍ଗେ ଝାଲେରି ମିଶାଇ
ଫଗୁ ଖେଳୁଛନ୍ତି ଯଦୁ ଗୋସାଇଁ
ମୋ କାଁହୁରେ।'

ପୂର୍ଣ୍ଣିମା ଦିନ ଦୋଳମଣ୍ଡପ ପରେ ମଦନ ମୋହନ,ରାଧାକୃଷ୍ଣ ଦୋଳି ରେ ବସି ଦୋଳି ଖେଳନ୍ତି।ନୂଆ ଆମ୍ବ କଷି ଫଗୁ ଠାକୁରଙ୍କୁ ଅର୍ପଣ କରି ଚଣା ସାକର ଭୋଗ ହୁଏ।ସେହି ଦିନ ହିଁ ନୂଆ ପାଞ୍ଜି ପଢି ନୂତନ ବର୍ଷର ଶୁଭାରମ୍ଭ ହୋଇ ଗ୍ରାମବାସୀଙ୍କୁ ଶୁଣାନ୍ତି।ଦୋଳ ।ମେଲଣ ଦୋଳ ଉତ୍ସ୍ୱ ର ଗୋଟିଏ ଅଂଶ।ଠାକୁର ମାନଙ୍କର ମେଳଣ ପାଇଁ ଏକ ସ୍ୱତନ୍ତ୍ର ଖୋଲା ପଡିଆ ଥାଏ।ପଟୁଆରରେ ଆସି ମେଳଣ ପଡିଆରେ ଜମା ହୁଅନ୍ତି। ଦୋଳ ଠାକୁର ମାନେ ନିର୍ଦ୍ଦିଷ୍ଟ ପୀଠ ବା ବେଦିରେ ବସନ୍ତି।ବାଦ୍ୟନାଦ ,ହରିବୋଲ ,ହୁଳହୁଳିରେ ପଡିଆ ଫାଟିପଡୁଥାଏ।ଲୋକ ମାନେ ବହୁତ ଖୁସିରେ ଏହାକୁ ଉପଭୋଗ କରିଥାନ୍ତି। ଗୋପାଳ ମାନଙ୍କର ଏହା ଏକ ପ୍ରଧାନ ଉତ୍ସ୍ୱ।ସେମାନଂକର ସିଙ୍ଗା ଓ ବଂଶୀବାଦନ ସହ ଲଉଡି ଖେଳରେ ଲୋକ ମୁଗ୍ଧ ହୁଅନ୍ତି।ଅନ୍ୟତମ ପ୍ରଧାନ ବିଭବ ହେଲା ହୋଲି ବା ରଙ୍ଗ ଖେଳ।ଏହି ଦୋଳ ମଧ ରାଜଦୋଳ ନାମରେ ନାମିତ।ରାଜଦୋଳ ଉତ୍ସ୍ୱ ଅର୍ଥାତ ଫଗୁ ଦଶମୀ ଠାରୁ ସମସ୍ତ ବୈଷ୍ଣବ ପୀଠରେ ଝୁଲଣ ମଣ୍ଡପରେ ଦୋଳିରେ ଝୁଲନ୍ତି କିମ୍ବା ସୁସଜ୍ଜିତ ବିମାନରେ ବିଜେ କରନ୍ତି ଶ୍ରୀ ରାଧା କୃଷ୍ଣ ଯୁଗଳ ମୂର୍ତ୍ତି।ସାଧାରଣତଃ ଏହି ଯାତ୍ରା ପାଞ୍ଚ ଦିନ ପାଇଁ ମହା ସମାରୋହରେ ପାଳିତ ହୋଇ ପଞ୍ଚୁ ଦୋଳ ନାମରେ ନାମିତ ହୋଇଥାଏ।କେତେକ ସ୍ଥାନରେ ପୂର୍ଣ୍ଣିମା ଦିନ ପର୍ବକୁ ଶେଷ କରି ରାଜ ଦୋଳ ନାମରେ ନାମିତ ହୋଇ ଏହିଯାତ୍ରା ଶେଷ ହୁଏ।

ଦୋଳ ରେ ମହାପ୍ରଭୁ ଜଗନ୍ନାଥ ଙ୍କର ମଧ ଏକ ପ୍ରସିଦ୍ଧ ପର୍ବ।ଏହି ସାମାଜିକ ପର୍ବ ଲୋକ ମାନକୁ ଆନନ୍ଦର ଡୋଳାରେ ବସାଇ ଭକ୍ତି ଭାବରେ ବିହ୍ୱଳ କରିଥାଏ। ଏହି ଅବିର ରଙ୍ଗ ବୋଳା ବୋଳି ର ସମ୍ପର୍କ ସତେ ଯେପରି ଆମ ଭାଇ ଚାରର ନିଦର୍ଶନ।ହୋଲି ଏମିତି ଏକ ପର୍ବ ଯାହାକି ସବୁ ସାଙ୍ଗ ସାଥି ପରିବାର ଙ୍କ ସହ ଏହି ସୁଖ ଉତ୍ସବକୁ ପାଳନ ସମୟରେ ସତେ ଯେପରି ଏହି ରଙ୍ଗ ପର୍ବ ସବୁ ଦୁଃଖକୁ ଭୁଲେଇ ଦେଇଥାଏ। ସର୍ବୋପରି ଏହି ରଙ୍ଗ ର ଖେଳ ହୋଲି ଭିନ୍ନତା ମଧ୍ୟରେ ଏକତା ଆଣିଥାଏ।

+ ଭୁବନେଶ୍ୱର
(ମୋ)୯୪୩୭୧୧୫୮୬୫

# 'ମୋନା'ର ବୈଠକ



ବାଲେଶ୍ୱର,୨୬।୩():'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ' (ମୋନା)' ବାଲେଶ୍ୱର ଶାଖାର ବାର୍ଷିକ ସମ୍ମିଳନୀ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ସାଧାରଣ ସଂପାଦିକା ମମତା ମହାପାତ୍ର ଆଗାମୀ ବାର୍ଷିକ ସମ୍ମିଳନୀର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆଗାମୀ ଏପ୍ରିଲ ୪ ତାରିଖରେ 'ଆତିଥ୍ୟ'ସଭାଗୃହରେ ସମସ୍ତ ସଭ୍ୟ/ସଭ୍ୟା ଓ କର୍ମକର୍ତ୍ତାମାନେ ଧାର୍ଯ୍ୟ ସମୟରେ କୋଭିଡ଼ ନିୟମ ମାନି ଉପସ୍ଥିତ ରହିବାକୁ ଏହି ବୈଠକରେ ନିଷ୍ପତି ନିଆଯାଇଥିଲା । ବୈଠକରେ ଉପଦେଷ୍ଟା ସୁବ୍ରତ କର, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, କମଳାକାନ୍ତ ଦାଶ, ଗୀତାଞ୍ଜଳି ସିଂହ, ସମରେନ୍ଦ୍ରନାଥ ଦାସ, ପ୍ରସନ୍ନ କୁମାର ପାଢ଼ୀ, ସୀତାରାମ ପ୍ରଧାନ, ଯୋଗେଶ ପ୍ରଧାନ, ଜ୍ଞାନାନନ୍ଦ ମିଶ୍ର, ଗୟାଧର କର, ରାମଚନ୍ଦ୍ର ଭଦ୍ର ଓ ବସନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ନିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୌର ପାଳିକାର ନୂତନ ଟିକସ ନୀତିକୁ ନଗର କଂଗ୍ରେସ ପକ୍ଷରୁ ବିରୋଧ

ବାରିପଦା,୨୬/୦୩ (ନି.ପ୍ର): ବାରିପଦା ପୌର ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟର ମାର୍ଚ୍ଚ ୨ ତାରିଖରେ ଚିଠି ନଂ୧୨୦୩ମର ମୂଳେ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଅନୁଯାୟୀ ପୌରାଂଚଳରେ ଥିବା ସମସ୍ତ ଗୃହ ବାସିନ୍ଦା, ବ୍ୟବସାୟିକ ପ୍ରତିଷ୍ଠାନ ଓ ସହରାଂଚଳରେ ଗଢି ଉଠିଥିବା ବହୁତଳ ବିଶିଷ୍ଟ ବ୍ୟବସାୟିକ କୋଠାଘର ମାନଙ୍କରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁ ଗୁଡିକର ସୁପରିଚାଳନା ନିମନ୍ତେ ନୂତନ ଦେୟ ଆଦାୟ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି । ପୌର ପରିଷଦ ସହରାଂଚଳର ବାସିନ୍ଦାଙ୍କଠାରୁ ହୋଲଡିଂ, ପାଇଖାନା ଟିକସ, ବିଜୁଳି, ପାଣି ଟିକସ ଦେୟ ସହିତ ଖଜଣା ଆଦାୟ ପୂର୍ବରୁ କରୁଛନ୍ତି । ନୂତନ ଗୃହ ନିର୍ମାଣ ବା ଅଲଟରନେସନ ପାଇଁ ମଧ୍ୟ ଦେୟ ନେଉଛନ୍ତି । କିନ୍ତୁ ୱାର୍ଡ ମାନଙ୍କରେ ପୌର ପରିଷଦର ଉଦାସିନତା ଓ ଅବହେଳା ଯୋଗୁଁ ଚଳପ୍ରଚଳରେ ଘୋର ବାଧା ସୃଷ୍ଟି ହେଉଛି । ଏ ପର୍ଯ୍ୟନ୍ତ ବାରିପଦା ପୌରପରିଷଦରେ ଡ୍ରେନେଜ ସିଷ୍ଟମର ଆଧୁନିକରଣ କରାଯାଇ ନଥିବାରୁ ବର୍ଷାଦିନେ ଜନସାଧାରଣ ନାକେଦମ ହେଉଛନ୍ତି । ସହରରେ ଜବର ଦଖଲ ବୃଦ୍ଧି ପାଉଥିବା ବେଳେ ପୌରପରିଷଦର ଅହେତୁକ ନିରବତା ସାଧାରଣ ଜନତାଙ୍କୁ ଆଶ୍ଚର୍ଯ୍ୟ କରିଛି । କେବଳ ବର୍ଷକୁ ବର୍ଷ ଗରୀବ ଉଠାଦୋକାନୀ ମାନଙ୍କର ଚାଳିଆ ଭାଙ୍ଗି ଜବର ଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ ସାରି ଦେଉଛି ପୌର ପରିଷଦ । ନୂତନ କରି ପୌରାଂଚଳରେ ସାମିଲ ହୋଇଥିବା ୱାର୍ଡ ମାନଙ୍କର ଅବସ୍ଥା କହିଲେ ନସରେ । ସମସ୍ତ ସୁବିଧାରୁ ସେମାନେ ବଂଚିତ ଅଛନ୍ତି । ଏଣୁ ଏହି ନିୟମ ପ୍ରଣୟନ ଦ୍ୱାରା ସହରାଂଚଳରେ ବସବାସ କରୁଥିବା ସାଧାରଣ ଲୋକ ଓ ବ୍ୟବସାୟୀ ମାନଙ୍କ ଠାରୁ ଦୈନିକ ବା ମାସିକ ଦେୟ ଆଦାୟ ବୋଝ ଉପରେ ନଳିତା ବିଡ଼ା ସଦୃଶ ହେବ ବୋଲି ବାରିପଦା ନଗର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । କରୋନାର ଭୟାବହତାରେ ଗୋଟିଏ ବର୍ଷ ହେଲାଣି ସାଧାରଣ ଲୋକ ଓ ବ୍ୟବସାୟୀ ମାନେ ତଳିତଳାନ୍ତ ହୋଇ ପଡ଼ିଛନ୍ତି । ପୁଣି ୨ୟ ପର୍ଯ୍ୟାୟ କୋରନାର ଆଶଙ୍କା ବୃଦ୍ଧି ପାଇଛି । ଏଣୁ ପୌର କର୍ତ୍ତୃପକ୍ଷଙ୍କୁ ଏସବୁ ବିଷୟ ପ୍ରତି ଧ୍ୟାନ ଦେବା ଦରକାର ବୋଲି ନଗର କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି । ପୌରପରିଷଦ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାରେ ବିଫଳ ହେବା ପରେ ପୁଣି କରୋନା କଟକଣା ସମୟରେ ନୂତନ ଟିକସ ଆଦାୟର ଯୋଜନା ଆଦୌ ଗ୍ରହଣୀୟ ନୁହେଁ ବୋଲି ବାରିପଦା ଟାଉନ କଂଗ୍ରେସ ତରଫରୁ ଏହାର ଦୃଢ଼ ବିରୋଧ କରାଯାଇ ଏକ ଦାବୀପତ୍ର ବାରିପଦା ଉପଜିଲ୍ଲାପାଳ ତଥା ବାରିପଦା ପୌରନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡିଙ୍କୁ ପ୍ରଦାନ କରାଯାଇଥିବାର ଜଣା ଯାଇଛି ।

# କରୋନା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କଲା ଖଇରା ମେଡିକାଲ



ଖଇରା,୨୬/୦୩ (ନି.ପ୍ର): ବର୍ତ୍ତମାନ କରୋନା ମହାମାରୀ ପୁଣିଥରେ ମାଡିମାଡି ଆସୁଥିବାରୁ ସେଥିରୁ ରକ୍ଷାପାଇବା ପାଇଁ ବାଲେଶ୍ୱର ଜିଲ୍ଲା ଖଇରା ମେଡିକାଲ ତତ୍ପର ହୋଇ ଉଠିଛି । ଏହି ପରିପ୍ରେକ୍ଷରେ ମେଡିକାଲ ଇନଚାର୍ଯ୍ୟ ଡାକ୍ତର ପ୍ରଭାକର ମିଶ୍ର ମେଡିକାଲ ପରିସରରେ ପତାକା ଉତ୍ତୋଳନ କରି ନଡିଆ ବାଡେଇ କରୋନା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଅଡିଓ କ୍ଲିପ୍ ମାଧ୍ୟମରେ ଏହି ରଥ ଖଇରା ମେଡିକାଲ ଅଧିନରେ ଥିବା ୨୩ ଗୋଟି ସବ-ସେଣ୍ଟର ପରିଭ୍ରମଣ କରିବ । ପ୍ରତି ସବ-ସେଣ୍ଟର ଏରିଆରେ ଥିବା ଜନଗହଳି ସ୍ଥାନ, ହାଟବଜାର, ଗ୍ରାମ ଓ ବିଭିନ୍ନ ଛକଜାଗାମାନଙ୍କରେ ଏହି ରଥ ଅଡିଓ କ୍ଲିପ୍ ମଧ୍ୟରେ ଲୋକମାନଙ୍କୁ କରୋନାରୁ ରକ୍ଷା ପାଇବା ପାଇଁ ସଚେତନ କରାଇବା । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ଅଧିକାରିଣୀ ସଞ୍ଜୁକ୍ତା ପଣ୍ଡା,ସଞ୍ଜିବା ବିଶ୍ୱାଳ, ଟେକ୍ନିସିଆନ ଅଣାକରମହଲା, ପ୍ରସନ୍ନଜିତ ସାମଲ, ସୁପରଭାଇଜର ସୂର୍ଯ୍ୟକାନ୍ତ ବାରିକ ଓ ମୁକ୍ତିକାନ୍ତ ପଣ୍ଡା, ଏଲଏଚ୍‌ଭି ସ୍ନେହଲତା ପାଣିଗ୍ରାହୀଙ୍କ ସମେତ ଅନେକ ମେଡିକାଲ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ସମସ୍ତ ସବ-ସେଣ୍ଟର ଭ୍ରମଣ କରି କରୋନା ସଚେତନତା ବାର୍ତ୍ତା ପ୍ରଦାନ କରିବ ବୋଲି ପ୍ରଭାକର ମିଶ୍ର ଗଣ ମାଧ୍ୟମ ଆଗର ପ୍ରକାଶ କରିଛନ୍ତି । ମାଖନପୁର ପଞ୍ଚାୟତରେ ୬୦ବର୍ଷରୁ ଉର୍ଦ୍ଧ ବରିଷ୍ଠ ନାଗରିକମାନଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟଳୟ ପରିସରରେ ଟିକା ପ୍ରଦାନ କରାଯାଇଥିଲା । ମହିଳା ସ୍ୱାସ୍ଥ୍ୟ କର୍ମ ସତ୍ୟଭାମା ବାରିକ, ସରପଞ୍ଚ ସୁଦର୍ଶନ ସିଂ,କୋଭିଡ କର୍ମଚାରୀ ପୁଷ୍ପାରାଣୀ ମହାନ୍ତି, ବିଜୟ କୁମାର ମାହାନା, ଆଶା ଅହଲ୍ୟା ପଣ୍ଡା, ପ୍ରଭାସିନି ମହାନ୍ତି, ମିନାକ୍ଷି ପ୍ରଧାନଙ୍କ ଦ୍ୱାରା ୧୫୭ଜଣ ଟିକା ନେଇଥିଲେ । ଅଣସଂକ୍ରାମକ ରୋଗ ଓ କୋଭିଡ-୧୯ ପାଇଁ ବରିଷ୍ଠ ନାଗରିକମାନଙ୍କୁ ଭିଡିଓ ମାଧ୍ୟମରେ କୋଭିଡ ବିଷୟରେ ସଚେତନ କରାଯାଇଥିଲା ।


## ବିଭିନ୍ନ ସଂଗଠନ ପକ୍ଷରୁ ଜଳେଶ୍ୱରରେ ଭାରତବନ୍ଦ ଡାକରା ପ୍ରତିଫଳିତ

ଜଳେଶ୍ୱର, ୨୬/୩ (ନିପ୍ର) : ବାଲେଶ୍ୱର ଜିଲା ସୀମାନ୍ତ ଜଳେଶ୍ୱରରେ ଆଜି ଶୁକ୍ରବାର ଭାରତବନ୍ଦ ଡାକରା ପ୍ରତିଫଳିତ ହୋଇଛି । କୃଷକ ବିରୋଧି ଆଇନ୍ ପ୍ରତ୍ୟାହାର, ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟବୃଦ୍ଧି ପ୍ରତିବାଦରେ ୮ଟି ରାଜନୈତିକ ପକ୍ଷରୁ ଭାରତ ଡାକରା ଦିଆଯାଇଥିବାରୁ ଜୀବନଯାତ୍ରା ବ୍ୟାହତ ହୋଇଛି । କେନ୍ଦ୍ରୀୟ କମିଟିର ସିଦ୍ଧାନ୍ତ ଅନୁଯାୟୀ ଆଜି ସକାଳ ୬ଟାରୁ ସଂଧ୍ୟା ୬ଟା ଯାଏ ଏହି ବନ୍ଦ ଡାକରା ଯୋଗୁଁ ସ୍କୁଲ, କଲେଜ ଓ ଅଫିସ୍ ସହ ସହରର ବହୁ ଦୋକାନ ବଜାର ବନ୍ଦ ରହିଥିଲା । ଏପରିକି ୪ଚକିଆ ଯାନ ଚଳାଚଳ ବନ୍ଦ ଥିବାର ଦେଖିବାକୁ ମିଳିଥିଲା । ଜଳେଶ୍ୱର ବଡବଜାର ଠାରେ ସିପିଏମ୍ ନେତା ଦିଲ୍ଲୀପ ଗିରି, ଜିତାଂଶୁ ନନ୍ଦୀ, ଦିଲ୍ଲିପ ପରିଡା, ପଲ୍ଟୁ ଦାସ, ଜୀବନ ପରିଡା, ସିତାଂଶୁ ସେନାପତି ଙ୍କ ନେତୃତ୍ୱରେ ସିପିଏମ୍ ବହୁ କର୍ମୀ ନାରାବାଜି ସହ ବନ୍ଦ କାର୍ଯ୍ୟରେ ସାମିଲ ଥିଲେ । ସେହିପରି ୬୦ ନଂ ଜାତୀୟ ରାଜପଥରେ କମଳ ଚକ୍ରବର୍ତ୍ତୀ, ମନୋରଂଜନ ଦାସ, କଂଗ୍ରେସ ନେତା ସୁଦାମ ପାତ୍ର, ରବିନ୍ଦ୍ର ବାରିକଙ୍କ ନେତୃତ୍ୱରେ ଗାଡ ଅଟକ ରଖାଯାଇଥିଲା । କଂଗ୍ରେସର ବରିଷ୍ଠ ନେତା ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ବ୍ଲକ ସଭାପତି ରାଜୀବ ପରିଡା, ମୁନା ଜେନା, ସପନ ରାଉତ, ମାନା ରାୟ, ରାଜେଶ ପାତ୍ର, ପ୍ରଦେଶ ଯୁବକଂଗ୍ରେସ ସଭାପତି ସବ୍ୟସାଚୀ ଦାସ, ନୟନ ପାଠୀ, ହେମନ୍ତ ଗିରି, ସୁଶାନ୍ତ ସେଠୀ, ଟାଉନ୍ ସଭାପତି ଗିରିଜା ଶଂକର ଦାସଙ୍କ ସହିତ ଙ୍କ ନେତୃତ୍ୱରେ ବହୁକର୍ମୀ ଏଥିରେ ସାମିଲ ଥିଲେ । ଫଳରେ ପଶ୍ଚିମବଂଗପଟୁ ଶହ ଶହ ଗାଡି ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଦେଖିବାକୁ ମିଳିଛି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ, ୬୬୭ ବାହନ ଜବତ

ଭୁବନେଶ୍ୱର,୨୬/୦୩ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୯ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୦୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୩୧,୪୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ବାଲେଶ୍ୱରରେ ହିନ୍ଦୁ ପଞ୍ଚାୟତ କାର୍ଯ୍ୟକ୍ରମ




ବାଲେଶ୍ୱର,୨୬/୦୩ (ନି.ପ୍ର): ଶଙ୍କରାଚାର୍ଯ୍ୟ ପରିଷଦ ଓ ଭାଗ୍ୟୋଦୟ ଫାଉଣ୍ଡେସନ ଆନୁକୂଲ୍ୟରେ ବାଲେଶ୍ୱରରେ ହିନ୍ଦୁ ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହରର ଆତିଥ୍ୟ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ହିନ୍ଦୁ ଗଣତନ୍ତ୍ର ପାଇଁ ହିନ୍ଦୁ ପଞ୍ଚାୟତ' ଶୀର୍ଷକ ଆଲୋଚନାଚକ୍ରରେ ଶଙ୍କରାଚାର୍ଯ୍ୟ ପରିଷଦର ସଭାପତି ସ୍ୱାମୀ ଆନନ୍ଦ ସ୍ୱରୂପ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଭାରତୀୟ ସନାତନ ସଂସ୍କୃତିର ମୂଳ ସହ ପ୍ରତ୍ୟେକ ଭାରତୀୟଙ୍କୁ ଯୋଡିବା ପାଇଁ ଆହ୍ୱାନ ଦେଇଥିଲେ । ପରିବର୍ତ୍ତନରେ ପ୍ରଭାବିତ ଭାରତ ସହ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ପରମେଶ୍ୱରଙ୍କ ଇଚ୍ଛା ଅନୁସାରେ ହିନ୍ଦୁସ୍ଥାନକୁ ହିନ୍ଦୁ ରାଷ୍ଟ୍ରଭାବେ ଘୋଷିତ ହେବା ଉଚିତ ବୋଲି ସେ କହିଥିଲେ । ଏହି ଅବସରରେ ସ୍ୱାମୀ ଆନନ୍ଦ ସ୍ୱରୂପ ଶଙ୍କରାଚାର୍ଯ୍ୟ ପରିଷଦର ଜାତି ଛୋଡ, ହିନ୍ଦୁ ଯୋଡ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ । ଓଡିଶାର ପ୍ରତ୍ୟେକ ଅଂଚଳରେ ହିନ୍ଦୁମାନଙ୍କୁ ସଂଗଠିତ କରିବା ପାଇଁ ଶଙ୍କରାଚାର୍ଯ୍ୟ ପରିଷଦର ଏହି ଉଦ୍ୟମ ଅନନ୍ୟ ବୋଲି ସେ ମତପ୍ରକାଶ କରିଥିଲେ । ବିଶିଷ୍ଟ ହିନ୍ଦୁବାଦୀ ନେତା ତଥା ବିଶ୍ୱ ହିନ୍ଦୁ ପରିଷଦର କ୍ଷେତ୍ରୀୟ ଅଧିକାରୀ ଗୌରୀ ରଥ ଏଥିରେ ମୁଖ୍ୟବକ୍ତାଭାବେ ଯୋଗଦେଇ ପ୍ରାଚୀନ କାଳର ପୁରାତନ ସଂସ୍କୃତି ହିଁ ସନାତନ ଧର୍ମ ବୋଲି କହିଥିଲେ । ପ୍ରତ୍ୟେକ ଭାରତୀୟ ପରିବାରରେ ପିଲାମାନଙ୍କଠାରେ ସାହସିକତାର ଗୁଣ ସୃଷ୍ଟି ସହ ଶ୍ରୀମଦ ଭଗବତ ଗୀତା ଅଧ୍ୟୟନ ଓ ଆଚରଣ ପାଇଁ ଶ୍ରୀ ରଥ ସମସ୍ତଙ୍କୁ ନବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ କ୍ଷେତ୍ରୀୟ ସଂଘ ଚାଳକ ରଘୁନାଥ ପାତ୍ର ଉପସ୍ଥିତ ଥିଲେ । ଶଙ୍କରାଚାର୍ଯ୍ୟ ପରିଷଦର ସର୍ବଭାରତୀୟ ସାଧାରଣ ସମ୍ପାଦକ ପାରିଜାତ ଚାନ୍ଦ ସଭା ପରିଚାଳନା କରିଥିବା ବେଳେ ପ୍ରଦୀପ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅମର ସେଠୀ, ପର୍ଶୁରାମ ପରିଡା, ବିଜୟ ପାଣିଗ୍ରାହୀ, ଦୁକୁଳ ଚନ୍ଦ୍ର ଘଡେଇ, ଯୋଗେନ ରଣା, ପାର୍ଥ ପ୍ରତୀପ କର, ଗୋପାଳ ନାୟକ ପ୍ରମୁଖଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# କ୍ଷତିପୂରଣ ପ୍ରତିଶ୍ରୁତି ପରେ ଶବଗ୍ରହଣ କଲେ ପରିବାର ଲୋକେ

## ଆସିଲା ଶବ ବ୍ୟବଚ୍ଛେଦ ରିପୋର୍ଟ, ମିଳିଲା ୬୦ ହଜାର ଟଙ୍କାର ସହାୟତା



ବାରିପଦା,୨୬/୦୩ (ନି.ପ୍ର): ଗତକାଲି ସୁଦୂର ଗୁଜୁରାଟରୁ ଶବ ଛାଡିବାକୁ ଆସି ପରିବାର ଲୋକଙ୍କ ଆକ୍ରୋଶର ଶିକାର ହୋଇ ଆମ୍ବୁଲାନ୍ସ ଓ ତାର କର୍ମଚାରୀ ମାନେ ଗ୍ରାମବାସିଙ୍କ ଦ୍ୱାରା ଅଟକ ରହିଥିଲେ । ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଂଟା ବ୍ଲକ ଅଧିନ ନୁରୁଡ଼ିହି ଛକ ଠାରେ ଲୋକେ ରାସ୍ତା ରୋକ ମଧ୍ୟ କରିଥିଲେ । ମିଳିଥିବା ସୂଚନା ଅନୁଯାୟୀ ଟିକରପଡା ଗ୍ରାମର ସୋମନାଥ ମହାନ୍ତ ଗତ ୦୬ ମାସ ହେବ ଗୁଜୁରାଟକୁ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ । ହଠାତ କମ୍ପାନୀ ପକ୍ଷରୁ ତାଙ୍କର ମୃତ୍ତୁ ହୋଇ ଯାଇଥିବାର ସୂଚନା ପରିବାର ଲୋକଙ୍କୁ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିଲା । କିନ୍ତୁ ପରିବାର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନଥିଲେ । ତେବେ ଗତକାଲି ସନ୍ଧ୍ୟା ସମୟରେ ଆମ୍ବୁଲାନ୍ସ ମୃତ ଶରୀରକୁ ନେଇ ମୃତକଙ୍କ ଘର ଟିକରପଡାକୁ ଆସିଥିବା ବେଳେ ପରିବାର ପକ୍ଷରୁ ଉକ୍ତ ଆମ୍ବୁଲାନ୍ସକୁ ନୁରୁଡି ଛକ ନିକଟରେ ଅଟକ ରଖି ଥିଲେ ପରିବାର ଲୋକେ ସ୍ଥାନୀୟ ଗ୍ରାମବାସୀ । ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ପରିବାର ଲୋକେ ମିଶି ରାସ୍ତାରେ ବସି ରହିବାରୁ ଉତ୍ତେଜନା ପ୍ରକାଶ ପାଇବା ସହିତ ଉଦଳା - ବାରିପଦା ରାସ୍ତାର ଉଭୟ ପର୍ଶ୍ୱରେ ବହୁ ସଂଖ୍ୟାରେ ଗାଡି ଅଟକି ରହିଥିଲା । ପରିବାର ପକ୍ଷରୁ ମୃତ ବ୍ୟକ୍ତିର ଶବବ୍ୟବଚ୍ଛେଦ ରିପର୍ଟ ସହ କ୍ଷତିପୂରଣ ଦାବି କରିଥିଲେ । ତେବେ ଆଜି ସକାଳ ପ୍ରାୟ ୧୦ଟା ବେଳେ ଶବଥିବା ଆମ୍ବୁଲାନ୍ସକୁ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଯିବା ବାଟରେ ପୋଲିସ ତାଙ୍କୁ ଅମ୍ବିକା ମନ୍ଦିର ନିକଟରେ ଅଟକାଇ ବୁଝାସୁଝା କରିବା ସହିତ ଗୁଜୁରାଟରୁ ପୋଷ୍ଟ ମୋର୍ଟମ ରିପର୍ଟ ମଧ୍ୟ ଆସିଥିଲା ଏବଂ ମୃତକଙ୍କ ପରିବାରକୁ କମ୍ପାନୀ ପକ୍ଷରୁ ୪୦ହଜାର ଟଙ୍କା ଓ ରେଡକ୍ରସରୁ ୨୦ ହଜାର ଟଙ୍କାର ସହାୟତା ମିଳିବାର ପ୍ରତିଶୃତି ମିଳିବାରୁ ପରିବାର ଲୋକେ ଶବ ଗ୍ରହଣ କରି ସଂସ୍କାର କାର୍ଯ୍ୟ କରିଥିବାର ଜଣାଯାଇଛି ।

## ଭାରତ ବନ୍ଦ ଧାମନଗରରେ ପ୍ରଭାବ ହୀନ



ଧାମନଗର,୨୬/୦୩ (ନି.ପ୍ର): କୃଷି ଆଇନ୍‌କୁ ବିରୋଧ କରି ଦେଶର ବିଭିନ୍ନ କୃଷକ ସଂଘର ସମ୍ମିଳିତ ସଂଗଠନ ସଂଯୁକ୍ତ କିଷାନ ମୋର୍ଚ୍ଚା(ଏସ୍‌କେଏମ୍) ପକ୍ଷରୁ ଆଜି ୧୨ଘଂଟିଆ ଭାରତ ବନ୍ଦ ଡ଼ାକରା ଦିଆଯାଇଥିଲା । ଏହି ବନ୍ଦକୁ କଂଗ୍ରେସ ବାମଦଳ ସମେତ ୮ଟି ରାଜନୈତିକ ଦଳ ଓ ବିଭିନ୍ନ ଟ୍ରେଡ଼ ୟୁନିୟନ ସମର୍ଥନ ଦେଇଛନ୍ତି । ଓଡ଼ିଶାରେ ଏହି ବନ୍ଦରେ ସାମିଲ ହେବାପାଇଁ ପିସିସି ସଭାପତି ନିରଂଜନ ପଟ୍ଟନାୟକ ଡ଼ାକରା ଦେଇଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରଚଳିତ କୃଷି ଆଇନ୍‌କୁ ବିରୋଧକରି କୃଷକ ସଂଗଠନ ପକ୍ଷରୁ ଚାଲିଥିବା ଆନ୍ଦୋଳନର ୪ମାସ ପୂର୍ତ୍ତି ଅବସରରେ ଏହି ବନ୍ଦ ପାଳନ କରାଯାଉଛି । ସକାଳ ୬ରୁ ସନ୍ଧ୍ୟା ୬ଯାଏ ପାଳନ କରାଯାଉଥିବା ଏହି ୧୨ ଘଂଟିଆ ବନ୍ଦର ପ୍ରଭାବ ଧାମନଗରରେ ପଡ଼ିନଥିବା ଦେଖାଯାଇଛି । ବିଗତ ଦିନରେ କୃଷକ ଓ ବ୍ୟବସାୟ ସଂଗଠନ ଦେଇଥିବା ବନ୍ଦ ଡ଼ାକରାରେ କଂଗ୍ରେସ କର୍ମୀମାନେ ସାମିଲ ହୋଇଥିବାବେଳେ ଆଜିର ଏହି ବନ୍ଦକୁ ଖୋଦ କଂଗ୍ରେସ ମୁଖିଆ ସମର୍ଥନ ଦେଇଥିଲେ ମଧ୍ୟ ଏଠାରେ ତା'ର ପାଳନ କ୍ଷେତ୍ରରେ ଅସହମତି ପ୍ରକାଶ ପାଇଛି । ଆଜି ଭାରତ ବନ୍ଦରେ ଧାମନଗର ସହର ଓ ଗ୍ରାମାଂଚଳରେ ଗାଡ଼ିମୋଟର ଚାଲିଥିବାବେଳେ, ଦୋକାନ ବଜାର ଓ ବ୍ୟାଙ୍କ ଗୁଡ଼ିକ ମଧ୍ୟ ଖୋଲାଥିବା ଦେଖାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଦୁଇ ଦିନିଆ ବାଂଲାଦେଶ....

ପ୍ରଥମ ଥର ପାଇଁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ବଙ୍ଗବନ୍ଧୁ ଶେଖ ମୁଜିବୁର ରେହମାନଙ୍କ ପୈତୃକ ବାସଭବନକୁ ଯିବେ । ସେପଟେ ବଙ୍ଗବନ୍ଧୁ ଶେଖ ମୁଜିବୁର ରେହମାନଙ୍କୁ ମରୋଣତର ଗାନ୍ଧୀ ଶାନ୍ତି ସମ୍ମାନରେ ସମ୍ମାନିତ କରିଛନ୍ତି । ଢାକାରେ ପହଁଚିବା ପରେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ପ୍ରଧାନମନ୍ତ୍ରୀ । ଏଠାରେ ରାଷ୍ଟ୍ରୀୟ ସହିଦ ସ୍ମାରକୀରେ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ । ବାଂଲାଦେଶର ରାଜନୈତିକ ଦଳର ନେତା, କ୍ରୀଡାବିତ, ପ୍ରବାସୀ, ଯୁବଗୋଷ୍ଠୀ ଓ ତାରକାଙ୍କୁ ଭେଟିବା ସହ ବୋହରା ସମ୍ପ୍ରଦାୟକୁ ମଧ୍ୟ ଭେଟିଛନ୍ତି ମୋଦୀ । ବୋହରା ସମ୍ପ୍ରଦାୟ ପକ୍ଷରୁ ମୋଦୀଙ୍କୁ ଏକ ସାଲ ଉପହାର ଦିଆଯାଇଛି । କରୋନା କାଳ ଯୋଗୁଁ ପ୍ରାୟ ୪୯୭ଦିନ ପରେ ବିଦେଶ ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ । ମହାମାରୀ ସମୟରେ ଭାରତ ମିତ୍ର ରାଷ୍ଟ୍ର ବାଂଲାଦେଶକୁ ପ୍ରାୟ ୯୦ଲକ୍ଷ କରୋନା ଟିକା ଯୋଗାଇ ଦେଇଛି । ଯାହା ଉଭୟ ରାଷ୍ଟ୍ରର ସମ୍ପର୍କକୁ ଆହୁରୀ ମଜବୁତ କରିଛି । ସେପଟେ ବାଂଲାଦେଶ ବୈଦେଶିକ ମନ୍ତ୍ରୀ ଅବଦୁଲ ମୋମିନ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି । ଉଚିତ ସମୟରେ ବାଂଲାଦେଶକୁ ଭାରତ ଟିକା ଯୋଗାଇ ଥିବାରୁ ସବୁବେଳେ ଋଣୀ ରହିବେ ବୋଲି କହିଛନ୍ତି ଅକ୍ ଅବଦୁଲ ମୋମେନ ।

## କୃଷକ ସଂଘର୍ଷ ସମନ୍ୱୟ ....

ରାଜପଥରେ ପିକେଟିଂ, ଆଇଗିଣିଆ ଛକଠାରେ ପିକେଟିଂ ଓ ରାସ୍ତରୋକ ଇତ୍ୟାଦି ସଂଗଠିତ ହୋଇଥିଲ । ଭୁବନେଶ୍ୱରର ମାଷ୍ଟର କ୍ୟାଂଟିନ୍ ଛକଠାରେ ଅନୁଷ୍ଠିତ କେନ୍ଦ୍ରୀୟ ପିକେଟିଂ କାର୍ଯ୍ୟକ୍ରମରେ ଓଡିଶା କୃଷକ ସଭାର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ସଭାପତି ଯମେଶ୍ୱର ସାମନ୍ତରାୟ, ଅଭିରାମ ବେହେରା, ପ୍ରମୋଦିନି ସାହୁ, ଏ.ଆଇ. କେ. ଏସ୍ ର ରାଜ୍ୟ ସମ୍ପାଦକ କ୍ଷିରୋଦ କୁମାର ସିଂହଦେଓ, ଆଦିବାସୀ ନେତା ରବିନ୍ଦ୍ର ଟୁଡୁ, ଏଆଇକେକେଏମ୍‌ଏସ୍‌ର ରାଜ୍ୟ ନେତା ନିରଞ୍ଜନ ମହାନ୍ତି, ରାଜେନ୍ଦ୍ର କୁମାର ବର୍ମା, ଏ.ଆଇ.କେ.ଏମ୍.କେ.ଏସ୍ ର ରାଜ୍ୟ ଆବାହକ ଶ୍ରୀକାନ୍ତ ମହାନ୍ତି, ଇନ୍‌ସାଫ୍‌ର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ସମାଜବାଦୀ କୃଷକ ମୋର୍ଚ୍ଚାର ରାଜ୍ୟ ଉପଦେଷ୍ଟା ସୁଦର୍ଶନ ପ୍ରଧାନପ୍ରମୁଖ ନେତୃତ୍ୱ ନେଇଥିଲେ । ପିକେଟିଂ କାର୍ଯ୍ୟକ୍ରମ ସରିବା ପରେ ସମସ୍ତ କୃଷକ ସଂଗଠନ, କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ସମୂହ, ଗଣ ସଂଗଠନ ଏବଂ ରାଜନୈତିକ ଦଳମାନଙ୍କର ଏକ ମିଳିତ ଶୋଭାଯାତ୍ରା ମାଷ୍ଟର କ୍ୟାଂଟିନ୍ ଛକଠାରୁ ବାହାରି ରାଜମହଲ ଛକଦେଇ ମହାତ୍ମା ଗାନ୍ଧୀ ମାର୍ଗଠାରେ ପହଂଚିବା ପରେ କେନ୍ଦ୍ର ସରକାରଙ୍କରର କୃଷକ ବିରୋଧୀ କୃଷି ଆଇନ୍ ରଦ୍ଦ କରିବା ଦାବୀରେ ଆଇନ ଅମାନ୍ୟ ଆନ୍ଦୋଳନ କରି ବହୁ କର୍ମୀ ଗିରଫ ହୋଇଥିଲେ । ଏହି ମିଳିତ ଶୋଭାଯାତ୍ରାରେ ନିରଞ୍ଜନ ପଟ୍ଟନାୟକ, ସୁରେଶ ରାଉତରାୟ, ଆଶିଷ କାନୁନଗୋ, ଯୁଧିଷ୍ଠିର ମହାପାତ୍ର ପ୍ରମୁଖ ରାଜନୈତିକ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ ।

## ଗୋଟିଏ ଦିନରେ ୨୩୪ କରୋନା....

ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ ଜିଲ୍ଲାରେ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରେ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରେ ୧୫ ଜଣ ତଥା ବୌଦ୍ଧ ଜିଲ୍ଲାରେ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । କଟକ ଜିଲ୍ଲାରୁ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୧, ଢେଙ୍କାନାଳ ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ହୋଇନାହାନ୍ତି । ଗଂଜାମ ଜିଲ୍ଲାରୁ ୧, ଜଗତସିଂହପୁର ଜିଲ୍ଲାରୁ ୬ . ଯାଜପୁରରୁ ୪ ଜଣ, ଝାରସୁଗୁଡ଼ାରୁ ୪ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜିଲ୍ଲାରୁ ୧୭ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରୁ ୧, ଖୋର୍ଦ୍ଧାରୁ ୩୨ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ତଥା ମାଲକାନଗିରି ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୁରଭଂଜ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁର ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ ନୂଆପଡା ଜିଲ୍ଲାରୁ ୩୩ ଓ ପୁରୀରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ରାୟଗଡା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୧ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଷ୍ଟେଟ୍‌ପୁଲ୍‌ରୁ ୭ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି ।

## ପିପିଲି ଉପନିର୍ବାଚନ : ରୁଦ୍ର ....

ଅପରପକ୍ଷରେ ଗତକାଲି ଏହି ଆସନ ପାଇଁ ବିଜେପି ଆଶ୍ରିତ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିବା ପରେ ସେ ଆଜି ନାମାଙ୍କନ ମଧ୍ୟ ଦାଖଲ କରିସାରିଛନ୍ତି । ତେବେ ପ୍ରମୁଖ ଦଳ ଭାବେ କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ । ଉଲ୍ଲେଖ୍ୟଯୋଗ୍ୟ ଯେ ଗତବର୍ଷ ଅକ୍ଟୋବର ୪ ତାରିଖରେ ପ୍ରଦୀପ ମହାରଥୀଙ୍କ ପରଲୋକ ପରଠାରୁ ପିପିଲି ବିଧାନସଭା ଆସନଟି ଖାଲିପଡ଼ିଛି । ବିଜେଡିରୁ ପ୍ରାର୍ଥୀତ୍ୱ ନେଇ ସ୍ୱର୍ଗତ ମହାରଥୀଙ୍କ ପତ୍ନୀ ପ୍ରତିଭା ମହାରଥୀ ଓ ପୁଅ ରୁଦ୍ର ଙ୍କ ନାମ ଚର୍ଚ୍ଚା ହେଉଥିଲା । ଟିକେଟ୍ ପାଇବା ନେଇ ତାଙ୍କ ପରିବାରରେ ମତାନ୍ତର ମଧ୍ୟ ହୋଇଥିବା ଖବର ଆସିଥିଲା । ଆସନ୍ତା ଏପ୍ରିଲ ୧୭ ତାରିଖରେ ପିପିଲି ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ ।

## ପଶ୍ଚିମବଙ୍ଗ ନନ୍ଦିଗ୍ରାମରେ କେନ୍ଦ୍ରମନ୍ତ୍ରୀଙ୍କ ....

ବିଜେପିର ବିଜୟ ନିଶ୍ଚୟ ହେବ । ମମତା ଦିଦିଙ୍କ ଗୁଣ୍ଡାଗର୍ଦ୍ଦିର ଜବାବ ନନ୍ଦିଗ୍ରାମର ସାଧାରଣ ଜନତାମାନେ ଦେବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ନନ୍ଦିଗ୍ରାମରେ ବିଜେପି ଲୋକଙ୍କ ଅଧିକାର ପାଇଁ ନିର୍ବାଚନ ଲଢୁଛି । ଲୋକଙ୍କ ସେବା ଓ ବିକାଶ କାମ କରିବା ପାଇଁ ସରକାର ଗଠନ ହୋଇଥାଏ । ମାତ୍ର ପଶ୍ଚିମବଙ୍ଗରେ ମମତା ଦିଦିଙ୍କ ଶାସନରେ ରାଜ୍ୟରେ ଦୁର୍ନୀତି, ଲୁଟ, କଟମନୀ ଓ ଅତ୍ୟାଚାର ବୃଦ୍ଧି ପାଇଛି । ଗୋଟିଏ ପଟେ ସାରା ଭାରତବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ବିକାଶ ତଥା ରୋଜଗାର ପାଇଁ ଉଦ୍ୟୋଗ, କୃଷକ ସମ୍ମାନ ନିଧିରେ ଚାଷୀଙ୍କୁ ଆର୍ଥିକ ସହାୟତା, ଆୟୁଷ୍ମାନ ଭାରତ ଯୋଜନାରେ ଗରିବ ପରିବାରଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉତମ ଚିକିତ୍ସା ଯୋଗାଇବା ପାଇଁ ପ୍ରତିଶ୍ରୁତିବଦ୍ଧ । ମାତ୍ର ମମତା ଦିଦିଙ୍କ ଶାସନରେ ଏହି ସବୁ ସୁବିଧାରୁ ପଶ୍ଚିମବଙ୍ଗବାସୀ ବଂଚିତ ଅଛନ୍ତି । ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ପ୍ରଧାନମନ୍ତ୍ରୀ ମୋଦି ଚାଷୀ, ଶ୍ରମିକ ବିଶେଷ ଭାବରେ ଗରିବ ଲୋକଙ୍କ କଲ୍ୟାଣ ପାଇଁ କାମ କରୁଥିବା ବେଳେ ପଶ୍ଚିମବଙ୍ଗରେ ଦୀର୍ଘ ୧୦ ବର୍ଷ ଶାସନରେ ଲୋକମାନେ ଅବହେଳିତ ହୋଇଛନ୍ତି । ଏହି ସବୁର ହିସାର ପଶ୍ଚିମବଙ୍ଗର ଜନତା ଚଳିତ ସାଧାରଣ ନିର୍ବାଚନରେ ଦେବେ । ପଶ୍ଚିମବଙ୍ଗରେ ଜନତା ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନନ୍ଦିଗ୍ରାମର ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ନିର୍ବାଚନ ଏଜେଂଟଙ୍କ ସହ ନନ୍ଦିଗ୍ରାମର ବିଡ଼ିଓଙ୍କୁ ଏକ ଅଭିଯୋଗ ପତ୍ର ଦେଇଥିଲେ । ପୋଲିସ ଟିଏମସି କାର୍ଯ୍ୟକର୍ତାଙ୍କ ସହ ମିଶି ବ୍ୟାପକ ଅବହେଳା କରିବା ଉପରେ ସେ ଅଭିଯୋଗ କରିବା ସହ ନନ୍ଦିଗ୍ରାମରେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ କରିବା ପାଇଁ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ ।

## କଂଗ୍ରେସ ବିଧାୟକଙ୍କ ....

ଗୃହର କାର୍ଯ୍ୟକ୍ରମକୁ ଚାଲୁ ରଖିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଆଇନ୍ ପ୍ରଣୟନ ଲାଗି ଓଡିଶା ଲୋକାୟୁକ୍ତ (ସଂଶୋଧନ) ବିଲ୍ - ୨୦୨୧ ଆଗତ କରିଥିଲେ । ବିଲ୍ ଉପରେ ଆଲୋଚନା ପାଇଁ ଦିନ ଓ ସମୟ ଧାର୍ଯ୍ୟ ଲାଗି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ମୋସନ୍ ଆଣିଥିଲେ ଏବଂ ଏହି ପ୍ରସ୍ତାବ ବାଚନିକ ଭୋଟ୍ ରେ ଗୃହିତ ହୋଇଥିଲା । ହଟ୍ଟଗୋଳକୁ ଏଡାଇବାକୁ ବାଚସ୍ପତି ୪ଟା ୨ ମିନିଟ୍ ରୁ ୫ ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଅଭିଯୋଗ କରିଥିଲେ ଯେ ଗୃହକୁ ବନ୍ଦ କରିବାପାଇଁ ଫିକ୍ସିଂ ହୋଇଛି । ଶାସକ ଦଳର ଇସାରାରେ କଂଗ୍ରେସ ବିଧାୟକମାନେ ଗୃହକୁ ଅଚଳ କରୁଛନ୍ତି । ଅପରପକ୍ଷରେ ଅପରାହ୍ନ ୫ଟାରେ ଗୃହର କାର୍ଯ୍ୟ ଆରମ୍ଭ ହେବା କ୍ଷଣି ପୁଣି କଂଗ୍ରେସ ସଭ୍ୟମାନେ ପାଟିତୁଣ୍ଡ ଆରମ୍ଭ କରିଥିଲେ । ଫଳରେ ଉପବାଚସ୍ପତି ୫ଟାରୁ ୫ ଟା ୩୦ , ୩୦ ମିନିଟ୍ ଯାଏଁ ଗୃହକୁ ମୁଲତବୀ ରଖିଥିଲେ । ୫ ଟା ୩୦ରେ ଗୃହ ଆରମ୍ଭ ହେବା ପରେ କଂଗ୍ରେସ ସଦସ୍ୟ ନିଜ ନିଜ ଆସନ ଛାଡି ଗୃହ ମଧ୍ୟ ଭାଗକୁ ଆସି ହଟ୍ଟଗୋଳ ଜାରି ରଖିଥିଲେ । ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଘୋଷଣା କରି କହିଥିଲେ ଯେ ଆଜି ହେବାକୁ ଥିବା ସ୍ୱରାଷ୍ଟ୍ର ଏବଂ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆସନ୍ତା ୩୦ ତାରିଖ ଦିନ ଗିଲୋଟିନ୍ ରେ ଗୃହିତ ହେବ । ଏହାପରେ ଗୃହ ଆସନ୍ତାକାଲି ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରହିଲା ବୋଲି ବାଚସ୍ପତି ଘୋଷଣା କରିଥିଲେ ।

## ବ୍ରହ୍ମପୁର ଷ୍ଟେସନରେ ଓହ୍ଲାଇଲେ ....

ସେପଟେ ଗୁଜୁରାଟର କିଛି ଅଂଚଳରେ ନାଇଟ କର୍ଫ୍ୟୁ ଜାରି ହୋଇଥିବାରୁ ପ୍ରବାସୀ ଫେରିବା ଘଟଣା ସଂକ୍ରମଣର ଭୟ ବଢାଇଛି । ଗଞ୍ଜାମ ଜିଲ୍ଲାରେ ଦଣ୍ଡଯାତ୍ରା, ତାରାତାରିଣୀଙ୍କ ଚୈତ୍ର ଯାତ୍ରା ଚାଲୁଥିବାରୁ ମାନସିକ ରଖିଥିବା ଲୋକେ ଘରକୁ ଫେରୁଛନ୍ତି । ରେଳ ଷ୍ଟେସନରୁ ବାହାରୁଥିବା ପ୍ରବାସୀଙ୍କ ସ୍କ୍ରିନିଂ କରାଯିବା ସହ ଥଣ୍ଡା, କାଶ ଭଳି ଲକ୍ଷଣ ଥିଲେ ଆଂଟିଜେନ ଟେଷ୍ଟ କରାଯାଉଛି । ଜିଲ୍ଲା ପ୍ରଶାସନ ପୂର୍ବରୁ ଘୋଷଣା କରିସାରିଛି, ମହାରାଷ୍ଟ୍ର ଓ ଗୁଜୁରାଟରୁ ଆସିଲେ ୭ ଦିନ ସଙ୍ଗରୋଧରେ ରହିବାକୁ ପଡିବ । ଆଉ ଦଣ୍ଡ ଯାତ୍ରାରେ ମଧ୍ୟ ବାହାରୁ ଆସିଥିବା ଲୋକ ସାମିଲ ହୋଇପାରିବେ ନାହିଁ । ସେପଟେ ସୁରଟରେ ସଂକ୍ରମଣ ବଢୁଥିବା ବେଳେ କରୋନା ଟିକା କରଣ ଆରମ୍ଭ ହୋଇଛି । ସୁରଟର ୨୩ଟି ଟିକା ଦାନ କେନ୍ଦ୍ରରେ ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସଂକ୍ରମଣକୁ ଦୃଷ୍ଟିରେ ରଖି ଟେଷ୍ଟିଙ୍ଗ, ଟ୍ରେସିଂ ଓ ଟ୍ରିଟମେଂଟ ଉପରେ ଗୁରୁତ୍ୱ ଦିଆଯାଉଛି ।

## କୋଟିଏ ଲୋକଙ୍କୁ ଦିଆଯିବ....

ରାଜ୍ୟରେ ମୋଟ୍ ୮୮୨ ଟି କେନ୍ଦ୍ରରେ ଟିକାକରଣ କରାଯାଉଛି । ଆଗକୁ ହଜାରେ କେନ୍ଦ୍ର କରାଯିବ । ଏହାସହିତ ଦୈନିକ ଦେଢଲକ୍ଷ ଟିକାକରଣ ଲକ୍ଷ୍ୟ ରଖାଯାଇଛି । ଏ ପର୍ଯ୍ୟନ୍ତ ରାଜ୍ୟର ୨୦ ଲକ୍ଷ ୯୫ ହଜାର ଲୋକଙ୍କୁ ଟିକାକରଣ କରିସାରିଲୁଣି । କେବଳ ସରକାରୀ ଛୁଟି ଦିନ ବ୍ୟତୀତ ଅନ୍ୟ ସବୁଦିନ ଟିକାକରଣ ଚାଲିଛି । ଆମ ପାଖରେ ଭ୍ୟାକ୍ସିନର ଅଭାବ ଥିଲା କିନ୍ତୁ ଆଜି ସନ୍ଧ୍ୟା ସୁଦ୍ଧା ଆମେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ଲକ୍ଷ କୋଭାସିଲ୍‌ଡ଼ ଟିକା ପାଇବୁ ଏବଂ କୋଭାକ୍ସିନ ଟିକା ଆମ ପାଖରେ ପର୍ଯ୍ୟାପ୍ତ ପରିମାଣରେ ରହିଛି । ଏପ୍ରିଲ ପ୍ରଥମ ସପ୍ତାହରୁ ଭ୍ୟାକ୍ସନ ସେଂଟରର ସଂଖ୍ୟା ବଢିବ । ଏହାସହ ପ୍ରତ୍ୟେକ ଦିନ ଦେଢଲକ୍ଷ ଲୋକଙ୍କୁ ଟିକାକରଣ କରାଯିବାର ଲକ୍ଷ୍ୟ ରହିଥିବା ଶ୍ରୀ ପାଣିଗ୍ରାହୀ କହିଛନ୍ତି ।

ବାଲେଶ୍ୱର, ଶନିବାର, ୨୭ ମାର୍ଚ୍ଚ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮


## ନିମ୍ନମାନର ସ୍କୁଲଘର ନିର୍ମାଣ : ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ

ଜଳେଶ୍ୱର, ୨୬/୩ (ନିପ୍ର) : ଜଳେଶ୍ୱର ବ୍ଲକ କାର୍ଯ୍ୟରେ ବ୍ୟାପକ ଦୁର୍ନିତୀ ହୋଇ ଆସୁଥିବା ବେଳେ ଏବେ ଏକ ସ୍କୁଲଘର ନିର୍ମାଣରେ ବ୍ୟାପକ ଦୁର୍ନିତୀ ହୋଇଛି । ଏ ସଂପର୍କରେ ଗ୍ରାମବାସୀ ବିଡିଓଙ୍କୁ ଜଣାଇ ନ୍ୟାୟ ନ ପାଇବାରୁ ଜିଲାପାଳ, ବିଧାୟକ, ୫ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜଳେଶ୍ୱର ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିୟତା ଓ ଦୁର୍ନୀତି ହୋଇ ଆସୁଥିବାର ଅଭିଯୋଗ ହୋଇ ଆସୁଥିଲା । କିନ୍ତୁ ୨୦୧୯-୨୦ରେ ଝଡାପିମ୍ପଳ ଗାଁର ଶଂକର ଘୋଷଙ୍କ ନାମରେ ଏକ ଆବାସ ଯୋଜନା ମଂଜୁର କରାଇ ସମସ୍ତ ଅର୍ଥ ବ୍ୟାଙ୍କ ଜରିଆରେ ହରିଲୋଟ କରାଯାଇଥିଲା । ଏଥିନେଇ ବିଡିଓ ନିଦାବିଷ୍ଣୁ ସାଜିଥିବା ବେଳେ ହିତାଧିକାରୀ ଶଂକର ଘୋଷ ସସ୍ତ୍ରୀକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଆଶ୍ଚର୍ଯ୍ୟର ବିଷୟ ଏଥିରେ ମଧ୍ୟ ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହୋଇ ବ୍ଲକ ମିସ୍‌ଲେନିଆସ୍ ଜମାଖାତାରେ ୯୦ ହଜାର ଟଙ୍କା ଜମି କରି ବିଡିଓ ଓ ଅଭିଯୁକ୍ତମାନେ ଖସିଯାଇଥିଲେ । ଏବେ ଅନ୍ୟଏକ ଅଭିଯୋଗ ପଶ୍ଚିମବାର୍ଡ ପଂଚାୟତର ଦେବକୁମାର ଗ୍ରାମର ଗୌରାଦେଇ ପାଟଣା ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ଦେଖିବାକୁ ମିଳିଛି । ଏହି ଘର ଲାଗି ୫ ଲକ୍ଷ୩୦ ହଜାର ଟଙ୍କା ବ୍ୟୟବରାଦର ଆକଳନ ହୋଇଥିବା ବେଳେ ମାତ୍ର ୨୭୨ ବର୍ଗଫୁଟ ଏକ ଛୋଟ ଟ ନିମ୍ନମାନର ଘରଟିଏ ହୋଇଥିବାର ଦେଖିବାକୁ ମିଳିଛି । ୨୦୧୮-୧୯ରେ ଏହି ଘରର ନିଅଁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୨୦୨୦ ନଭେମ୍ବର ମାସରେ ଏହାର ଛାତ ପଡି କାର୍ଯ୍ୟ ବନ୍ଦ ରହିଛି । ଏହା ବିଦ୍ୟାଳୟର ଏକ ଶ୍ରେଣୀ ଗୃହ ହୋଇଥିବା ବେଳେ ଏହାର ବାରଣ୍ଡା ନଥିବାରୁ ଛାତ୍ରଛାତ୍ରୀମାନେ ବ୍ୟବହାର କରିବା ଅସମ୍ଭବ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଡିଓଙ୍କୁ ବାରମ୍ୱାର ଜଣାଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଗୋଷ୍ଠୀ ଶିକ୍ଷାଅଧିକାରୀ, ଜଳେଶ୍ୱର ବିଧାୟକ, ଜିଲାପାଳ, ୫ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ନ୍ୟାୟ ଚାହିଁଛନ୍ତି ।

## ୧୯୯୯ ମହାବାତ୍ୟା ପରେ ଓଡିଶା ୮ ଗୋଟି ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଛି

ଭୁବନେଶ୍ୱର,୨୬/୦୩ (ନି.ପ୍ର): ୧୯୯୯ ମହାବାତ୍ୟା ପରେ ରାଜ୍ୟ ୮ ଗୋଟି ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ୨୦୧୩ ମସିହାରେ ଫାଇଲିନ, ୨୦୧୪ରେ ହୁଡହୁଡ, ୨୦୧୮ରେ ତିତିଲି, ପେଥାଇ ଓ ଡାଏ, ୨୦୧୯ର ବାତ୍ୟା ଫନି ଓ ବୁଲବୁଲ ଓ ୨୦୨୦ରେ ଅମ୍ଫାନ ଦ୍ୱାରା ପ୍ରଭାବିତ ହୋଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତରରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ୧୯୯୯ ମହାବାତ୍ୟା ପରେ ଏହି ବାତ୍ୟା ଗୁଡିକରେ ମୋଟ ୧୬୦ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ୩୧୯୪୫.୮୦ କୋଟି ଟଙ୍କାର ଧନ ଜୀବନ କ୍ଷତି ହୋଇଥିବାର ଆକଳନ କରା ଯାଇଛି । ଏହି ବାତ୍ୟା ଗୁଡିକର ରିଲିଫ ଓ ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କୁ ମୋଟ ୨୯୪୮୦.୩୭ କୋଟି ଟଙ୍କାର ସହାୟତା ପ୍ରଦାନ ପାଇଁ ଅନୁରୋଧ କରା ଯାଇଥିବା ବେଳେ କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ସହୟତା ପାଂôରୁ ୫୨୮୫.୬୫ କୋଟି ଟଙ୍କାର ସହାୟତା ପ୍ରଦାନ କରିଛନ୍ତି ।

# ବାଲେଶ୍ୱରରେ ଶାନ୍ତିଶୃଙ୍ଖଳାରେ ୧୨ ଘଣ୍ଟିଆ ବନ୍ଦ ପାଳିତ

ବାଲେଶ୍ୱର,୨୬/୦୩ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷିଆଇନ ପ୍ରତ୍ୟାହାର ଦାବି ଆନ୍ଦୋଳନ ସମର୍ଥନରେ ସଂଯୁକ୍ତ କଷାନ ମୋର୍ଚ୍ଚା ଆହ୍ୱାନ କ୍ରମେ ଶୁକ୍ରବାର ସମଗ୍ର ଦେଶରେ ୧୨ ଘଣ୍ଟିଆ ବନ୍ଦ ପାଳନ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି। ବାଲେଶ୍ୱରରେ ପ୍ରାୟ ୧୦ଟି କୃଷକ ସଂଗଠନ ସହ କଂଗ୍ରେସ ସମେତ ସମସ୍ତ ବାମପନ୍ଥୀ ଦଳଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳାର ସହିତ ବନ୍ଦ ପାଳନ କରାଯାଇଥିଲା। ସକାଳେ ଆନ୍ଦୋଳନକାରୀମାନେ କୋଲକାତା ଯାଉଥିବା ବାଘାଯତୀନ ଏକ୍ସପ୍ରେସ ଟ୍ରେନକୁ ଦୀର୍ଘ ସମୟ ଧରି ବାଲେଶ୍ୱର ଷ୍ଟେସନରେ ଅଟକାଇ ରଖିଥିଲେ। ସେହିପରି ଜିଲାର ଅନ୍ୟାନ୍ୟ ଷ୍ଟେସନରେ ମଧ୍ୟ ବିକ୍ଷୋଭକାରୀମାନେ ଏକାଧିକ ଟ୍ରେନ ଅଟକାଇଥିଲେ। ସେହିଭଳି ବସ, ଟ୍ରେକର ପ୍ରଭୃତି ଚଳାଚଳ ବନ୍ଦ




ରହିବା ଯୋଗୁଁ ସାଧାରଣ ଲୋକଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ଆନ୍ଦୋଳନକାରୀମାନେ ଏକାଧିକ ଟିମରେ ବିଭକ୍ତ ହୋଇ ବାଲେଶ୍ୱର ସହରର ବିଭିନ୍ନ ଅଞ୍ଚଳରେ ବୁଲି ବୁଲି ଦୋକାନ ବଜାର ବନ୍ଦ କରିଥିଲେ। କୃଷକ ନେତା ଅରୁଣ ଜେନା, ସିପିଆଇଏମ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ଗୌରାଙ୍ଗ ପାଣିଗ୍ରାହୀ, ଯତୀନ ପାତ୍ର, ଭାଗବତ ପ୍ରତିହାରୀ, ନିକୁଞ୍ଜ ବସନ୍ତ ରାୟ, ଶ୍ୟାମସୁନ୍ଦର ଜେନା, ଈଷାଣୀ ଷଡଙ୍ଗୀ, କଳ୍ପନା ବିଶ୍ୱାସ, ମୃତ୍ୟୁଞ୍ଜୟ ରାଉତ, ଜିଲା କଂଗ୍ରେସ ସଭାପତି ସଞ୍ଜିବ ଗିରି, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଗୋପୀନାଥ ପାଢ଼ୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ସର୍ବେଶ୍ୱର ମିଶ୍ର, ଦେବଦତ୍ତ ଦାସ, ବିକାଶ ଦାସ, ଜ୍ୟୋସ୍ନା ସେନାପତି, ଜୀବନ ମହାପାତ୍ର ପ୍ରମୁଖ ନେତାଙ୍କ ନେତୃତ୍ୱରେ ଭାରତ ବନ୍ଦକୁ ବାଲେଶ୍ୱରରେ ସଫଳ କରିବାକୁ ଉଦ୍ୟମ ଜାରି ରଖାଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ପ୍ରତିବାଦ ଜଣାଇବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଆନ୍ଦୋଳନକାରୀ ଦାବି କରିଥିଲେ।କୃଷି ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପ୍ରଦାନ ପାଇଁ ଆଇନ ପ୍ରଣୟନ, ଦିଲୀରେ ଗିରଫ ହୋଇଥିବା ଆନ୍ଦୋଳନକାରୀ କୃଷକଙ୍କୁ ମିଥ୍ୟା ମୋକଦ୍ଦମାରୁ ମୁକ୍ତ କରିବା ଓ ପ୍ରସ୍ତାବିତ ବିଦ୍ୟୁତ ଶୁଳ୍କ ବୃଦ୍ଧି ନୀତିକୁ ବାତିଲ ପାଇଁ ନେତାମାନେ ଦାବି କରିଥିଲେ। ନରେନ୍ଦ୍ର ମୋଦି ସରକାରଙ୍କ ଜନବିରୋଧୀ ଓ କର୍ପୋରେଟ ତୋଷଣ ନୀତିକୁ ଦୃଢ଼ ସମାଲୋଚନା କରି ଦେଶର ଅନ୍ନଦାତାମାନଙ୍କ ଦାବି ଓ ଆନ୍ଦୋଳନକୁ ସମସ୍ତ ବର୍ଗର ଜନଗଣ ସମର୍ଥନ ଜଣାଇବାକୁ ନେତାମାନେ ନିବେଦନ କରିଥିଲେ।

## ବାଘୁଆ ମହୁ ସଂଗ୍ରହ ପାଇଁ ଶିମିଳିପାଳରେ ଲୋକେ ଲଗାଉଛନ୍ତି ନିଆଁ



ଉଦଳା ୨୬/୦୩(ନି.ପ୍ର)- ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ଏକ ପ୍ରକାର ମହୁ ଦେଖିବାକୁ ମିଳେ, ଯାହାକୁ ସ୍ଥାନୀୟ ଭାଷାରେ ବାଘୁଆ ମହୁ ବୋଲି କୁହାଯାଇଥାଏ । ଏହି ମହୁ ଆୟୁର୍ବେଦ ଔଷଧ ପାଇଁ ଆବଶ୍ୟକତା ପଡ଼ିଥାଏ, ତେବେ ଜଙ୍ଗଲରୁ ଏହି ମହୁ ସଂଗ୍ରହ କରିବା ପାଇଁ ଲୋକେ ଜଙ୍ଗଲରେ ନିଆଁ ଲଗାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ସେହିପରି ଶିମିଳିପାଳର ପାଦଦେଶରେ ଥିବା ମହୁଲ ଗଛ ମୂଳେ ମହୁଲ ଫୁଲ ସଂଗ୍ରହ ପାଇଁ ଲୋକେ ଜଙ୍ଗଲରେ ନିଆଁ ଲଗାଇଥାନ୍ତି ।

## ଓସିଏ 'ଭିଜନ-୨୦୨୪' ଆନ୍ତଃ ଜିଲ୍ଲା କ୍ଲବ ସିନିୟର ଲିଗ୍ ଟୁର୍ଣ୍ଣାମେଣ୍ଟ

# ବଙ୍କସାହି ଯୁବକ ସଂଘ ଓ ବିଜୟଭାନୁ ଗ୍ରୀନ ବିଜୟୀ

ଭଦ୍ରକ,୨୬/୦୩ (ନି.ପ୍ର): ଚରମ୍ପା ରେଲୱେ ଗ୍ରାଉଣ୍ଡ ଓ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆ ଦୁଇଟି ସ୍ଥାନରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଜିଲ୍ଲା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ହୋଇ ଚାଲୁଥିବା ଆନ୍ତଃ ଜିଲ୍ଲା ସିନିୟର କ୍ଲବ ଲିଗ ଟୁର୍ଣ୍ଣାମେଣ୍ଟରେ ଆଜି ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗୋଟିଏ ମ୍ୟାଚରେ ବଙ୍କସାହି ଯୁବକ ସଂଘ ବିଜୟୀ ହୋଇଥିବା ବେଳେ ଅନ୍ୟ ଏକ ମ୍ୟାଚରେ ବିଜୟଭାନୁ ଗ୍ରୀନ ବିଜୟୀ ହୋଇଛି। ଭଦ୍ରକ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚଟି ବଙ୍କସାହି ଯୁବକ ସଂଘ ଓ ଗାନ୍ଧୀ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ବଙ୍କସାହି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୭ ଓଭରରେ ୧୮୨ ରନ କରି ଅଲ୍ ଆଉଟ ହୋଇଥିଲେ। ଦଳ ପକ୍ଷରୁ ଦୁର୍ଗା ଚରଣ ଟୁଡୁ ୩୪, ଦେବାଶିଷ ଦାସ ୩୨, ସଚିନ କିଶାନ ଜେନା ୨୮ ରନ କରିଥିଲେ। ଗାନ୍ଧୀ କ୍ଲବ ପକ୍ଷରୁ ନିର୍ଣ୍ଣେକ ଘୋଷ ୪, ଆଦିତ୍ୟ କୁମାର ସାହୁ ୩ ଓ ଅନନ୍ତ ନାୟକ ଗୋଟିଏ ଉଇକେଟ ନେଇଥିଲେ। ପରେ ବ୍ୟାଟିଂ କରି ଗାନ୍ଧୀ କ୍ଲବ ୨୩.୪ ଓଭରରେ ୧୩୪ ରନ କରି ଅଲ୍ ଆଉଟ ହେବା ସହ ମ୍ୟାଚ ହାରିଥିଲା। ତେବେ ଦଳ ପକ୍ଷରୁ ଗଣେଶ ସାହୁ ୩୯, ବିଷ୍ଣୁ ସାଗର ବାରିକ ୨୭ ଓ ଗଙ୍ଗାଧର ସାହୁ ୧୯ ରନ କରିଥିଲେ। ବଙ୍କସାହି ପକ୍ଷରୁ ମନିଶ ଦାସ ୫, ଅର୍ଣ୍ଣବ ଦାସ ୩ ଓ ଦୁର୍ଗା ଚରଣ ଟୁଡୁ ୨ଟି ଉଇକେଟ ନେଇଥିଲେ। ବଙ୍କସାହି ୭୮ ରନରେ ମ୍ୟାଚ ଜିତିଥିଲା। ଏହି ମ୍ୟାଚକୁ ସାର୍ଥକ ରଂଜନ ବିଶ୍ୱାଳ ଓ କାଳନ୍ଦୀ ଚରଣ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସେହିପରି ଅନ୍ୟ ଏକ ମ୍ୟାଚ ଚରମ୍ପା ରେଲୱେ ପଡ଼ିଆରେ ଖେଳା ଯାଇଥିଲା। ଏହି ମ୍ୟାଚ ଉତ୍କଳିକା କ୍ଲବ ଓ ବିଜୟଭାନୁ ଗ୍ରୀନ ମଧ୍ୟରେ ଖେଳା ଯାଇଥିଲା। ଉତ୍କଳିକା କ୍ଲବ ଟସ୍ ଜିତି ବ୍ୟାଟିଂ କରି ୪୧ ଓଭରରେ ୨୧୨ ରନ କରି ସବୁ ଖେଳାଳୀ ଆଉଟ ହୋଇ ଯାଇଥିଲେ। ଉତ୍କଳିକା ଦଳର ରଶ୍ମି ରଂଜନ ମହାକୁଡ ସିନିୟର ୭୧, ଦେବାଶିଷ ଗିରି ୨୬ ଓ ରଂଶ୍ମିରଂଜନ ମହାକୁଡ ଜୁନିଅର ୩୪ ରନ କରିଥିଲେ। ବିଜୟଭାନୁ ଗ୍ରୀନ ପକ୍ଷରୁ ଗୌରବ କୁମାର ବାରିକ ୫, ଚିରଞ୍ଜିବ ବେହେରା ୨ ଓ ସୌମ୍ୟ ରଂଜନ ବାରିକ ଗୋଟିଏ ଉଇକେଟ ନେଇଥିଲେ। ପରେ ବ୍ୟାଟିଂ କରି ବିଜୟଭାନୁ ଗ୍ରୀନ ୩୨.୩ ଓଭରରେ ୭ ଉଇକେଟ ହରାଇ ୨୩୧ରନ କରି ବିଜୟୀ ହୋଇଥିଲା।

## ଭାରତ ବନ୍ଦ ଓଡ଼ିଶାରେ ସଫଳ

ଭୁବନେଶ୍ୱର,୨୬/୦୩(ନି.ପ୍ର): କେନ୍ଦ୍ର ବିଜେପି ସରକାରଙ୍କ କୃଷି ଓ କୃଷକ ବିରୋଧୀ ୩ଟି କଳା କୃଷି ଆଇନକୁ ବାତିଲ କରିବା ଦାବିରେ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଦିଆଯାଇଥିବା 'ଭାରତ ବନ୍ଦ' ଡାକରା ଓଡ଼ିଶାରେ ସମ୍ପୂର୍ଣ୍ଣ ସଫଳ ହୋଇଛି। ଏହି ଉପଲକ୍ଷେ ଆଜି ସକାଳେ ରାଜଧାନୀ ଭୁବନେଶ୍ୱରର ମାଷ୍ଟରକ୍ୟାଂଟିନ ଛକରେ ରାସ୍ତା ରୋକୋ ଓ ପିକେଟିଂ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂହଦେଓ, ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ, ଉତ୍କଳ ମହିଳା ସମିତିର ଉପଦେଷ୍ଟା ବନଲତା ଜେନା, ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ ଓ ସମ୍ପାଦିକା ପ୍ରଭାବତୀ ଦାସ ଏବଂ ଏଆଇଏସଏଫ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ। ପୂର୍ବାହ୍ନ ୧୦ ଘଂଟା ସମୟରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା, ବିକେଏମ୍‌ୟୁର ରାଜ୍ୟ ସମ୍ପାଦକ ସୁର ଜେନା ଓ ବସନ୍ତ ପାଇକରାୟ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସେଠାରେ ପହଂଚି ବିକ୍ଷୋଭ ଓ ପିକେଟିଂର ନେତୃତ୍ୱ ନେଇଥିଲେ।

## ଓଡ଼ିଶାରୁ ଗାନ୍ଧୀ ସ୍ୱପ୍ନ ପୂରଣ ପାଇଁ ପ୍ରୟାସ ଆରମ୍ଭ ହେଉ : ସଂଜୟ ସିଂହ

ଭଦ୍ରକ,୨୬/୦୩(ନି.ପ୍ର): ଶହେ ବର୍ଷ ତଳେ ଓଡ଼ିଶାକୁ ଆସିଥିବା ମୋହନ ଦାସ ଏଠାକାର ପରିସ୍ଥିତି ଓ ପରିବେଶକୁ ଦେଖି ନିଜକୁ ବଦଳାଇ ଦେଲେ ଅଧା ଲଙ୍ଗଳା ଫକୀର ବେଶରେ। ସବୁଠାରୁ ତଳ ମଣିଷ ସହ ପୋଷାକ, ଜୀବନ ଚଳଣିରେ ଏକାକାର ହାଇ ପାରିଥିବା କାରଣରୁ ଆଜି ଦୁନିଆ ତାଙ୍କୁ ମହାତ୍ମା ରୂପରେ ଜାଣୁଛି। ଚଣ୍ଡାଶୋକକୁ ଧର୍ମାଶୋକରେ ପରିଣତ କରିଥିବା ଓଡ଼ିଶା ଯେ ମୋହନଙ୍କୁ ମହାତ୍ମାରେ ପରିଣତ କରିଛି ତାହା ସାରା ଦୁନିଆ ଜାଣେ। ଆଜି ଭାରତରେ ଗାନ୍ଧୀ ବିରୁଦ୍ଧରେ ଏକ ବାତାବରଣ ନିର୍ମାଣ ଚାଲିଛି। ମଧ୍ୟପ୍ରଦେଶରେ ଗାନ୍ଧୀ ଫଟୋକୁ ଗୁଳି ମରାଯାଉଥିବା ବେଳେ ଶହେ ବର୍ଷ ତଳେ ଏଠାକୁ ଆସିଥିବା ସେହି ମହାତ୍ମାଙ୍କ ସ୍ମୃତିରେ ଓଡ଼ିଶା ରାଜ୍ୟ ଉତ୍ସବ ମୁଖର ହୋଇ ଉଠିଛି। ଓଡ଼ିଶାବାସୀଙ୍କୁ ମୁଁ ଆହ୍ୱାନ କରୁଛି ଗାନ୍ଧୀଙ୍କ ସ୍ୱପ୍ନର ଭାରତ ନିର୍ମାଣ ପାଇଁ ସେମାନେ ନେତୃତ୍ୱ ନିଅନ୍ତୁ ବୋଲି ନୂଆଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ସଞ୍ଜୟ ସିଂହ ମତ ପ୍ରକାଶ କରିଛନ୍ତି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ରାଜ୍ୟ ସ୍ୱାଦୀନତା ସଂଗ୍ରାମୀ ସମିତି ଆନୁକୂଲ୍ୟରେ ମହାତ୍ମାଙ୍କ ଭଦ୍ରକ ଆଗମନର ସ୍ମୃତିରେ ଭଦ୍ରକ ଜିଲ୍ଲା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏକ ସଭାରେ ଶ୍ରୀ ସିଂହ ଏହା କହିଛନ୍ତି। ଏହି ସଭାରେ ପ୍ରତିଷ୍ଠାନ ସମ୍ପାଦକ ତୁଷାରକାନ୍ତି ମହାନ୍ତି ସଂଯୋଜନା କରିଥିଲେ।

## ମଂଚାବନ୍ଧା ପଟାସ ଜଙ୍ଗଲରେ ଲାଗିଲା ନିଆଁ



ବାରିପଦା,୨୬/୦୩ (ନି.ପ୍ର): ବାରିପଦା ବନଖଣ୍ଡ ଅଧିନ ମଂଚାବନ୍ଧା ଠାରେ ଭେଟନାରୀ ଫାର୍ମ ନିକଟରେ ଥିବା ପଟାସ ବଣରେ ଆଜି ଦ୍ୱିପ୍ରହର ସମୟରେ ହଠାତ ନିଆଁ ଲାଗିଯିବାରୁ ନିକଟରେ ରହିଥିବା ଭେଟନାରୀ ଫାର୍ମ ଭିତରକୁ ମଧ୍ୟ ନିଆଁ ବ୍ୟାପି ଯାଇଥିବାର ଦେଖା ଯାଇଥିଲା । ତେବେ ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଖବର ଦେବାପରେ ଦମକଳ ବାହିନୀ ପହଂଚି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରି ପ୍ରଥମେ ଭେଟନାରୀ ଫାର୍ମ ଭିତର ନିଆଁକୁ ଆୟତ୍ତ କରିଦେଇଥିଲା । ତେବେ ପଟାସ ଜଙ୍ଗଲ ଓ ନିକଟସ୍ଥ ଆମ୍ବ ବାଗାନ ଏବଂ ବାଉଁଶ ବଣରେ ଲାଗିଥିବା ନିଆଁ ବ୍ୟାପକ ରୂପ ନେଇ ଥିବାରୁ ନିଆଁ ଲିଭିବାର ନାମ ଧରୁ ନଥିଲା । ଦମକଳ ବାହିନୀ ନିଆଁ ଲିଭାଇବା କାର୍ଯ୍ୟରେ ଦୀର୍ଘ ସମୟ ଧରି ଲାଗିଥିଲେ ମଧ୍ୟ ନିଆଁ ସଂଧ୍ୟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆୟତ୍ତ ହୋଇ ନଥିବାର ଦେଖାଯାଇଥିଲା । ତେବେ ନିଆଁ ଲାଗିବାର କାରଣ ଜଣାପଡି ନଥିବା ବେଳେ ଜାତୀତ ରାଜପଥ ପାର୍ଶ୍ୱରେ ଏହି ଅଗ୍ନୀକାଣ୍ଡ ଘଟୁଥିବାରୁ ବହୁ ଲୋକ ରାସ୍ତାରେ ଜମା ହୋଇ ଯାଇଥିଲେ । କିଛି ଲୋକ ନିଆଁ ଲିଭାଇବା କାର୍ଯ୍ୟରେ ସହଯୋଗ ମଧ୍ୟ କରିଥିଲେ । ତେବେ ଆଗକୁ ଅଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବାକୁ ଥିବା ବେଳେ ଜଙ୍ଗଲ ନିଆଁ ଅଧିକ ଉଗ୍ର ରୂପ ନେବାର ଆଶଂକା ରହିଛି ବୋଲି ପରିବେଶ ବିତ ମାନେ କହିଛନ୍ତି ।

## ୨୪ ଘଂଟାରେ ୭୩ ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୨୬/୦୩ (ନି.ପ୍ର): ଗତ୨୪ଘଂଟା ମଧ୍ୟରେ ରାଜ୍ୟରୁ ୭୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହ ରାଜ୍ୟରେ ସୁସ୍ଥ ସଂଖ୍ୟା ୩୩୬୪୮୨କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ସୂଚନା ଦେଇଛନ୍ତି। ନୂଆପଡ଼ାରୁ ଆସନ୍ତା ୨୪ ଘଂଟା ମଧ୍ୟରେ ୧୫ଜଣ, ବରଗଡ଼ରୁ ୭ଜଣ, ଖୋର୍ଦ୍ଧାରୁ ୭ଜଣ, ସୁନ୍ଦରଗଡ଼ରୁ ୭ଜଣ, ବାଲେଶ୍ୱରରୁ ୬ଜଣ, କଟକରୁ ୫ଜଣ, ଯାଜପୁରରୁ ୫ଜଣ,ଢ଼େଙ୍କାନାଳରୁ ୩ଜଣ, ମୟୁରଭଞ୍ଜରୁ ୩ଜଣ, ନବରଙ୍ଗପୁରରୁ ୩ଜଣ, ଅନୁଗୁଳରୁ ୨ଜଣ, ଦେବଗଡ଼ରୁ ୨ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଜଗତସିଂହପୁରରୁ ୨ଜଣ, କେନ୍ଦ୍ରାପଡ଼ାରୁ ୨ଜଣ, ଝାରସୁଗୁଡ଼ାରୁ ଜଣେ, ରାୟଗଡ଼ାରୁ ଜଣେ ଓ ଷ୍ଟେଟପୁଲରୁ ୨ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ସୂଚନା ଦେଇଛି।

## ଖଇରାରେ ଭାରତ ବନ୍ଦ ଶାନ୍ତିପୂର୍ଣ୍ଣ



ଖଇରା,୨୬/୦୩ (ନି.ପ୍ର): ଖଇରା ବ୍ଲକ ସମ୍ମୁଖରେ ସର୍ବଭାରତୀୟ ସ୍ତରରେ ଆଜି ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଖଇରାରେ ବନ୍ଦ ଡାକରା ଦିଆଯାଇଥିଲା। ଏହି ୧୨ଘଣ୍ଟିଆ ଭାରତ ବନ୍ଦକୁ ଶତ ପ୍ରତି ଶତ ସଫଳ କରାଯାଇଛି। ସିପିଆଇଏମ୍‌ର ଜିଲ୍ଲା କମିଟି ମେମ୍ବର ଜଗତାନନ୍ଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ସନ୍ତୋଷ କୁମାର ସାହୁ,ବସନ୍ତ ମାଝି,ପ୍ରଶାନ୍ତ ବାରିକ,ଭଗବାନ ଦାଶ,ଉପେନ୍ଦ୍ର ଦାସ,ଉତ୍ତମ ଦାସ, ଯୁବ ନେତା ବଳରାମ ସାହୁ ସିପିଆଇର ସନ୍ତୋଷ ବିଶ୍ୱାଳ, ଜନ୍ମଜୟ ଶତପଥୀ,ଅଲେଖ ବିଶ୍ୱାଳ,କାଶିନାଥ ଜେନା,ମାନସ ମହାପାତ୍ର ଓ କଂଗ୍ରେସର ଶରତ ଦାସ ଓ ନିରଞ୍ଜନ ପରିଡା ପ୍ରମୁଖ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୁଦିଙ୍କ କୁଶପୁତ୍ତଳିକାରେ ଜୋତାମାଳ ପିନ୍ଧାଇ ରାସ୍ତା ମଝିରେ ସ୍ଲୋଗାନ ଦେଇ ନିଆଁ ଲଗାଇଥିଲେ।

# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

ବାରିପଦା,୨୬/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀଉଆଜି ବାରିପଦା ସହିଦସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମୟୂରଭଞ୍ଜ ଡା. ରୂପଭାନୁ ମିଶ୍ର, ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମ୍ମିଳନୀକୁ ଆନୁଷ୍ଠନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡା. ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ଗ୍ରାମାଂଚଳରେ ସ୍ୱାସ୍ଥ୍ୟ ସେବା ପରିଚଳାନା କ୍ଷେତ୍ରରେ ଆଶା ଓ ଗାଁ କଲ୍ୟାଣ ସମିତି, ଅଙ୍ଗନୱାଡି କର୍ମୀ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଉଲ୍ଲେଖ କରିବା ସହିତ ସୁସ୍ଥ ସମାଜ ଗଠନ ଦିଗରେ ନିଜର ଦାୟିତ୍ୱ ଓ



କର୍ତବ୍ୟ ସୂଚାରୁ ରୂପେ ସଂପାଦନ କରି ଆସୁଥିବାରୁ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ପରିବର୍ତନ ହୋଇଥିବା ପ୍ରକଶ କରିବା ସହିତ ଆଗାମୀ ଦିନରେ ସ୍ୱାସ୍ଥ୍ୟ ଓ ସଂପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇ ଥିଲେ । ଆୟୋଜିତ ଉକ୍ତ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଡିପିଏଚ୍‌ସିଓ ଡା.ଚାରୁବାଳା ରଥ, ଜିଲ୍ଲା ପରିବାର କଲ୍ୟାଣ ଅଧିକାରୀ ଡା. ସୁନନ୍ଦା ମିଶ୍ର, ରେଡିଓ ଲଜିଷ୍ଟ୍ ତଥା ଜିଲ୍ଲା କୋଭିଡ୍ ନୋଡାଲ୍ ଅଧିକାରୀ ଡା.ଜ୍ଞାନରଞ୍ଜନ ମହାନ୍ତି, ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡା. ବନମାଳୀ ପ୍ରଧାନ, ଡିପିଏମ୍(ଏନ୍‌ଏଚ୍‌ଏମ୍) ପି.ପି. ପତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଅନୁସୟା ସାହୁ, ଡିଆପିଆର୍‌ଓ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଶେଷ କରି ଗ୍ରାମାଂଚଳରେ ଆଶା, ଗାଁ କଲ୍ୟାଣୀ ସମିତି ଓ ସହରାଂଚଳରେ ମହିଳା ଆରୋଗ୍ୟ ସମିତିର ଭୂମିକା ତଥା ସର୍ବୋପରି ସ୍ୱାସ୍ଥ୍ୟ ସେବା ଗୋଷ୍ଠୀ ସହଭାଗିତା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ୨୬ଟି ବ୍ଲକରୁ ସୁସ୍ଥ ଗ୍ରାମ ଭାବେ ବିବେଚିତ ହୋଇଥିବା ୨୬ଟି ଗାଁ କଲ୍ୟାଣ ସମିତିକୁ ପୁରସ୍କାର ସ୍ୱରୂପ ମାନପତ୍ର ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ସେହି ପରି ୭ଟି ସୁସ୍ଥ ଗ୍ରାମ ପଂଚାୟତ ଯଥା ବିରେଶ୍ୱରପୁର ଗ୍ରା.ପ.(ବଡସାହି ବ୍ଲକ), ବୁଢ଼ୀଖମାରୀ ଗ୍ରା.ପ., (ବାରିପଦା ବ୍ଲକ), କେନ୍ଦୁଆ ଗ୍ରା.ପ. (ଶାମାଖୁଣ୍ଟା ବ୍ଲକ), ଡୁକୁରା ଗ୍ରା.ପ. (ଖୁଣ୍ଟାବ୍ଲକ), ବଡନରଣୀ ଗ୍ରା.ପ. (ତିରିଙ୍ଗ ବ୍ଲକ), ସୁଦର୍ଶନପୁର ଗ୍ରା.ପ. (ରାଇରଙ୍ଗପୁର ବ୍ଲକ), ଓ ଗାଲୁସାହି ଗ୍ରା.ପ. (ଶୁକୁରୁଳୀ ବ୍ଲକ) ଇତ୍ୟାଦି ଶ୍ରେଷ୍ଠ ଗ୍ରା.ପ. ପଂଚାୟତ ବିବେଚିତ ହୋଇଥିବା ପ୍ରତ୍ୟେକଙ୍କୁ ମାନପତ୍ର ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଏଥିସହିତ ଜିଲ୍ଲାରେ ଆଶାକର୍ମୀ ମାନଙ୍କର କାର୍ଯ୍ୟ ଦକ୍ଷତାକୁ ନିରୂପଣ କରି ଯଥାକ୍ରମେ ଯଶିପୁର ବ୍ଲକର ନୁହାମାଳିଆ ଗ୍ରାମର ଅଶାକର୍ମୀ ରାଉଁଦେ ସୋରେନ୍ ପ୍ରଥମ, ବେତନଟୀ ବ୍ଲକର ତାଳପଦା ଗ୍ରାମର ଆଶାକର୍ମୀ ସାକିଲା ବେଓ୍ୱା ଦ୍ୱିତୀୟ ଏବଂ ବିଜାତଳା ବ୍ଲକର ରାଇହରୀ ଗ୍ରାମର ଆଶା କର୍ମୀ ଗିତାଞ୍ଜଳୀ ନନ୍ଦ ଓ ଶାମାଖୁଣ୍ଟା ବ୍ଲକର ମହୁଲିଆ ଗ୍ରାମର ଆଶା କର୍ମୀ ଅହଲ୍ୟା ମହାନ୍ତ ତୃତୀୟ ବିବେଚିତ ହୋଇ ପୁରସ୍କାର ସ୍ୱରୂପ ଯଥା କ୍ରମେ ୧୨ ହଜାର, ୮ହଜାର ଓ ୫ହଜାର ଟଙ୍କା ଚେକ୍ ସହିତ ମାନପତ୍ର ପ୍ରଦାନ କରା ଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଡେପୁ୍ୟଟି ମେନେଜର ଆରସିଏଚ୍ ବିଶ୍ୱରଞ୍ଜନ ରାଉତ ପରିଚାଳନା କରିଥିବାବେଳେ ଶେଷରେ ଡିଏଲ୍‌ଓ ଡା.ସାନ୍ତନୁ କୁମାର ଦାସ ସମସ୍ତଙ୍କୁ ଅର୍ପଣ କରିଥିଲେ।

# ଭାରତ ବନ୍ଦରେ ବିକ୍ଷୋଭ କରି ଆମ ଅଧିକାର କର୍ମୀ ଗିରଫ

ଭୁବନେଶ୍ୱର,୨୬/୦୩ (ନି.ପ୍ର): ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆହୂତ ଭାରତ ବନ୍ଦକୁ ସମର୍ଥନ କରି ଆଜି ଆମ ଅଧିକାର ପକ୍ଷରୁ ନବୀନ ନିବାସ, ରାଜମହଲ ଛକ ଓ ଏଜି ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଳା କୃଷି ନୀତି ବାତିଲ ଦାବିରେ 'ଆମ ଅଧିକାର'ର କର୍ମକର୍ତାମାନେ ଫରେଷ୍ଟ ପାର୍କସ୍ଥିତ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ନବୀନ ନିବାସ ଅଭିମୁଖେ ଯାତ୍ରା କରିଥିଲେ। ଅଧାବାଟରେ ପୋଲିସ୍ ବାଧା ଦେବାରୁ ପୋଲିସ୍ ସହ ସେଠାରେ ଧସ୍ତାଧସ୍ତି ହୋଇଥିଲା। ପରେ ଶୋଭଯାତ୍ରା ରାଜମହଲ ଛକରେ ପହଂଚି ସେଠାରେ ରାସ୍ତାରୋକ କରାଯାଇଥିଲା। ଆମ ଅଧିକାରର ଆନ୍ଦୋଳନକୁ ସମର୍ଥନ ଜଣାଇ ଶ୍ରମିକ ସଂଗଠନ 'ବିଟୁ' ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇ ଏଜିଛକ ଅଭିମୁଖେ ଯାତ୍ରା କରିଥିଲା। ସେଠାରୁ ସଚିବାଳୟମାର୍ଗ ଦେଇ ଶୋଭଯାତ୍ରା ଯାଉଥିବା ସମୟରେ ପୋଲିସ୍ ରାସ୍ତା ଅବରୋଧ କରିବାରୁ କର୍ମୀମାନେ ରାସ୍ତାରେ ଶୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ଆବାହକ ଅମିୟ ପାଣ୍ଡବ, ମହାସଚିବ ଗଣେଶ ଦାଶ, ସମ୍ପାଦକ ପାର୍ଥସାରଥୀ ଜେନା, ମାନସ ସାହୁ ଏବଂ ବିଟୁ ପକ୍ଷରୁ ବିକ୍ରମ ନାୟକ ଓ ଦିଲ୍ଲୀପ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ଆନ୍ଦୋଳନରତ କୃଷକମାନଙ୍କୁ ସମର୍ଥନ ଜ୍ଞାପନ କରିଥିଲେ। କୃଷକ ବିରୋଧୀ କୃଷିନୀତି ସମ୍ପୂର୍ଣ୍ଣ ବାତିଲ ନହେବା ଯାଏ ଆନ୍ଦୋଳନ ବଳବ ର ରହିବ ବୋଲି ଘୋଷଣା କରିଥିଲେ। ସଞ୍ଜୟ ପରିଡ଼ା, ଜଗନ ସାହୁ, ସୁବାଷ କୁମାର ତାରଣିଆଁ, କ୍ରିଷ୍ଣା ଶତପଥୀ, ରାହୁଲ ମହାପାତ୍ର ଓ ବିଶ୍ୱଭୂଷଣ ମହାପାତ୍ର ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ। ପୋଲିସ୍ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଘଟଣାସ୍ଥଳରେ ଗିରଫ କରାଯାଇଥିଲା।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo